ଧରିତ୍ରୀ
DHARITRI
ବାଲେଶ୍ୱର, ସୋମବାର, ଅଗଷ୍ଟ ୨୪/୨୦୨୦ (୧୨ ପୃଷ୍ଠା) | Balasore, Monday, August 24/2020 | ★★★★
୪୬ଶ ଭାଗ ୨୬୯ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୫/-

# ଦ୍ୱନ୍ଦ୍ୱରେ ନେତୃତ୍ୱ ପରିବର୍ତ୍ତନ

**ନୂଆଦିଲ୍ଲୀ,୨୩।୮**

କଂଗ୍ରେସ କାର୍ଯ୍ୟକାରୀ କମିଟି (ସିଡବ୍ଲ୍ୟୁସି) ବୈଠକର ଅବ୍ୟବହିତ ପୂର୍ବରୁ ସୋନିଆ ଗାନ୍ଧୀ ଦଳର ଅନ୍ତରୀଣ ଅଧ୍ୟକ୍ଷ ପଦ ଛାଡ଼ିବାକୁ ଆଗ୍ରହ ପ୍ରକାଶ କରିଛନ୍ତି। ସୋମବାର ହେବାକୁ ଥିବା ସିଡବ୍ଲ୍ୟୁସି ବୈଠକରେ ସେ ଆନୁଷ୍ଠାନିକ ଭାବେ ଇସ୍ତଫା ଦେଇପାରନ୍ତି। କଂଗ୍ରେସର ୨୩ ଏମ୍‌ପି ଏବଂ ବରିଷ୍ଠ ନେତା ଦଳରେ ସଂସ୍କାର ଓ ସାଙ୍ଗଠନିକ ଢାଞ୍ଚାରେ ପରିବର୍ତ୍ତନ ଆଣିବା ଲାଗି ସୋନିଆଙ୍କ ନିକଟକୁ ଚିଠି ଲେଖିବା ପରେ ସେ ଏପରି ନିଷ୍ପତ୍ତି ନେଇଛନ୍ତି। ଉକ୍ତ ପତ୍ରର ଉତ୍ତରରେ ସୋନିଆ ଲେଖିଛନ୍ତି, ଗତବର୍ଷ ଅଗଷ୍ଟରେ ସେ ଦଳର ମଙ୍ଗ ଧରିଥିଲେ। ଅନ୍ତରୀଣ ଅଧ୍ୟକ୍ଷ ପଦରେ ରହିବା ବର୍ଷେ ପୂରିଗଲାଣି। ତେଣୁ ସେ କଂଗ୍ରେସ ଅଧ୍ୟକ୍ଷ ପଦ ଛାଡ଼ିଦେବେ। କଂଗ୍ରେସ ଏବେ ନୂଆ ନେତା ବାଛିବା ଉଚିତ। କଂଗ୍ରେସର ପୂର୍ବତନ ଅଧ୍ୟକ୍ଷ ରାହୁଲ


ସୋନିଆ ଗାନ୍ଧୀ

ଗାନ୍ଧୀଙ୍କୁ ପୁଣିଥରେ ଦଳର ମଙ୍ଗ ଧରିବାକୁ ସୁଯୋଗ ଦିଆଯାଉ ବୋଲି ଏକ ବଡ଼ ଗୋଷ୍ଠୀ ଚାହୁଁଥିବାରୁ ତାଙ୍କୁ ପୁନର୍ବାର ଏହି ଦାୟିତ୍ୱ ମିଳିପାରେ ବୋଲି ଚର୍ଚ୍ଚା ହେଉଛି। ତେବେ ରାହୁଲ ଓ ଗାନ୍ଧୀ ପରିବାର ପକ୍ଷରୁ ଏନେଇ କିଛି ସ୍ପଷ୍ଟ କରାଯାଇ ନାହିଁ। ସେପଟେ ଗାନ୍ଧୀ ପରିବାର ବାହାରୁ ଜଣେ ନେତାଙ୍କୁ କଂଗ୍ରେସ ଅଧ୍ୟକ୍ଷ କରାଯିବା ପାଇଁ ☞ପୃଷ୍ଠା–୪

**କଂଗ୍ରେସ ଅଧ୍ୟକ୍ଷ ପଦ ଛାଡ଼ିପାରନ୍ତି ସୋନିଆ**

- ନେତୃତ୍ୱ ପରିବର୍ତ୍ତନ ପାଇଁ ଚିଠି ଲେଖିଥିଲେ ୨୩ ନେତା
- ଆଜି ସିଡବ୍ଲ୍ୟୁସି ବୈଠକରେ ହୋଇପାରେ ନିଷ୍ପତ୍ତି
- ଅଧ୍ୟକ୍ଷ ପଦକୁ ଫେରିପାରନ୍ତି ରାହୁଲ ଗାନ୍ଧୀ
- ଗାନ୍ଧୀ ପରିବାରକୁ ଚ୍ୟାଲେଞ୍ଜ ହେଲେ ଭାଜପାକୁ ଫାଇଦା ମିଳିବ: ଅମରିନ୍ଦର

# ଲଗାତର ୪ ଦିନ ବଢ଼ିଲା ପେଟ୍ରୋଲ ଦର

- ରବିବାର ଲିଟର ପିଛା ୧୪ ପଇସା ବୃଦ୍ଧି

**ଭୁବନେଶ୍ୱର,୨୩।୮**

ଲଗାତର ୪ ଦିନ ଧରି ପେଟ୍ରୋଲ ଦର ବୃଦ୍ଧି ପାଇଛି। ରବିବାର ଭୁବନେଶ୍ୱରରେ ପେଟ୍ରୋଲ ଦର ୧୪ ପଇସା ବଢ଼ି ୮୨.୦୪ ଟଙ୍କା ଛୁଇଁଛି। ଏଠାରେ ଡିଜେଲ ଅପରିବର୍ତ୍ତିତ ୮୦.୦୩ ଟଙ୍କା ରହିଛି। ଗତ ରବିବାର ପେଟ୍ରୋଲ ଦର ୧୨ ପଇସା ବଢ଼ିଥିବାବେଳେ ସୋମବାର ୧୫ ପଇସା ଏବଂ ମଙ୍ଗଳବାର ୧୪ ପଇସା ବଢ଼ିଥିଲା। ବୁଧବାର ଦର ଅପରିବର୍ତ୍ତିତ ରହିଥିବାବେଳେ ଗୁରୁବାର ପୁଣି ପେଟ୍ରୋଲ ୧୦ ପଇସା, ଶୁକ୍ରବାର ୨୦ ପଇସା ଏବଂ ଶନିବାର ୧୬ ପଇସା ବୃଦ୍ଧି ପାଇଛି। ଗତ ୮ଦିନ ମଧ୍ୟରେ ପେଟ୍ରୋଲ ୭ ଥର ବଢ଼ିବା ଯୋଗୁ ୧ ଟଙ୍କାରୁ ଊର୍ଦ୍ଧ୍ୱ ଅତିରିକ୍ତ ଅର୍ଥ ଲୋକଙ୍କୁ ଦେବାକୁ ପଡୁଛି। ଅପରପକ୍ଷରେ ଗତ ୨୪ ଦିନ ହେବ ☞ପୃଷ୍ଠା–୪

**ଆଜିର ସମ୍ପାଦକୀୟ**

ଆଖିକୁ ଦିଶୁନାହାନ୍ତି

**ଆଜିର ମନ୍ତବ୍ୟ**

“ରାଜସ୍ଥାନର କଂଗ୍ରେସ ସରକାର କରୋନା ଲକ୍‌ଡାଉନ ବେଳେ ଲୋକଙ୍କୁ ସହାୟତା ନ ଦେଇ ବିଶ୍ୱାସଘାତ କରିଛି।

**-ଜେ.ପି. ନଡ୍ଡା, ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ**

# କରୋନା ମୃତ୍ୟୁ ୪ଶହ ଟପିଲା

**ଭୁବନେଶ୍ୱର, ୨୩।୮(ବ୍ୟୁରୋ)**

ମାର୍ଚ୍ଚ ୧୫ରେ ଭୁବନେଶ୍ୱରରୁ ରାଜ୍ୟର ପ୍ରଥମ କରୋନା ପଜିଟିଭ୍ ଚିହ୍ନଟ ହେବା ପରେ ରାଜ୍ୟବାସୀଙ୍କ ମନରେ ଛନକା ପଶିଥିଲା। ତା’ପରେ ସରକାର କଟକଣା ପରେ କଟକଣା ଲାଗୁ କରିଥିଲେ। ଲକ୍‌ଡାଉନ୍ ପର୍ଯ୍ୟନ୍ତ ସ୍ଥିତି ନିୟନ୍ତ୍ରଣରେ ଥିଲା। ହେଲେ କ୍ରମଶଃ କଟକଣା କୋହଳ ହେବା ପରେ ସଂକ୍ରମଣ ଭୟଙ୍କର ହେବାରେ ଲାଗିଲା। ଏବେ ରାଜ୍ୟରେ ରେକର୍ଡ ପରେ ରେକର୍ଡ ଭାଙ୍ଗୁଛି କରୋନା। ଗତ ସପ୍ତାହେ ହେଲା ସଂକ୍ରମଣ ୨ହଜାର ଉପରେ ରହୁଥିବାବେଳେ ଶେଷ ୨୪ ଘଣ୍ଟାରେ ୩ହଜାର ପାଖରେ ପହଞ୍ଚିଛି। ୩୦ ଜିଲାରୁ ୨୯୯୩ ନୂଆ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଫଳରେ ରାଜ୍ୟରେ ମୋଟ ଆକ୍ରାନ୍ତ ସଂଖ୍ୟା ୭୮,୫୩୦ରେ ପହଞ୍ଚିଛି। ସେହିଭଳି ମୃତ୍ୟୁ ସଂଖ୍ୟା ୪୦୦ ଟପିଲାଣି। ଗତ ୨୪ ଘଣ୍ଟାରେ ୧୦ଜଣଙ୍କ ଜୀବନ ନେଇଛି ଏହି ମହାମାରୀ। ଗଞ୍ଜାମ ଜିଲାରୁ ୩ଜଣ ଥିବାବେଳେ କଟକ ଓ ରାୟଗଡ଼ାରୁ ୨ଜଣ ଲେଖାଏ, ବଲାଙ୍ଗୀର, ଗଜପତି ଓ ନୟାଗଡ଼ରୁ ଜଣେ ଲେଖାଏ ଆକ୍ରାନ୍ତ କରୋନାରେ ଆଖି ବୁଜିଛନ୍ତି। ଏମାନଙ୍କୁ ମିଶାଇ ମୋଟ କରୋନାଜନିତ ମୃତ୍ୟୁ ସଂଖ୍ୟା ୪୦୯କୁ ବୃଦ୍ଧି ପାଇଛି। ସେପଟେ ସଂକ୍ରମଣରେ ଖୋର୍ଦ୍ଧା ଜିଲା ☞ପୃଷ୍ଠା–୪

**ଦିନକରେ ୨୯୯୩ ନୂଆ ପଜିଟିଭ୍, ୧୦ ମୃତ**

- ଖୋର୍ଦ୍ଧାରେ ସର୍ବାଧିକ ୬୦୬ ଚିହ୍ନଟ
- ରାଜ୍ୟର ଆକ୍ରାନ୍ତ ସଂଖ୍ୟା ୭୮,୫୩୦ରେ ପହଞ୍ଚିଲା
- ସଂକ୍ରମିତଙ୍କ ମଧ୍ୟରେ ୩୨% ମହିଳା, ୬୮% ପୁରୁଷ






**୨୦ ଶ୍ରମିକଙ୍କ ପାଇଁ ବିମାନ ଟିକେଟ**

କରୋନାଜନିତ ଲକ୍‌ଡାଉନ ବେଳେ ଦିଲ୍ଲୀର ଛତୁଚାଷୀ ତାଙ୍କ କ୍ଷେତରେ କାମ କରୁଥିବା ୧୦ ଶ୍ରମିକଙ୍କୁ ଗତ ମେ' ମାସରେ ବିମାନ ଯୋଗେ ବିହାର ପଠାଇଥିଲେ। ଏବେ ସେମାନଙ୍କ ସମେତ ବିହାରରୁ ଆଉ ୧୦ ଜଣ ଶ୍ରମିକଙ୍କୁ ନେବା ଲାଗି ପପ୍ପନ ସିଂ ନାମକ ଏହି ଛତୁଚାଷୀ ୨୦ଟି ବିମାନ ଟିକେଟ କିଣିଛନ୍ତି। ଏଥିପାଇଁ ସେ ଲକ୍ଷାଧିକ ଟଙ୍କା ବ୍ୟୟ କରିଛନ୍ତି।

## ଜଷ୍ଟିସ୍ ଗୋଗୋଇ ଭାଜପାର ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ହେବା ନେଇ ଚର୍ଚ୍ଚା


ଜଷ୍ଟିସ୍ ରଞ୍ଜନ ଗୋଗୋଇ

**ନୂଆଦିଲ୍ଲୀ, ୨୩।୮**

ଭାରତର ପୂର୍ବତନ ପ୍ରଧାନ ବିଚାରପତି ରଞ୍ଜନ ଗୋଗୋଇ ଆସନ୍ତା ବର୍ଷ ଆସାମ ବିଧାନସଭା ନିର୍ବାଚନରେ ଭାଜପାର ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ହେବେ ବୋଲି କଳ୍ପନାଜଳ୍ପନା ପ୍ରକାଶ ପାଇଥିଲା। ରବିବାର ସେ ଏହାକୁ ଖଣ୍ଡନ କରିଛନ୍ତି। ରାଜ୍ୟ ସଭାର ମନୋନୀତ ସଦସ୍ୟ ଥିବା ଜଷ୍ଟିସ୍ ଗୋଗୋଇ କହିଛନ୍ତି, ସେ ରାଜନେତା ନୁହନ୍ତି ଏବଂ ତାଙ୍କର ସେଭଳି ଇଚ୍ଛା ନାହିଁ। ତାଙ୍କ ସମ୍ପର୍କରେ ଏଭଳି କଳ୍ପନାଜଳ୍ପନା ହେବା ଠିକ୍ ନୁହେଁ। ରାଜ୍ୟ ସଭାର ମନୋନୀତ ସଦସ୍ୟ ଓ ରାଜନୈତିକ ଦଳର ପ୍ରତିନିଧି ଭାବେ ଉକ୍ତ ସଦନକୁ ନିର୍ବାଚିତ ହେବା ମଧ୍ୟରେ ପାର୍ଥକ୍ୟକୁ ଲୋକେ ବୁଝିପାରୁ ନ ଥିବା ଦୁର୍ଭାଗ୍ୟଜନକ ବୋଲି ପୂର୍ବତନ ସିଜେଆଇ କହିଛନ୍ତି।

# ୧୦ ଲକ୍ଷ ଏକର ଜଙ୍ଗଲ ପାଉଁଶ

## କାଲିଫର୍ନିଆ ନିଆଁ: ୫ ମୃତ, ଶତାଧିକ ନିଖୋଜ

**ସାନ୍ ଫ୍ରାନ୍‌ସିସ୍କୋ, ୨୩।୮**

ଆମେରିକାର କାଲିଫର୍ନିଆ ଜଙ୍ଗଲରେ ଲାଗିଥିବା ନିଆଁ ଭୟାବହ ରୂପ ନେଇଛି। ଏହି ବନାଗ୍ନି ମାତ୍ର ସପ୍ତାହେ ମଧ୍ୟରେ ୧୦ ଲକ୍ଷ ଏକର ଜଙ୍ଗଲକୁ ମାଡ଼ି ପାଉଁଶ କରିଦେଇଛି। ଅଗ୍ନିକାଣ୍ଡରେ ୫ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ଶତାଧିକ ଲୋକ ନିଖୋଜ ହୋଇଯାଇଛନ୍ତି। ଏହାସହ ହଜାର ହଜାର ଘର ଜଳିପୋଡ଼ି ଧ୍ୱଂସ ହୋଇଯାଇଛି। ଅଗ୍ନିଶମ ବାହିନୀ ନିଆଁକୁ ବ୍ୟାପିବାରୁ ରୋକିବା ପାଇଁ ଲଗାତର ଉଦ୍ୟମ ଚଳାଇଛନ୍ତି। ତେବେ ସପ୍ତାହାନ୍ତରେ ପାଣିପାଗ ବଦଳିଲେ ନିଆଁ ଆହୁରି ଦ୍ରୁତଗତିରେ ଅନ୍ୟ ଦିଗକୁ ବ୍ୟାପିବା ଆଶଙ୍କା କରାଯାଉଛି।

ସାନ୍ ଫ୍ରାନ୍‌ସିସ୍କୋ ଉପସାଗରୀୟ କ୍ଷେତ୍ରର ଦୁଇପଟେ ଲାଗିଥିବା ନିଆଁ ଆକାର ଦୃଷ୍ଟିରୁ କାଲିଫର୍ନିଆ ଇତିହାସରେ ବନାଗ୍ନିର ସବୁ ରେକର୍ଡ ଭାଙ୍ଗିଦେଇଛି। ଅଗଷ୍ଟ ୧୫ ପରଠାରୁ ୧୨,୦୦୦ରୁ ଅଧିକ ଥର ବଜ୍ରପାତ ହେଲାଣି। ଏଥିରେ ୫୦୦ରୁ ଅଧିକ ସ୍ଥାନରେ ନିଆଁ ଲାଗିଛି। ରାଜ୍ୟର ସବୁଠୁ ପୁରୁଣା ପାର୍କ ରେଡ୍‌ଉଡ୍ସ ଜଳିଯାଇଛି। ବର୍ତ୍ତମାନ ସୁଦ୍ଧା ୫ ଜଣଙ୍କ ଜୀବନ ଯାଇଛି। ଏଥିଯୋଗୁ ରାଜ୍ୟର ଦମକଳ ବାହିନୀର ଚିନ୍ତା ବଢ଼ିଯାଇଛି। ଏହି ଜରୁରୀ ସ୍ଥିତିରୁ ମୁକୁଳିବା ପାଇଁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଶନିବାର ସଂଘୀୟ ସହାୟତା ପ୍ରଦାନ ଲାଗି ଏକ ବଡ଼ ଘୋଷଣା କରିଛନ୍ତି। କାଲିଫର୍ନିଆ ଗଭର୍ନର ଗୋବିନ ନ୍ୟୁଜୋମ୍ ଏକ ବିବୃତିରେ କହିଛନ୍ତି, ଏହି ଘୋଷଣା ସଙ୍କଟ ସମୟରେ ନିଆଁ ପ୍ରଭାବିତ କାଉଣ୍ଟିର ଲୋକଙ୍କୁ ଘର ଓ ଅନ୍ୟ ସାମାଜିକ ସେବା ଯୋଗାଇଦେବାରେ ସହାୟକ ହେବ। ପରିବର୍ତ୍ତନଶୀଳ ପାଣିପାଗ ଯୋଗୁ ନୂଆ ସ୍ଥାନଗୁଡ଼ିକରେ ନିଆଁ ଲାଗିବା ଆଶଙ୍କା କରାଯାଉଛି। ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ଓ ସ୍ଥାନୀୟ ଅଧିକାରୀମାନେ ବିପଜ୍ଜନକ କ୍ଷେତ୍ରର ନିବାସୀଙ୍କୁ କୌଣସି ସମୟରେ ସୁରକ୍ଷିତ ସ୍ଥାନକୁ ଚାଲିଯିବା ପାଇଁ ସତର୍କ କରାଇଛନ୍ତି। ଅଗ୍ନିଶମ ଅଧିକାରୀମାନେ କହିଛନ୍ତି, ହାଲୁକା ପବନ, ଥଣ୍ଡା ଓ ଆର୍ଦ୍ରତା ବୃଦ୍ଧି ରାତିରେ କାମ କରିବା ପାଇଁ ସେମାନଙ୍କୁ ସୁବିଧା ହୋଇଛି। କିନ୍ତୁ ଗରମ, ଶୁଷ୍କ ପାଗ, ଖୁବ୍ ଜୋର୍‌ରେ ପବନ ବହିବା ଓ ବଜ୍ରପାତ ହେବ ବୋଲି ଅନୁମାନ କରାଯାଉଥିବାରୁ ସେମାନଙ୍କ ନିଆଁଲିଭା ଉଦ୍ୟମ ବାଧାପ୍ରାପ୍ତ ହୋଇପାରେ। ନ୍ୟାଶନାଲ ୱେଦର ସର୍ଭିସେସ୍ ପକ୍ଷରୁ ରବିବାର ସକାଳୁ ସୋମବାର ଅପରାହ୍ଣ ପର୍ଯ୍ୟନ୍ତ ଉପସାଗରୀୟ କ୍ଷେତ୍ର ଓ କେନ୍ଦ୍ରୀୟ ଉପକୂଳ ନିକଟରେ ଆହୁରି ଭୟଙ୍କର ନିଆଁ ଲାଗିବା ନେଇ ଚେତାବନୀ ଜାରି କରାଯାଇଛି।



## ନୂଆ ଶିକ୍ଷାନୀତି କାର୍ଯ୍ୟକାରୀ ଲାଗି ଶିକ୍ଷକଙ୍କଠାରୁ ପ୍ରସ୍ତାବ ଆହ୍ୱାନ

**ନୂଆଦିଲ୍ଲୀ, ୨୩।୮ (ପି.ଟି.)**

ନୂତନ ଜାତୀୟ ଶିକ୍ଷାନୀତି (ଏନ୍‌ଇପି) କାର୍ଯ୍ୟକାରୀ କରିବା ନିମନ୍ତେ କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟ ସାରା ଦେଶରୁ ସ୍କୁଲ୍ ଶିକ୍ଷକ ଓ ପ୍ରିନ୍ସିପାଲମାନଙ୍କଠାରୁ ପ୍ରସ୍ତାବ ଆହ୍ୱାନ କରିଛନ୍ତି। କେନ୍ଦ୍ରମନ୍ତ୍ରୀ ରମେଶ ପୋଖରିୟାଲ ନିଶଙ୍କ ରବିବାର ଏହି ସୂଚନା ଦେଇଛନ୍ତି। ଏନ୍‌ଇପି କାର୍ଯ୍ୟକାରିତାରେ ଶିକ୍ଷକମାନେ ମୁଖ୍ୟ ହୋଇଥିବାରୁ ସେମାନଙ୍କ ପରାମର୍ଶ ଲୋଡ଼ାଯାଇଥିବା ମନ୍ତ୍ରୀ ଟୁଇଟ୍ କରିଛନ୍ତି। ଭାରତକୁ ବିଶ୍ୱ ଜ୍ଞାନର ସୁପରପାୱାର କରିବା ଲକ୍ଷ୍ୟରେ ୩୪ ବର୍ଷର ପୁରୁଣା ଶିକ୍ଷାନୀତି ସ୍ଥାନରେ ନୂତନ ଶିକ୍ଷାନୀତି ଆଣିବା ଲାଗି ସରକାର ନିଷ୍ପତ୍ତି ନେଇଛନ୍ତି। ଫଳରେ ସ୍କୁଲ୍ ଓ ଉଚ୍ଚତର ଶିକ୍ଷା ବ୍ୟବସ୍ଥାରେ ବଡ଼ ସଂସ୍କାର ଆଣିବା ଲକ୍ଷ୍ୟ ରଖାଯାଇଛି। ୫ମ ଶ୍ରେଣୀ ପର୍ଯ୍ୟନ୍ତ ମାତୃଭାଷା କିମ୍ବା ଆଞ୍ଚଳିକ ଭାଷାରେ ଶିକ୍ଷାଦାନ ସାଙ୍ଗକୁ ବୋର୍ଡ ପରୀକ୍ଷା ବୋଝ କମାଇବା, ମେଡିକାଲ ଓ ଆଇନ ଶିକ୍ଷା ବ୍ୟତୀତ ଅନ୍ୟ ଉଚ୍ଚତର ଶିକ୍ଷାନୁଷ୍ଠାନ ପାଇଁ ଗୋଟିଏ ନିୟାମକ, ବିଶ୍ୱବିଦ୍ୟାଳୟଗୁଡ଼ିକ ପାଇଁ ଗୋଟିଏ ପ୍ରବେଶିକା ପରୀକ୍ଷା ଆଦି ସଂସ୍କାର ନୂତନ ଶିକ୍ଷାନୀତିରେ ରହିଛି। ବର୍ତ୍ତମାନ ପ୍ରଚଳିତ ୧୦+୨ ଢାଞ୍ଚା ବଦଳରେ ୫+୩+୩+୪ ପାଠ୍ୟକ୍ରମ ଢାଞ୍ଚା କାର୍ଯ୍ୟକାରୀ ହେବ। ଶିକ୍ଷାଦାନ ପ୍ରକ୍ରିୟା କିପରି ସରଳ ହୋଇପାରିବ ତାହା ଜାଣିବା ପାଇଁ ଶିକ୍ଷକମାନଙ୍କଠାରୁ ପ୍ରସ୍ତାବ ଆହ୍ୱାନ କରାଯାଇଥିବା କୁହାଯାଉଛି। ସବୁ ପ୍ରସ୍ତାବ ପହଞ୍ଚିବା ପରେ ଏନ୍‌ସିଇଆର୍‌ଟିର ବିଶେଷଜ୍ଞମାନଙ୍କର ଏକ ଟିମ୍ ଏହାକୁ ଅନୁଧ୍ୟାନ କରିବ। ଅଧିକରୁ ଅଧିକ ସ୍କୁଲ୍‌ର ଶିକ୍ଷକ ଯେପରି ପ୍ରସ୍ତାବ ପଠାଇବେ ସେଥିପାଇଁ ମନ୍ତ୍ରଣାଳୟର ଅନୁରୋଧକୁ ସେମାନଙ୍କ ପାଖରେ ପହଞ୍ଚାଇବା ପାଇଁ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳକୁ କୁହାଯାଇଛି।

## ଭାଜପା, ଜେଡିୟୁ, ଏଲ୍‌ଜେପି ଏକାଠି ଲଢ଼ିବେ

**ବିହାର ନିର୍ବାଚନ**

**ନୂଆଦିଲ୍ଲୀ, ୨୩।୮ (ପି.ଟି.)**


ଜେ.ପି. ନଡ୍ଡା

ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାରଙ୍କ ନେତୃତ୍ୱରେ ଏନ୍‌ଡିଏର ତିନି ଦଳ ଭାଜପା, ଜେଡିୟୁ ଏବଂ ଏଲ୍‌ଜେପି ଏକାଠି ବିଧାନସଭା ନିର୍ବାଚନ ଲଢ଼ିବେ ବୋଲି ରବିବାର ଭାଜପା ଅଧ୍ୟକ୍ଷ ଜେ.ପି. ନଡ୍ଡା ସ୍ପଷ୍ଟ କରିଦେଇଛନ୍ତି। ଆଗାମୀ ନିର୍ବାଚନରେ ଏନ୍‌ଡିଏ ନିଶ୍ଚୟ ବିଜୟୀ ହେବ ବୋଲି ସେ ଦୃଢ଼ତାର ସହ କହିଛନ୍ତି। ନୀତୀଶ କୁମାରଙ୍କ ଜେଡିୟୁ ଏବଂ ଚିରାଗ ପାଶ୍ୱାନଙ୍କ ନେତୃତ୍ୱାଧୀନ ଲୋକ ଜନଶକ୍ତି ପାର୍ଟି (ଏଲ୍‌ଜେପି) ମଧ୍ୟରେ ବାକ୍‌ଯୁଦ୍ଧ ଲାଗିରହିଥିବାବେଳେ ବିହାର ଭାଜପା କାର୍ଯ୍ୟକାରିଣୀ ବୈଠକକୁ ଭିଡିଓ କନ୍‌ଫରେନ୍ସ ଜରିଆରେ ଉଦ୍‌ବୋଧନ ଦେଇ ନଡ୍ଡା ଉପରୋକ୍ତ ମନ୍ତବ୍ୟ ଦେଇଛନ୍ତି। ତିନି ଦଳ ଯେତେବେଳେ ଏକାଠି ନିର୍ବାଚନ ଲଢ଼ିଛନ୍ତି, ଏନ୍‌ଡିଏ ବିଜୟୀ ହୋଇଛି ବୋଲି ସେ କହିଛନ୍ତି। ୨୦୧୯ ଲୋକ ସଭା ନିର୍ବାଚନରେ ଏହି ମେଣ୍ଟ ଗୋଟିଏ ଆସନକୁ ବାଦ୍ ଦେଇ ଅନ୍ୟ ସମସ୍ତ ଆସନ ଜିତିଥିଲା। କଂଗ୍ରେସ ବିହାର ସମେତ ସାରା ଦେଶରେ ଏକ ପ୍ରଭାବହୀନ ଶକ୍ତି। ଭାଜପା ଏକମାତ୍ର ଦଳ ଯାହା ଉପରେ ଲୋକଙ୍କ ଆଶା ଓ ଭରସା ରହିଛି ବୋଲି ନଡ୍ଡା କହିଥିଲେ। ବିରୋଧୀ ଦଳରେ ନା ନୀତି ଅଛି ନା ଲୋକଙ୍କ ସେବା କରିବାର ମାନସିକତା। ଏହି ଦଳ ଆଗକୁ ବଢ଼ିପାରିବ ନାହିଁ ବୋଲି ଭାଜପା ଅଧ୍ୟକ୍ଷ କହିଥିଲେ।

**ଜନ୍ମବାର୍ଷିକ ଶୁଭେଚ୍ଛା**



**ଆଦର୍ଶ**

ତୁମର ଆଗାମୀ ଚଲାପଥ କୁସୁମିତ ହେଉ, ଏହା ଆମର ଭଗବାନଙ୍କ ପାଖରେ ଗୁହାରି।

**-:ଶୁଭେଚ୍ଛା ସହ:-**

ମାମା, ପାପା, ଆଈ, ଦିଦି, ଗୁଡୁ ମାଉସୀ, ଚିନୁ ମାଉସୀ, ବର୍ଣ୍ଣି ମାମୁ, ଟିଟନ ମାମୁ, ଲିକୁ ମାମୁ, ମାଉସୀ ଏବଂ ମଉସା।

ଧ-୧୮୦୦୬

## ଟ୍ରମ୍ପଙ୍କ ପ୍ରଚାର ଭିଡିଓରେ ମୋଦି

**ୱାଶିଂଟନ, ୨୩।୮ (ପି.ଟି.)**

ନଭେମ୍ବର ୩ରେ ଅନୁଷ୍ଠିତ ହେବାକୁ ଯାଉଥିବା ଆମେରିକା ରାଷ୍ଟ୍ରପତି ନିର୍ବାଚନ ଲାଗି ଭାରତୀୟ ବଂଶୋଦ୍ଭବ ଭୋଟରଙ୍କୁ ଆକୃଷ୍ଟ କରିବା ନିମନ୍ତେ ରିପବ୍ଲିକାନ ପ୍ରାର୍ଥୀ ଡୋନାଲ୍ଡ ଟ୍ରମ୍ପ ପ୍ରଥମ ବ୍ୟବସାୟିକ ଭିଡିଓ ଉନ୍ମୋଚନ କରିଛନ୍ତି। ଏଥିରେ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବକ୍ତୃତା ଓ ଅହମଦାବାଦରେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଐତିହାସିକ ଭାଷଣର ଏକ ସଂକ୍ଷିପ୍ତ କ୍ଲିପ୍ ରହିଛି। ଚଳିତବର୍ଷ ଫେବୃୟାରୀରେ ଟ୍ରମ୍ପ ଭାରତ ଗସ୍ତରେ ଆସିଥିବାବେଳେ ଅହମଦାବାଦରେ ବିଶାଳ ଜନସମାବେଶକୁ ଉଦ୍‌ବୋଧନ ଦେଇଥିଲେ। ଟ୍ରମ୍ପଙ୍କ ସହ ଫାଷ୍ଟଲେଡି ମେଲାନିଆ, ଝିଅ ଇଭାଙ୍କା ଏବଂ ଜ୍ୱାଇଁ ଜାରେଡ୍ କୁଶ୍‌ନର ଭାରତ ଆସିଥିଲେ। ଭାରତ ସହ ଆମେରିକାର ସମ୍ପର୍କ ଅଧିକ ଦୃଢ଼ ହୋଇଛି। ଆମ ପ୍ରଚାର ଭିଡିଓ ୨୦ ଲକ୍ଷ ଭାରତୀୟ-ଆମେରିକୀୟଙ୍କୁ ପ୍ରଭାବିତ କରିବ ବୋଲି ଟ୍ରମ୍ପ ଭିକ୍ଟୋରି ଫାଇନାନ୍ସ କମିଟିର ଜାତୀୟ ଅଧ୍ୟକ୍ଷ କିମ୍ବେର୍‌ଲି ଗୁଲ୍‌ଫୋଏଲ୍ କହିଛନ୍ତି।

## ଆଇଏସ୍ ଆତଙ୍କବାଦୀଙ୍କ ପଛରେ ଆଇଏସ୍‌ଆଇ

**ନୂଆଦିଲ୍ଲୀ, ୨୩।୮:** ନୂଆଦିଲ୍ଲୀରୁ ଗିରଫ ହୋଇଥିବା ଆଇଏସ୍ ଆତଙ୍କବାଦୀ ଅବୁ ୟୁସୁଫଙ୍କର ଇଣ୍ଡିଆନ ମୁଜାହିଦ୍ଦିନର ଫେରାର ଆତଙ୍କବାଦୀ ୟୁସୁଫ-ଅଲ୍-ହିନ୍ଦୀଙ୍କ ସହ ସମ୍ପର୍କ ଥିଲା। ସେ ଆଫଗାନିସ୍ତାନରେ ଆଇଏସ୍‌ର ଖୋରାସାନ ମଡ୍ୟୁଲ୍‌କୁ ଚଳାଉଛନ୍ତି। ଏହାର ପାକିସ୍ତାନୀ ଗୋଇନ୍ଦା ସଂସ୍ଥା ଆଇଏସ୍‌ଆଇ ସହ ସମ୍ପର୍କ ରହିଥିବା ଏକ ସୂତ୍ରରୁ ଜଣାପଡ଼ିଛି। ଆଇଏସ୍‌ଆଇ ତରଫରୁ ଆଫଗାନିସ୍ତାନର ଉକ୍ତ ଆଇଏସ୍ ସଂଗଠନ ୟୁସୁଫଙ୍କୁ ଦିଲ୍ଲୀରେ ଆକ୍ରମଣ କରିବା ପାଇଁ ନିଯୁକ୍ତ କରିଥିବା କୁହାଯାଉଛି।

ଆତଙ୍କବାଦୀ ୟୁସୁଫଙ୍କ ଉତ୍ତରପ୍ରଦେଶ ବଳରାମପୁର ଘରୁ ଦିଲ୍ଲୀ ପୋଲିସ ଆଇଏସ୍ ପତାକା ସମେତ ବିପୁଳ ପରିମାଣର ବିସ୍ଫୋରକ ଜବତ କରିଛି। ତାଙ୍କ ଘରୁ ଦୁଇଟି ଜାକେଟରୁ ୭ଟି ବିସ୍ଫୋରକ ପ୍ୟାକେଟ ମିଳିଥିବା ପୋଲିସ କହିଛି। ଏହାବ୍ୟତୀତ ବିସ୍ଫୋରଣରେ ବ୍ୟବହାର ପାଇଁ ଥିବା ବିଭିନ୍ନ ସାମଗ୍ରୀ ଓ ସରଞ୍ଜାମ ମଧ୍ୟ ଜବତ କରାଯାଇଛି।



**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୨,୩୪,୫୬,୮୯୯ | ୮,୦୯,୯୮୨ | ୧,୫୯,୮୪,୮୭୫ |
| ଭାରତ | ୩୦,୭୯,୯୨୫ | ୫୬,୨୫୮ | ୨୩,୧୦,୯୨୨ |
| ଓଡ଼ିଶା | ୭୮,୫୩୦ | ୪୦୯(+୫୩) | ୫୪,୪୦୬ |

ରବିବାର ରାତି ୯ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

## ସଂକ୍ଷେପରେ

### ହୀରାକୁଦ ଡ୍ୟାମ୍: ୧୮ ଗେଟ୍ ଦେଇ ବନ୍ୟାଜଳ ନିଷ୍କାସନ

**ସମ୍ବଲପୁର, ୨୩।୮ (ବ୍ୟୁରୋ):** ସମ୍ବଲପୁର ହୀରାକୁଦ ଡ୍ୟାମ୍‌ର ଜଳସ୍ତର ରବିବାର ସନ୍ଧ୍ୟା ସୁଦ୍ଧା ୬୧୯.୪୭ ଫୁଟ ରହିଛି। ପ୍ରତି ସେକେଣ୍ଡରେ ଜଳଭଣ୍ଡାର ମଧ୍ୟକୁ ୨ ଲକ୍ଷ ୭୭ ହଜାର ୭୪୩ କ୍ୟୁସେକ ଜଳ ପ୍ରବେଶ କରୁଛି। ଡାହାଣ ପାର୍ଶ୍ୱର ୬ଟି ଓ ବାମ ପାର୍ଶ୍ୱର ୧୨ଟି ସ୍ଲୁଇସ୍ ଗେଟ, ବିଭିନ୍ନ କେନାଲ ଓ ପାୱାର ଚ୍ୟାନେଲ ଦେଇ ପ୍ରତି ସେକେଣ୍ଡରେ ଜଳଭଣ୍ଡାରରୁ ୨ ଲକ୍ଷ ୯୨ ହଜାର ୪୫ କ୍ୟୁସେକ ଜଳ ନିଷ୍କାସନ ହେଉଛି। ରିପୋର୍ଟ ଅନୁସାରେ, ବେଲଗାଁରେ ୩୦ ହଜାର ୫୦୦, ପଥର୍ଲାରେ ୭୧ ହଜାର ୩୪୦, ଖଇରମାଳରେ ୪ ଲକ୍ଷ ୬୦ ହଜାର, ବରମୁଲାରେ ୪ ଲକ୍ଷ ୮ ହଜାର, ମୁଣ୍ଡଲୀରେ ୪ ଲକ୍ଷ ୪୫ ହଜାର ୪୩୦ କ୍ୟୁସେକ ଜଳ ପ୍ରବାହିତ ହେଉଛି।

### ମାଓବାଦୀ ମାନୁଙ୍କ ଆତ୍ମସମର୍ପଣ

**ମାଲକାନଗିରି, ୨୩।୮ (ଡି.ଏନ୍.ଏ.):** ମାଲକାନଗିରି ଏସ୍.ପି. ହ୍ରିଷିକେଶ ଡି. ଖିଲାରିଙ୍କ ନିକଟରେ ରବିବାର ଜଣେ ହାର୍ଡକୋର ମାଓବାଦୀ ଆତ୍ମସମର୍ପଣ କରିଛନ୍ତି। ସେ ହେଉଛନ୍ତି ମହାଦେବ ମାଡକାମି ଓରଫ ମାନୁ। ତାଙ୍କ ଘର ଛତିଶଗଡ ରାଜ୍ୟ ଦାନ୍ତେୱାଡା ଜିଲା କାଙ୍କେରପରା ଗ୍ରାମରେ ବୋଲି ଏକ ଖବରଦାତା ସମ୍ମିଳନୀରେ ଏସ୍‌ପି ସୂଚନା ଦେଇଛନ୍ତି। ମାନୁ ୨୦୧୫ରେ ମାଓବାଦୀଙ୍କ ଦର୍ଭା ଡିଭିଜନ ଚଇତୁ ସୁରକ୍ଷା କମିଟିରେ ଯୋଗ ଦେଇଥିଲେ। ୨୦୧୯ରେ ମହୁପଦର ଏଲ୍.ଓ.ଏସ୍.ରେ କାର୍ଯ୍ୟ କରିଥିଲେ। ସରକାର ମାଓବାଦୀଙ୍କୁ ହଟାଇବା ଲାଗି ମାଲକାନଗିରି ଛତିଶଗଡ ସୀମାନ୍ତବର୍ତ୍ତୀ ତୁଳସୀ ପାହାଡର ଟେମୁରୁପାଲି, କର୍ତ୍ତନପାଲି, ତେନ୍ତୁଳିଗୁମ୍ମା ଓ ମହୁପଦରରେ ବିଏସ୍‌ଏଫ୍ କ୍ୟାମ୍ପ ପ୍ରତିଷ୍ଠା କରିବା, ସେମାନଙ୍କୁ ସମାଜର ମୁଖ୍ୟ ସ୍ରୋତକୁ ଫେରାଇ ଆଣିବା ନେଇ ଆହ୍ୱାନ ଦେବା ପରେ ଆତ୍ମସମର୍ପଣ କରିନ୍ତି ବୋଲି ମାନୁ କହିଛନ୍ତି।

# ଲଘୁଚାପ ଉଜାଡ଼ିବ ଚାଷ

**ଭୁବନେଶ୍ୱର, ୨୩।୮ (ବ୍ୟୁରୋ)**

## ଚିନ୍ତା, ଆଶଙ୍କାରେ ଚାଷୀ
- ଆଜିଠୁ ଆଉଏକ ଲଘୁଚାପ, ୩ଦିନ ପ୍ରବଳ ବର୍ଷା
- ଝଡ଼ତୋଫାନ, ବଜ୍ରପାତ ଓ ବନ୍ୟା ଆଶଙ୍କା
- ସତର୍କ ରହିବାକୁ ଜିଲାପାଳଙ୍କୁ ନିର୍ଦ୍ଦେଶ
- ୨୭ ପର୍ଯ୍ୟନ୍ତ ମତ୍ସ୍ୟଜୀବୀଙ୍କୁ ସମୁଦ୍ର ଯିବା ମନା

କରୋନା ମହାମାରୀ ଜୀବନକୁ ଅସ୍ତବ୍ୟସ୍ତ କରିଥିବାବେଳେ କ୍ରମାଗତ ଲଘୁଚାପ ବର୍ଷା ଚାଷ ପାଇଁ ବଡ଼ ବିପଦ ସୃଷ୍ଟି କରିଛି। ଅଗଷ୍ଟ ପ୍ରଥମ ସପ୍ତାହରୁ ଲଗାତର ୩ଟି ଲଘୁଚାପ ଯୋଗୁ ରାଜ୍ୟରେ ଅଧିକାଂଶ ଜିଲାରେ ଚାଷ ଜମି ଜଳମଗ୍ନ ରହିଛି। ଏପରିସ୍ଥିତିରେ ସୋମବାର ଉତ୍ତର-ପଶ୍ଚିମ ବଙ୍ଗୋପସାଗରରେ ଆଉଏକ ଲଘୁଚାପ ସୃଷ୍ଟି ହେବ ବୋଲି ପାଣିପାଗ ବିଭାଗ ଅନୁମାନ କରିଛି। ଏହାର ପ୍ରଭାବରେ ୨୭ତାରିଖ ପର୍ଯ୍ୟନ୍ତ ଉପକୂଳ ଏବଂ ଆଭ୍ୟନ୍ତରୀଣ ଓଡ଼ିଶାର ଅଧିକାଂଶ ଜିଲାରେ ଅତି ପ୍ରବଳ ବର୍ଷା ହେବ। କିଛି ସ୍ଥାନରେ ଝଡ଼ତୋଫାନ ସହ ବଜ୍ରପାତ ହେବ। ତଳି ଅଞ୍ଚଳ ବୁଡ଼ିବା ସହ ବନ୍ୟା ପରିସ୍ଥିତି ସୃଷ୍ଟି ହେବ। ପାଣିପାଗ ବିଭାଗର ଏହି ପୂର୍ବାନୁମାନ ସତ ହେଲେ ଅଧିକାଂଶ ଜିଲାରେ ଧାନ ଚାଷ ଧୋଇଯିବା ସମ୍ଭାବନା ରହିଛି। ଏନେଇ ସତର୍କ କରାଯିବା ପରେ ଚାଷୀକୂଳରେ ଚିନ୍ତା ବଢ଼ିଛି।

ଜୁନ୍ ୧୧ରେ ଦକ୍ଷିଣ-ପଶ୍ଚିମ ମୌସୁମୀ ରାଜ୍ୟକୁ ପ୍ରବେଶ କରିବା ପରେ କିଛି ପରିମାଣ ବର୍ଷା ହୋଇଥିଲା। ଏଥିଯୋଗୁ ଚାଷ କାର୍ଯ୍ୟ ଆରମ୍ଭ ହୋଇଥିଲା। ହେଲେ ଜୁଲାଇରେ ମୌସୁମୀ ସମ୍ପୂର୍ଣ୍ଣ ଉଭାନ୍ ହୋଇଯାଇଥିଲା। ଫଳରେ ଅନେକ ଜିଲାରେ ମରୁଡ଼ି ଆଶଙ୍କା ଦେଖାଦେଇଥିଲା। ସ୍ୱତନ୍ତ୍ର ରିଲିଫ କମିଶନର (ଏସ୍‌ଆର୍‌ସି) କାର୍ଯ୍ୟାଳୟରୁ ମିଳିଥିବା ସୂଚନା ଅନୁଯାୟୀ, ଜୁନ୍‌ରେ ସ୍ୱାଭାବିକ ବୃଷ୍ଟିପାତଠାରୁ ୯.୩% ଅଧିକ ବର୍ଷା ହୋଇଥିବାବେଳେ ଜୁଲାଇରେ ୩୪.୯% କମ୍ ରହିଥିଲା। ତେବେ ଲଘୁଚାପ ଯୋଗୁ ଅଗଷ୍ଟରେ ଏ ପର୍ଯ୍ୟନ୍ତ ୪୫.୨%ରୁ ଅଧିକ ବର୍ଷା ହୋଇଛି। ୧୭ ଜିଲାରେ ସାଧାରଣ ବୃଷ୍ଟିପାତଠାରୁ ୧୯% ଅଧିକ ବର୍ଷା ହୋଇଥିବାବେଳେ ୪ ଜିଲାରେ ସ୍ୱାଭାବିକ ବୃଷ୍ଟିପାତ ହୋଇଛି। ୬ ଜିଲାରେ ସ୍ୱାଭାବିକ ବୃଷ୍ଟିପାତଠାରୁ ୧୦୫ରୁ ୧୭୬% ଅଧିକ ହୋଇଛି। କେବଳ ନୂଆପଡ଼ା ଜିଲାରେ ୩୧.୯% ନିଅଣ୍ଟିଆ ବର୍ଷା ରେକର୍ଡ କରାଯାଇଛି। ରାଜ୍ୟରେ ଚାଷ ପାଇଁ ଅନୁକୂଳ ପାଗ ରହିଛି। ଇତିମଧ୍ୟରେ ଚାଷୀମାନେ ରୁଆ ବେଉଷଣ କାର୍ଯ୍ୟ ଶେଷ କରିଦେଇଛନ୍ତି। ତେବେ ବର୍ଷା ଓ ବନ୍ୟା ଚାଷ ପରିସ୍ଥିତିକୁ ଆହୁରି ବିଗାଡ଼ିବ ବୋଲି ଆଶଙ୍କା ପ୍ରକାଶ ପାଇଛି।

ସମ୍ଭାବ୍ୟ ଲଘୁଚାପ ଯୋଗୁ ଆସନ୍ତା ୨୪ ତାରିଖ ରାତିରୁ ବାଲେଶ୍ୱର, ଭଦ୍ରକ, ଜଗତ୍‌ସିଂହପୁର, କେନ୍ଦ୍ରାପଡ଼ା, କଟକ, ଯାଜପୁର, ଢେଙ୍କାନାଳ, କେନ୍ଦୁଝର, ସୁନ୍ଦରଗଡ଼, ଦେବଗଡ଼, ଝାରସୁଗୁଡ଼ା, ପୁରୀ ଏବଂ ଅନୁଗୋଳ ଜିଲାରେ ପ୍ରବଳ ବର୍ଷିବ। ୨୫ରେ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର, କଟକ, ମୟୂରଭଞ୍ଜ, କେନ୍ଦୁଝର ଏବଂ ଢେଙ୍କାନାଳ ଜିଲାରେ ଅତି ପ୍ରବଳ ବର୍ଷା ହେବ। ତଳିଆ ଅଞ୍ଚଳରେ ପାଣି ଜମିବା ସହିତ କିଛି ଜାଗାରେ ବନ୍ୟା ପରିସ୍ଥିତି ଦେଖାଯିବ। ଏଥିସହିତ କଚ୍ଚାଘର ଭାଙ୍ଗିବ ଏବଂ ପାହାଡ଼ିଆ ଅଞ୍ଚଳରେ ଭୂସ୍ଖଳନ ହେବାର ଆଶଙ୍କା ରହିଥିବାରୁ ଏସବୁ ଜିଲାକୁ ଅରେଞ୍ଜ ୱାର୍ନିଂ ଦିଆଯାଇଛି। ସେହିପରି ୨୬ରେ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର, କଟକ, ମୟୂରଭଞ୍ଜ, ଢେଙ୍କାନାଳ, ସମ୍ବଲପୁର, ଦେବଗଡ଼, କେନ୍ଦୁଝର ଏବଂ ଅନୁଗୋଳ ଜିଲାରେ ଅତି ପ୍ରବଳ ବର୍ଷା ହେବ। ୨୭ ତାରିଖରେ ଝାରସୁଗୁଡ଼ା, ବରଗଡ଼, ସୁନ୍ଦରଗଡ଼, ଦେବଗଡ଼, ସମ୍ବଲପୁର, ଅନୁଗୋଳ, କେନ୍ଦୁଝର, ମୟୂରଭଞ୍ଜ, ସୁବର୍ଣ୍ଣପୁର, ବୌଦ୍ଧ ଏବଂ ବଲାଙ୍ଗୀର ଜିଲାରେ ପ୍ରବଳରୁ ଅତିପ୍ରବଳ ବର୍ଷା ହେବ ବୋଲି ପାଣିପାଗ ବିଭାଗ ସତର୍କ ସୂଚନା ଜାରି କରିଛି। ୨୫ରୁ ୨୭ ତାରିଖ ପର୍ଯ୍ୟନ୍ତ ସମୁଦ୍ରକୁ ନ ଯିବା ଲାଗି ମତ୍ସ୍ୟଜୀବୀଙ୍କୁ ସତର୍କ କରାଯାଇଛି। ସମସ୍ତ ଜିଲାର ଜିଲାପାଳମାନଙ୍କୁ ସତର୍କ ରହିବା ପାଇଁ ଏସ୍‌ଆର୍‌ସିଙ୍କ କାର୍ଯ୍ୟାଳୟ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ଜିଲାଗୁଡ଼ିକରେ ୨୪ଘଣ୍ଟିଆ କଣ୍ଟ୍ରୋଲ ରୁମ୍ ଖୋଲିବା ସହିତ ଲଘୁଚାପ ବର୍ଷାଜନିତ ସମସ୍ତ ତଥ୍ୟ ପ୍ରଦାନ କରିବାକୁ କୁହାଯାଇଛି। ଅନ୍ୟପକ୍ଷରେ ଶେଷ ୨୪ ଘଣ୍ଟା ମଧ୍ୟରେ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ହୋଇଥିବା ଆଞ୍ଚଳିକ ପାଣିପାଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

# ଆସିବ ୬୫ ହଜାର କୋଟିର ଜାତୀୟ ମାଷ୍ଟର ପ୍ଲାନ୍

**ନୂଆଦିଲ୍ଲୀ, ୨୩।୮**

## ଯୋଡ଼ି ହେବ ୨୦୦ ଇକୋନୋମିକ ଜୋନ୍

ଦେଶର ୨୦୦ ଇକୋନୋମିକ ଜୋନ୍‌କୁ ଯୋଡିବା ଲାଗି ସରକାର ମାଷ୍ଟର ପ୍ଲାନ୍ ପ୍ରସ୍ତୁତ କରୁଛନ୍ତି। ଏହି ଯୋଜନାକୁ ଚୂଡାନ୍ତ ରୂପରେଖ ପ୍ରଦାନ କରିବା ଲାଗି ପ୍ରାୟ ୬୫ ହଜାର କୋଟି ଟଙ୍କା ବିନିଯୋଗ ହୋଇପାରେ। ଅର୍ଥନୈତିକ ଜୋନଗୁଡିକୁ ମଲ୍ଟି ମୋଡାଲ ସଂଯୋଗ ସୁବିଧା ଉପଲବ୍ଧ କରାଯିବ। ଯୋଜନା ଅନ୍ତର୍ଗତ ରାଜପଥ, ରେଲୱେ, ଜାହାଜ ଚଳାଚଳ ଏବଂ ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ ବିସ୍ତୃତ ରୋଡମ୍ୟାପ୍ ପ୍ରସ୍ତୁତ କରୁଛନ୍ତି। ଏହି ଅର୍ଥନୈତିକ ଜୋନ ମଧ୍ୟରେ ଫୁଡ ଏବଂ ଆଗ୍ରୋ ଜୋନ, ପ୍ରତିରକ୍ଷା, ଇଲେକଟ୍ରୋନିକ୍ସ, ବୟନ, ଫାର୍ମା ଏବଂ ଫିସିଂ ପାର୍କ ସାମିଲ ରହିଛି।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହି ଯୋଜନାର ପ୍ରସ୍ତୁତିକୁ ନେଇ ଏକ ସମୀକ୍ଷା କରିଛନ୍ତି। ଇକୋନୋମିକ ଜୋନଗୁଡିକୁ ଯୋଡିବା ଲାଗି ବର୍ତ୍ତମାନ ବିଭିନ୍ନ ସମସ୍ୟା ଦେଖାଯାଉଛି। ଏହା କମ୍ପାନୀଗୁଡିକ ଲାଗି ସମସ୍ୟା ସୃଷ୍ଟି କରୁଥିବା ବେଳେ ଘରୋଇ ବଜାରର ଇଜ୍ ଅଫ୍ ଡୁଇଂ ବିଜ୍‌ନେସ ଏବଂ ଅଭିବୃଦ୍ଧିକୁ ପ୍ରଭାବିତ କରୁଛି। ସାମଗ୍ରୀ, ସେବା ତଥା ଲୋକମାନଙ୍କର ନିରନ୍ତର ଯାତ୍ରା ସୁବିଧାକୁ ନୂଆ ପଦକ୍ଷେପ ଦ୍ୱାରା ଅଗ୍ରାଧିକାର ପ୍ରଦାନ କରିବାକୁ ଲକ୍ଷ୍ୟ ରଖାଯାଇଛି। ଏ କ୍ଷେତ୍ରରେ ରହିଥିବା ଅଧିକାଂଶ ସମସ୍ୟାକୁ ଦୂରୀକରଣ ଦିଗରେ କାର୍ଯ୍ୟପନ୍ଥା ମଧ୍ୟ ହାତକୁ ନିଆଯିବ। ଧାର୍ଯ୍ୟ ସମୟ ସୀମା ମଧ୍ୟରେ ଏହି ଯୋଜନାକୁ ଆଗକୁ ବଢାଇବାକୁ ଲକ୍ଷ୍ୟ ରଖାଯାଇଥିବା ପ୍ରକ୍ରିୟା ସହ ଜଡିତ ଜଣେ ବରିଷ୍ଠ ଅଧିକାରୀ ସୂଚନା ଦେଇଛନ୍ତି।

# ସିଲାବସ୍ ହ୍ରାସ ପାଇଁ ପ୍ରକ୍ରିୟା ଶେଷ

**ଭୁବନେଶ୍ୱର, ୨୩।୮ (ବ୍ୟୁରୋ)**

## ଅଗଷ୍ଟ ଶେଷ ସୁଦ୍ଧା ହେବ ଘୋଷଣା: ମନ୍ତ୍ରୀ

କରୋନା ସଙ୍କଟ ପାଇଁ ପିଲାଙ୍କ ପାଠପଢ଼ା ବୋଝକୁ ହାଲୁକା କରାଯିବ। ୨୦୨୦-୨୦୨୧ ଶିକ୍ଷାବର୍ଷ ପାଇଁ ପ୍ରଥମରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ପାଠ୍ୟକ୍ରମ ହ୍ରାସ କରାଯିବ। ଏ ନେଇ ସମସ୍ତ ପ୍ରକ୍ରିୟା ଶେଷ ହୋଇଛି। ଆସନ୍ତା ଏକ ସପ୍ତାହ ମଧ୍ୟରେ ନୂତନ ସିଲାବସ୍ ପ୍ରକାଶ ପାଇବ ବୋଲି ରବିବାର ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ କହିଛନ୍ତି।

ସେ କହିଛନ୍ତି, ଖୁବ୍‌ଶୀଘ୍ର ସିଲାବସ୍ ହ୍ରାସକୁ ନେଇ ଛାତ୍ରୀଛାତ୍ରଙ୍କ ଦ୍ୱନ୍ଦ୍ୱ ଦୂର ହେବ। ସିଲାବସ୍ ସମ୍ପର୍କରେ ବିଭାଗୀୟ ସଚିବଙ୍କ ଦ୍ୱାରା ଯାଞ୍ଚ ଚାଲିଛି। ଇତିମଧ୍ୟରେ ବିଶେଷଜ୍ଞ କମିଟି ରିପୋର୍ଟ ଦେଇଛି। ତେବେ କେତେ ପ୍ରତିଶତ ସିଲାବସ୍ କମିବ, ଏଯାଏ ନିଷ୍ପତ୍ତି ହୋଇନାହିଁ। ସିବିଏସ୍‌ଇ ସିଲାବସ୍ କାଟିବା ପରେ କିଛି ବିଷୟକୁ ନେଇ ଦ୍ୱନ୍ଦ୍ୱ ଥିଲା। ତାହା ଉପରେ ନଜର ରଖାଯାଇଛି। କେତେ ପ୍ରତିଶତ ସିଲାବସ୍ କମିବ, ତାହା ସ୍କୁଲ ଖୋଲିବା ଉପରେ ନିର୍ଭର କରୁଛି ବୋଲି ମନ୍ତ୍ରୀ କହିଛନ୍ତି।

ସୂଚନାଯୋଗ୍ୟ, ସିବିଏସ୍‌ଇ ବୋର୍ଡ ୩୦% ସିଲାବସ୍ କମାଇଥିବାବେଳେ ସିଆଇଏସ୍‌ସିଇ ବୋର୍ଡ ୨୫% କମାଇଛି। ଏହାକୁ ଆଧାର କରି ରାଜ୍ୟ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ମଧ୍ୟ ସମସ୍ତ ୧୨ଟି ଶ୍ରେଣୀର ପାଠ୍ୟକ୍ରମରେ ୩୦% କମାଇବାକୁ ସ୍ଥିର କରିଛି। ପ୍ରଥମରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ପାଠ୍ୟକ୍ରମ ହ୍ରାସ ପାଇଁ ୩ଟି ବୋର୍ଡ (ପରିଷଦ)କୁ ଦାୟିତ୍ୱ ଦିଆଯାଇଥିଲା। ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଏସ୍‌ସିଇଆର୍‌ଟିକୁ ସିଲାବସ୍ କମାଇବା ପାଇଁ କୁହାଯାଇଥିବା ବେଳେ ନବମ ଓ ଦଶମ ଶ୍ରେଣୀ ପାଇଁ ମାଧ୍ୟମିକ ଶିକ୍ଷା ପରିଷଦ ଏବଂ ଏକାଦଶ ଓ ଦ୍ୱାଦଶ ଶ୍ରେଣୀ ପାଇଁ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦକୁ ଦାୟିତ୍ୱ ଦିଆଯାଇଥିଲା। ଏହା ଭିତରେ ସମସ୍ତ ୩ଟି ବୋର୍ଡର ବିଶେଷଜ୍ଞ ଟିମ୍ ସିଲାବସ୍ ହ୍ରାସ କରି ବିଭାଗକୁ ହସ୍ତାନ୍ତର କରିସାରିଥିବା ଜଣାପଡ଼ିଛି।

# ‘ନୂଆଁଖାଇ ଜୁହାର’ ଜଣାଇଲେ ଉପରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର, ୨୩।୮ (ବ୍ୟୁରୋ)**

ପଶ୍ଚିମଓଡ଼ିଶାର ବଡ ପର୍ବ ନୂଆଁଖାଇ ଅବସରରେ ସବୁଆଡୁ ଶୁଭେଚ୍ଛାର ସୁଅ ଛୁଟିବାରେ ଲାଗିଛି। ଉପରାଷ୍ଟ୍ରପତି ଭେଙ୍କାୟା ନାଇଡୁ ମଧ୍ୟ ଶୁଭେଚ୍ଛା ଜଣାଇ ଟୁଇଟରେ ଉଲ୍ଲେଖ କରିଛନ୍ତି ଯେ, ନୂଆଁଖାଇ ଜୁହାର। ଓଡିଶାର ପ୍ରାଚୀନ ଗଣପର୍ବ ନୂଆଁଖାଇରେ ନୂଆ ଖାଦ୍ୟଶସ୍ୟର ପୂଜା କରାଯାଏ। ଏହି ପର୍ବରେ ଆମେ ଚାଷୀଭାଇଙ୍କ ପରିଶ୍ରମକୁ ସମ୍ମାନ ଜଣେଇବା ସହିତ ନୂଆ ଶସ୍ୟ ଅମଳରେ ଆନନ୍ଦ ମନାଇଥାଉ। ଏହି ପର୍ବ ମନୁଷ୍ୟ ସହିତ ପ୍ରକୃତିର ଅତୁଟ ସମ୍ପର୍କକୁ ପ୍ରତିପାଦିତ କରିଥାଏ। ନୂଆଁଖାଇ ସମସ୍ତଙ୍କ ଜୀବନରେ ସୁଖ, ଶାନ୍ତି ଓ ସମୃଦ୍ଧି ଭରିଦେଉ ବୋଲି ସେ ଉଲ୍ଲେଖ କରିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଟୁଇଟ୍ କରି ଉଲ୍ଲେଖ କରିଛନ୍ତି ଯେ, ଆମ ଚାଷୀ ଭାଇମାନଙ୍କ କଠିନ ପରିଶ୍ରମର ଉତ୍ସବ ହେଉଛି ପବିତ୍ର ନୂଆଁଖାଇ। ସେମାନଙ୍କ ଝାଳବୁହା ପରିଶ୍ରମ କାରଣରୁ ଆମ ଦେଶକୁ ଅନ୍ନ ମିଳୁଛି। ଏହି ବିଶେଷ ଦିବସରେ ସମସ୍ତଙ୍କ ଉନ୍ନତି ଏବଂ ଉତ୍ତମ ସ୍ୱାସ୍ଥ୍ୟ କାମନା କରୁଛି। ଏହାସହ ନୂଆଁଖାଇ ଜୁହାର ମଧ୍ୟ ସେ ଜଣାଇଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଧ୍ୟ ନୂଆଁଖାଇ ଜୁହାର ଜଣାଇଛନ୍ତି। ସେ ଟୁଇଟ୍‌ରେ ଉଲ୍ଲେଖ କରିଛନ୍ତି ଯେ, ନୂଆଁ ଧାନ ସଙ୍ଗେ ନୂଆଁ ଆଶା ନେଇକି ଏହି ଭାଇଚାରା ପର୍ବ ପାଳନ କରାଯାଇଥାଏ। ଏହି ଅବସରରେ ସମସ୍ତଙ୍କ ସୁଖ ଓ ସମୃଦ୍ଧି କାମନା କରୁଛି ବୋଲି ସେ କହିଛନ୍ତି।



## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................


ଚନ୍ଦ୍ରଜିତ୍
ପରିବାରବର୍ଗ


ଲିସା
ପରିବାରବର୍ଗ


ଆଦର୍ଶ
ପରିବାରବର୍ଗ


ଲାଲା
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# କଟକଣା ମଧ୍ୟରେ ହେବ ସିନେମା, ସିରିୟଲ୍ ଶୁଟିଂ

**ନୂଆଦିଲ୍ଲୀ, ୨୩।୮(ପି.ଟି.)**

କରୋନା ମହାମାରୀ ଯୋଗୁ ଦୀର୍ଘଦିନ ହେଲା ସିନେମା ଓ ଟିଭି ସିରିଏଲ ଶୁଟିଂ ବନ୍ଦ ରହିଥିଲାବେଳେ ଏହାକୁ ପୁଣି ଥରେ ଆରମ୍ଭ କରିବା ଲାଗି କେନ୍ଦ୍ର ସରକାର ଅନୁମତି ଦେଇଛନ୍ତି। ତେବେ କେତେକ କଟକଣା ମଧ୍ୟରେ ଶୁଟିଂ କରିବା ପାଇଁ ରବିବାର କେନ୍ଦ୍ର ପକ୍ଷରୁ ଷ୍ଟାଣ୍ଡାର୍ଡ ଅପରେଟିଂ ପ୍ରୋସିଡିଓର (ଏସ୍‌ଓପି) ଜାରି ହୋଇଛି। ଶୁଟିଂ ସେଟରେ ସାମାଜିକ ଦୂରତ୍ୱ ରକ୍ଷା କରାଯିବା ସହ ସମସ୍ତଙ୍କ ପାଇଁ ଫେସ୍‌ମାସ୍କ ବାଧ୍ୟତାମୂଳକ ହେବ। ତେବେ କ୍ୟାମେରା ସମ୍ମୁଖରେ ଅଭିନେତା ଓ ଅଭିନେତ୍ରୀମାନେ ମାସ୍କ ପିନ୍ଧିବେ ନାହିଁ। ସୂଚନା ଓ ପ୍ରସାରଣ ମନ୍ତ୍ରୀ ପ୍ରକାଶ ଜାଭଡେକର ଏହି ଏସ୍‌ଓପି ଘୋଷଣା କରିଛନ୍ତି। ମହାମାରୀ ଯୋଗୁ ସିନେମା ଓ ଟିଭି ଶିଳ୍ପର ବହୁ ଲୋକ କାମଧନ୍ଦା ହରାଇଛନ୍ତି। ସିରିଏଲ ଶୁଟିଂ ପୁନଃ ଆରମ୍ଭ ହେବା ଦ୍ୱାରା ସେମାନଙ୍କୁ କାମ କରିବାର ସୁଯୋଗ ମିଳିବ ବୋଲି ମନ୍ତ୍ରୀ ଜାଭଡେକର କହିଛନ୍ତି। ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଓ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ସହ ପରାମର୍ଶ ପରେ ଏସ୍‌ଓପି ଚୂଡ଼ାନ୍ତ ହୋଇଛି।

ଏସ୍‌ଓପି ଅନୁଯାୟୀ କୋଭିଡ୍ କଣ୍ଟେନ୍‌ମେଣ୍ଟ ଜୋନ୍‌ରେ ଶୁଟିଂ କରାଯିବ ନାହିଁ। ସେହିପରି ବୟସ୍କ କର୍ମଚାରୀ, ଗର୍ଭବତୀ କର୍ମଚାରୀ ଏବଂ ଯେଉଁମାନଙ୍କର ଅନ୍ୟ ରୋଗ ରହିଛି ସେମାନଙ୍କ ପ୍ରତି ଅଧିକ ସାବଧାନତା ଗ୍ରହଣ କରାଯିବାକୁ କୁହାଯାଇଛି। ସ୍ୱାସ୍ଥ୍ୟ ମନ୍ତ୍ରଣାଳୟର ମାର୍ଗଦର୍ଶନ ଅନୁଯାୟୀ ସେମାନଙ୍କୁ ସର୍ବସାଧାରଣଙ୍କ ପ୍ରତ୍ୟକ୍ଷ ସମ୍ପର୍କରେ ଆସିବାକୁ ଦିଆଯିବ ନାହିଁ। ଶୁଟିଂ ସ୍ଥାନ, ସାଉଣ୍ଡ ରେକର୍ଡିଂ ଷ୍ଟୁଡିଓ ଏବଂ ଏଡିଟିଂ ପ୍ରକୋଷ୍ଠରେ ସବୁବେଳେ ଯେତେଦୂର ସମ୍ଭବ ୬ ଫୁଟ ଦୂରତା ବଜାୟ ରଖିବାକୁ ହେବ। ସେଟଅପ୍, କ୍ୟାମେରା ସ୍ଥାନ, କ୍ରିଉ ସଦସ୍ୟମାନଙ୍କ ସ୍ଥିତି, ଆସନ ବ୍ୟବସ୍ଥା, ଖାଦ୍ୟ ଓ କ୍ୟାଟରିଂ ବ୍ୟବସ୍ଥା ସବୁକିଛି ସାମାଜିକ ଦୂରତା ନିୟମାବଳୀକୁ ଦୃଷ୍ଟିରେ ରଖି ପ୍ରସ୍ତୁତ କରିବାକୁ ହେବ। ଶୁଟିଂ ସମୟରେ ସର୍ବନିମ୍ନ କାଷ୍ଟ ଓ କ୍ରିଉ ସଦସ୍ୟଙ୍କୁ ନେବା ଲାଗି ଏସ୍‌ଓପିରେ କୁହାଯାଇଛି। ସେଟ୍‌ରେ ଦର୍ଶକଙ୍କୁ ଅନୁମତି ମିଳିବ ନାହିଁ। ଆଉଟଡୋର ଶୁଟିଂ ବେଳେ ସ୍ଥାନୀୟ କର୍ତ୍ତୃପକ୍ଷଙ୍କ ସହଯୋଗ ନେଇ ଯେତେଦୂର ସମ୍ଭବ ଦର୍ଶକ କମାଇବାକୁ ପ୍ରଡକ୍ସନ ଟିମ୍‌କୁ ପରାମର୍ଶ ଦିଆଯାଇଛି। ବିଶ୍ରାମ ସମୟରେ କିମ୍ବା ସେଟ୍‌ରେ ରହଣି ବେଳେ ମଧ୍ୟ ଦୂରତ୍ୱ ଗାଇଡ୍‌ଲାଇନକୁ ମାନିବାକୁ ହେବ। ଏକାଧିକ ସେଟ୍ ଥିବା ଷ୍ଟୁଡିଓ ବିଭିନ୍ନ ପ୍ରଡକ୍ସନ ୟୁନିଟ ପାଇଁ ପ୍ୟାକ୍‌ଅପ୍ ସମୟ ସ୍ଥିର କରିବେ। ଶୁଟିଂ ସ୍ଥାନ ଓ ଅନ୍ୟ କାର୍ଯ୍ୟସ୍ଥଳରେ ନିର୍ଦ୍ଦିଷ୍ଟ ପ୍ରବେଶ ଓ ପ୍ରସ୍ଥାନ ପଥ ରହିବ। ସେଟ୍ କାଫେଟେରିଆ, ମେକ୍‌ଅପ୍ ରୁମ୍, ସମ୍ପାଦନା ପ୍ରକୋଷ୍ଠ, ଭାନିଟି ଭ୍ୟାନ୍, ୱାଶରୁମ୍ ଆଦିକୁ ନିୟମିତ ସାନିଟାଇଜ୍ କରାଯିବ। ଶୁଟିଂ ଆରମ୍ଭ ପୂର୍ବରୁ ଓ ପରେ ସାନିଟାଇଜ୍ କରିବା ଲାଗି ଏସ୍‌ଓପିରେ କୁହାଯାଇଛି। କର୍ମଚାରୀଙ୍କ ନିରାପତ୍ତାକୁ ଗୁରୁତ୍ୱ ଦେଇ ସେମାନଙ୍କୁ ଗ୍ଲୋଭ୍ସ, ବୁଟ୍, ମାସ୍କ, ପିପିଇ କିଟ୍ ଆଦି ଯୋଗାଇଦେବାକୁ ପରାମର୍ଶ ଦିଆଯାଇଛି। ସିନେମା ଓ ଟିଭି କାର୍ଯ୍ୟକ୍ରମ ସହ ଲକ୍ଷ ଲକ୍ଷ ଲୋକଙ୍କ ଜୀବିକା ନିର୍ଭର କରୁଥିବାରୁ ଅର୍ଥନୈତିକ ଦୃଷ୍ଟିରୁ ଶୁଟିଂ ପାଇଁ ଅନୁମତି ଦିଆଯିବା ଗୁରୁତ୍ୱପୂର୍ଣ୍ଣ। ସମସ୍ତେ ଏହାକୁ ଗ୍ରହଣ କରିବେ ଓ ସବୁ ରାଜ୍ୟ କାର୍ଯ୍ୟକାରୀ କରିବେ ବୋଲି ଜାଭଡେକର ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି।


ପ୍ରକାଶ ଜାଭଡେକର

**ଏସ୍‌ଓପି ଜାରି କଲା କେନ୍ଦ୍ର**
- କଣ୍ଟେନ୍‌ମେଣ୍ଟ ଜୋନ୍‌ରେ ହେବନାହିଁ ଶୁଟିଂ
- ୬ ଫୁଟ୍‌ର ଦୂରତା ବାଧ୍ୟତାମୂଳକ


ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତାଙ୍କ ବାସଭବନରେ ମୟୂରକୁ ଖାଦ୍ୟ ଦେଉଥିବାର ଭିଡିଓ ସୋସିଆଲ ମିଡିଆରେ ପୋଷ୍ଟ କରିଛନ୍ତି।

## ଠିକ୍ ସମୟରେ ହେବ ବିହାର ନିର୍ବାଚନ

**ନୂଆଦିଲ୍ଲୀ, ୨୩।୮(ପି.ଟି.)**

ବିହାର ବିଧାନସଭା ନିର୍ବାଚନ ଠିକ୍ ସମୟରେ ଅନୁଷ୍ଠିତ ହେବ ବୋଲି ନିର୍ବାଚନ କମିଶନ ସୂତ୍ରରୁ ସୂଚନା ମିଳିଛି। କରୋନା ମହାମାରୀକୁ ଦୃଷ୍ଟିରେ ରଖି ନିର୍ବାଚନ ସ୍ଥଗିତ ରଖିବା ଲାଗି କେତେକ ରାଜନୈତିକ ଦଳ ପକ୍ଷରୁ ଦାବି କରାଯାଇଥିଲା। ୨୪୩ ଆସନ ବିଶିଷ୍ଟ ବିହାର ବିଧାନସଭାର କାର୍ଯ୍ୟକାଳ ନଭେମ୍ବର ୨୯ରେ ଶେଷ ହେବାକୁ ଯାଉଛି। ଅକ୍ଟୋବର-ନଭେମ୍ବର ମାସର କୌଣସି ସମୟରେ ନିର୍ବାଚନ ହୋଇପାରେ ବୋଲି ସୂଚନା ମିଳିଛି। ରାଜ୍ୟର ମୁଖ୍ୟ ବିରୋଧୀ ଦଳ ଆର୍‌ଜେଡି ମହାମାରୀ ବେଳେ ନିର୍ବାଚନ କରାଇବାର ଆବଶ୍ୟକତାକୁ ନେଇ ପ୍ରଶ୍ନ ଉଠାଇଛି। ସେହିପରି ଶାସକ ଏନ୍‌ଡିଏର ସହଯୋଗୀ ଦଳ ଲୋକ ଜନଶକ୍ତି ପାର୍ଟି ନିର୍ବାଚନ ସ୍ଥଗିତ ରଖିବାକୁ ଇସିଙ୍କୁ ଅନୁରୋଧ କରିଛି। ସେହିପରି ଏନ୍‌ସିପି ଏବଂ ନ୍ୟାଶନାଲ ପିପୁଲ୍ସ ପାର୍ଟି ମଧ୍ୟ ନିର୍ବାଚନ ସ୍ଥଗିତ ରଖାଯିବାକୁ ଚାହୁଁଥିଲେ।

## ଦ୍ୱନ୍ଦ୍ୱରେ ନେତୃତ୍ୱ ... ପ୍ରଥମ ପୃଷ୍ଠାରୁ...

ମଧ୍ୟ ଦଳରେ ଦାବି ଜୋର୍ ଧରିଥିବାରୁ ନେତୃତ୍ୱ ପରିବର୍ତ୍ତନ ନେଇ ଦ୍ୱନ୍ଦ୍ୱ ସୃଷ୍ଟି ହେବାରେ ଲାଗିଛି। କଂଗ୍ରେସର ସର୍ବୋଚ୍ଚ ନିଷ୍ପତ୍ତି ଗ୍ରହଣକାରୀ ସିଡବ୍ଲ୍ୟୁସିର ଏକ ଭର୍ଚୁଆଲ ମିଟିଂ ବା ଭିଡିଓ କନ୍‌ଫରେନ୍ସ ଜରିଆରେ ବୈଠକ ସୋମବାର ପୂର୍ବାହ୍ନ ୧୧ଟାରେ ବସିବ ବୋଲି ଏଆଇସିସି ସାଧାରଣ ସମ୍ପାଦକ କେ.ସି. ବେଣୁଗୋପାଳ ସୂଚନା ଦେଇଛନ୍ତି। ଦଳୀୟ ନେତାମାନେ ଉଠାଇଥିବା ସାଙ୍ଗଠନିକ ପ୍ରସଙ୍ଗଗୁଡ଼ିକ ସମ୍ପର୍କରେ ଆଲୋଚନା ପାଇଁ ଏହା ଡକାଯାଇଛି। ବୈଠକରେ ସୋନିଆ ଅନ୍ତରୀଣ ଅଧ୍ୟକ୍ଷ ପଦରୁ ଇସ୍ତଫା ଘୋଷଣା କରିବେ, ଯଦ୍ୱାରା ଦଳର ନେତାମାନେ ଅନ୍ୟ ଜଣଙ୍କୁ ଅଧ୍ୟକ୍ଷ ବାଛିବା ସୁବିଧା ହେବ ବୋଲି କୁହାଯାଉଛି। ଏ ସମ୍ପର୍କରେ କଂଗ୍ରେସ ଭିତରେ ଭିନ୍ନ ଭିନ୍ନ ପ୍ରକାର ମତ ପ୍ରକାଶ ପାଇବାରେ ଲାଗିଛି। କେତେକଙ୍କ ମତରେ ରାହୁଲ ଗାନ୍ଧୀଙ୍କ ନେତୃତ୍ୱକୁ କେହି ଚ୍ୟାଲେଞ୍ଜ କରୁନାହାନ୍ତି। ତେବେ ଅଧ୍ୟକ୍ଷ ପଦ ପାଇଁ ଆଉ ଯେଉଁ ନେତାଙ୍କ ନାମ ଆଗକୁ ଅଣାଗଲେ ଅନ୍ୟମାନେ ତାଙ୍କୁ ବିରୋଧ କରିବେ। ଅନ୍ୟ କେତେକ ମହଲରେ ଆଲୋଚନା ହେଉଛି ଯେ, ରାହୁଲ ନିଜେ କେ.ସି. ବେଣୁଗୋପାଳଙ୍କ ନାମ ପ୍ରସ୍ତାବ ଦେଇପାରନ୍ତି। ଏପରି ସମୟରେ ସମସ୍ତେ ନିଜ ନିଜ ରଣନୀତି ପ୍ରସ୍ତୁତିରେ ଲାଗିଛନ୍ତି। ସିଡବ୍ଲ୍ୟୁସି ନିର୍ବାଚନ ପାଇଁ ନିଷ୍ପତ୍ତି ନେଲେ ଏହି ପ୍ରସଙ୍ଗକୁ ଶୀତଳଭଣ୍ଡାରକୁ ପଠାଇ ଦିଆଯାଇପାରେ। ଇତିମଧ୍ୟରେ କଂଗ୍ରେସର ବରିଷ୍ଠ ମ୍ୟାନେଜରମାନେ ଦଳର ଅସନ୍ତୁଷ୍ଟ ନେତାମାନଙ୍କ ପାଖକୁ ଯାଇ ମନାଇବାରେ ଲାଗିଛନ୍ତି। ରାଜ୍ୟ ସଭା ସଦସ୍ୟ ପି.ଏଲ୍. ପୁନିଆ କହିଛନ୍ତି, ରାହୁଲ କଂଗ୍ରେସ ଅଧ୍ୟକ୍ଷ ହୁଅନ୍ତୁ ବୋଲି ଆମେ ଚାହୁଁଛୁ। ତାଙ୍କୁ ଫେରାଇ ଆଣିବା ପାଇଁ ଅନେକ ନେତା ଇଚ୍ଛା ପ୍ରକାଶ କରିଛନ୍ତି। ସଲମାନ୍ ଖୁର୍ସିଦଙ୍କ ମତରେ ରାହୁଲ ଅଧ୍ୟକ୍ଷ ପଦରେ ରୁହନ୍ତୁ କି ନ ରୁହନ୍ତୁ ତାଙ୍କ ସପକ୍ଷରେ କଂଗ୍ରେସ ନେତା ଓ କର୍ମୀଙ୍କ ପୂର୍ଣ୍ଣ ସମର୍ଥନ ରହିଛି।

ନିକଟରେ ସୋନିଆଙ୍କ ନିକଟକୁ ପଠାଯାଇଥିବା ପତ୍ରରେ ଭାଜପାର ଉତ୍‌ଥାନ ନେଇ ଚିନ୍ତା ପ୍ରକଟ କରାଯାଇଛି। ସାରା ଦେଶରେ ଭାଜପାକୁ ମୁକାବିଲା କରିବାରେ କଂଗ୍ରେସ ବିଫଳ ହୋଇଥିବା ଦର୍ଶାଯାଇ ଜଣେ ପୂର୍ଣ୍ଣକାଳୀନ ଅଧ୍ୟକ୍ଷ ନିଯୁକ୍ତ କରାଯିବା ଉପରେ ଗୁରୁତ୍ୱ ଦିଆଯାଇଛି। ନେତୃତ୍ୱ ତୃଣମୂଳ ସ୍ତରରେ ପ୍ରଭାବଶାଳୀ ଓ ଦୃଶ୍ୟମାନ ହେବା ଉଚିତ। କଂଗ୍ରେସ ଏବେ କେବଳ ପ୍ରେସ୍ କନ୍‌ଫରେନ୍ସ ଓ ଟୁଇଟ୍‌ରେ ନିଜକୁ ସୀମିତ କରି ରଖିଛି ବୋଲି ଉକ୍ତ ଚିଠିରେ ସ୍ୱାକ୍ଷର କରିଥିବା ଜଣେ ନେତା ନିଜ ନାମ ଗୋପନ ରଖିବା ସର୍ତ୍ତରେ ପ୍ରକାଶ କରିଛନ୍ତି। ପତ୍ରର ସ୍ୱାକ୍ଷରକାରୀଙ୍କ ମଧ୍ୟରେ ଗୁଲାମନବୀ ଆଜାଦ, ଆନନ୍ଦ ଶର୍ମା, କପିଲ ଶର୍ମା, ଜିତିନ ପ୍ରସାଦ ଓ ମୁକୁଲ ୱାସ୍‌ନିକ, ଶଶୀ ଥରୁର, ମନୀଷ ତିୱାରୀ, ରାଜ ବବ୍ବରଙ୍କ ସମେତ ପୂର୍ବତନ ମୁଖ୍ୟମନ୍ତ୍ରୀ ଭୁପିନ୍ଦର ସିଂ ହୁଡା, ବୀରାପ୍ପା ମୋଇଲି, ରାଜିନ୍ଦର କୌର ଭଟ୍ଟଲ ଓ ପୃଥ୍ୱୀରାଜ ଚୌହାନ ପ୍ରମୁଖ ରହିଥିବା ଦଳୀୟ ସୂତ୍ରରୁ ପ୍ରକାଶ। ଅନ୍ୟପକ୍ଷରେ ଗାନ୍ଧୀ ପରିବାରକୁ ଚ୍ୟାଲେଞ୍ଜ କରିବା ପାଇଁ ଚାଲିଥିବା ଉଦ୍ୟମକୁ ପଞ୍ଜାବ ମୁଖ୍ୟମନ୍ତ୍ରୀ ଅମରିନ୍ଦର ସିଂ ବିରୋଧ କରିଛନ୍ତି। ଏପରି ପ୍ରସଙ୍ଗ ଉଠାଇବା ପାଇଁ ବର୍ତ୍ତମାନ ପ୍ରକୃଷ୍ଟ ସମୟ ନୁହେଁ ଏବଂ ଏହାଦ୍ୱାରା ଭାଜପା ଲାଭବାନ ହେବ ବୋଲି ଅମରିନ୍ଦର କହିଛନ୍ତି।

ଇତିମଧ୍ୟରେ ସୋନିଆ ଗାନ୍ଧୀ କଂଗ୍ରେସ ଅନ୍ତରୀଣ ଅଧ୍ୟକ୍ଷ ପଦରୁ ଇସ୍ତଫା ଦେଇଥିବା ନେଇ କେତେକ ଗଣମାଧ୍ୟମରେ ରିପୋର୍ଟ ପ୍ରକାଶ ପାଇବା ପରେ ଏଆଇସିସି ମୁଖପାତ୍ର ରଣଦୀପ ସୁର୍ଜେୱାଲା ଏହାର ଜବାବ ରଖିଛନ୍ତି। ସୁର୍ଜେୱାଲା କହିଛନ୍ତି, ସୋନିଆ କୌଣସି ନେତାଙ୍କ ସହ କଥା ହୋଇନାହାନ୍ତି କି କାହାକୁ ଚିଠି ଲେଖିନାହାନ୍ତି। ଏହାକୁ ଆମେ ଦୃଢ଼ ଭାବେ ଖଣ୍ଡନ କରୁଛୁ।

## କରୋନା ମୃତ୍ୟୁ ...

ଆଉ ଏକ ନୂଆ ରେକର୍ଡ କରିଛି। ନୂଆ ଆକ୍ରାନ୍ତଙ୍କ ମଧ୍ୟରୁ ଖୋର୍ଦ୍ଧା ଜିଲାରୁ ସର୍ବାଧିକ ୬୦୬ ଜଣ ରହିଛନ୍ତି। ଏହା ତଳକୁ ଗଞ୍ଜାମରେ ୨୭୧, କଟକ ୧୫୮, ପୁରୀ ୧୫୬, ନୟାଗଡ଼ ୧୫୩, ରାୟଗଡ଼ା ୧୩୭, ଯାଜପୁର ୧୨୧, ମୟୂରଭଞ୍ଜ ୧୨୦, ବାଲେଶ୍ୱର ୧୧୫, ସମ୍ବଲପୁର ୧୦୪, ବରଗଡ଼ ୯୮, କୋରାପୁଟ ୯୫, ଭଦ୍ରକ ୯୨, ମାଲକାନଗିରି ୮୫, ସୁନ୍ଦରଗଡ଼ ୭୦, ନବରଙ୍ଗପୁର ୬୮, କେନ୍ଦୁଝର ୬୩, ବଲାଙ୍ଗୀର ୬୨, ଢେଙ୍କାନାଳ ୬୦, କନ୍ଧମାଳ ୫୮, ଜଗତ୍‌ସିଂହପୁର ୪୬, ଝାରସୁଗୁଡ଼ା ଓ ଗଜପତିରୁ ୪୩ଜଣ ଲେଖାଏ, ସୁବର୍ଣ୍ଣପୁର ୪୦, ଅନୁଗୋଳ ୨୧, ନୂଆପଡ଼ା ୧୧, ଦେବଗଡ଼ ଓ ବୌଦ୍ଧରୁ ୯ଜଣ ଲେଖାଏ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏମାନଙ୍କ ମଧ୍ୟରେ ୧,୮୭୯ଜଣଙ୍କୁ କ୍ୱାରାଣ୍ଟାଇନ ସେଣ୍ଟରରୁ ଚିହ୍ନଟ କରାଯାଇଥିବାବେଳେ ୧,୧୧୪ଜଣ ସ୍ଥାନୀୟ ଆକ୍ରାନ୍ତ ରହିଥିବା ରାଜ୍ୟ ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ କୁହାଯାଇଛି। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ତଥ୍ୟ ଅନୁସାରେ, ରାଜ୍ୟରେ ଏପର୍ଯ୍ୟନ୍ତ ୧୩,୦୨,୭୧୧ ନମୁନା ପରୀକ୍ଷା ହୋଇଥିବାବେଳେ ୬.୦୩% ରିପୋର୍ଟ ପଜିଟିଭ୍ ରହିଛି। ଗତ ୨୪ ଘଣ୍ଟାରେ ୬୮,୯୦୬ ନମୁନା ପରୀକ୍ଷା ହୋଇଥିଲା ସେଥି ମଧ୍ୟରୁ ୨୯୯୩ଟି ପଜିଟିଭ ବାହାରିଥିଲା। ତେବେ ଅଦ୍ୟାବଧି ରାଜ୍ୟର ମୋଟ ଆକ୍ରାନ୍ତଙ୍କ ମଧ୍ୟରେ ୩୨% ମହିଳା ଓ ୬୮% ପୁରୁଷ ସଂକ୍ରମିତ ହୋଇଛନ୍ତି। ୧୫ରୁ ୪୦ବର୍ଷ ମଧ୍ୟରେ ସର୍ବାଧିକ ୪୪,୩୦୦ ଆକ୍ରାନ୍ତ ରହିଥିବାବେଳେ ୦ରୁ ୧୪ବର୍ଷ ମଧ୍ୟରେ ୪,୪୮୯ଜଣ, ୪୧ରୁ ୬୦ବର୍ଷ ମଧ୍ୟରେ ୨୩,୩୭୧ ଏବଂ ୬୦ବର୍ଷରୁ ଊର୍ଦ୍ଧ୍ୱ ବର୍ଷ ବୟସ ମଧ୍ୟରେ ୬,୩୭୦ଜଣ ସଂକ୍ରମିତ ହୋଇଥିବା ଉକ୍ତ ତଥ୍ୟରୁ ଜଣାପଡ଼ିଛି।

## ଲଗାତର ୪ ଦିନ ...

ଡିଜେଲ ଦରରେ କୌଣସି ପରିବର୍ତ୍ତନ ଆସିନାହିଁ। ମେଟ୍ରୋ ସହରଗୁଡ଼ିକ କଥା ବିଚାରକୁ ନେଲେ ରବିବାର ପେଟ୍ରୋଲ ୧୨ରୁ ୧୪ ପଇସା ବଢ଼ିଛି। ନୂଆଦିଲ୍ଲୀରେ ପେଟ୍ରୋଲ ୧୪ ପଇସା ବଢ଼ିଥିବା ବେଳେ ଦର ୮୧.୪୯ ଟଙ୍କା ରହିଛି। ସେହିଭଳି ଚେନ୍ନାଇରେ ପେଟ୍ରୋଲ ୧୨ ପଇସା ବଢ଼ି ୮୪.୫୨ ଟଙ୍କା, କୋଲକାତାରେ ୧୪ ପଇସା ବୃଦ୍ଧି ପାଇ ୮୩.୦୧ ଟଙ୍କା ଏବଂ ମୁମ୍ବାଇରେ ୧୪ ପଇସା ବଢ଼ି ୮୮.୧୬ ଟଙ୍କା ଛୁଇଁଛି। ମେଟ୍ରୋ ସହରଗୁଡ଼ିକରେ ଡିଜେଲ ଦରରେ କୌଣସି ପରିବର୍ତ୍ତନ ଦେଖାଯାଇନାହିଁ। ଜୁନ୍ ୨୯ ପରଠାରୁ ପେଟ୍ରୋଲ ଦରରେ କୌଣସି ପରିବର୍ତ୍ତନ ହୋଇ ନ ଥିଲା। ହେଲେ ଅଗଷ୍ଟ ୧୬ ପରଠାରୁ ଦରରେ ପୁଣି ପରିବର୍ତ୍ତନ ହେଉଛି। ବର୍ତ୍ତମାନ ଦେଶର ବିଭିନ୍ନ ପ୍ରାନ୍ତରେ ତେଲ ଦର ଭିନ୍ନ ଭିନ୍ନ ରହୁଥିବା ନଜରକୁ ଆସିଛି। ଅଶୋଧିତ ତେଲ ଦର ବୃଦ୍ଧି ଏବଂ ବିଦେଶୀ ବିନିମୟକୁ ନଜରରେ ରଖି ଦର ନିର୍ଦ୍ଧାରଣ ହେଉଥିବାରୁ ତେଲର ରିଟେଲ ଦରରେ ଭିନ୍ନତା ପରିଲକ୍ଷିତ ହେଉଛି। ରାଷ୍ଟ୍ରାୟତ୍ତ କମ୍ପାନୀ ଇଣ୍ଡିଆନ ଅଏଲ, ଭାରତ ପେଟ୍ରୋଲିୟମ ଏବଂ ହିନ୍ଦୁସ୍ତାନ ପେଟ୍ରୋଲିୟମ ଭଳି କମ୍ପାନୀଗୁଡ଼ିକ ତେଲ ଦରରେ ପରିବର୍ତ୍ତନକୁ ପ୍ରତିଦିନ ସକାଳ ୬ଟାରେ ଲାଗୁ କରୁଛନ୍ତି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ପିତଳ ଗୁଣାକୁ ନାକ ଟାଉଁ ଟାଉଁ**
**ସୁନା ଗୁଣା ହେଲେ ହୁଅନ୍ତୁ କେତେ।**
ନାକରେ ସାମାନ୍ୟ ପିତଳ ଗୁଣା ଟିକେ ପିନ୍ଧି ଦେଖେଇହେବାରେ ମୂଲ୍ୟ କିଛି ମିଳି ନ ଥାଏ। ନିଃସ୍ୱ ବ୍ୟକ୍ତିଙ୍କ ପକ୍ଷେ ଏପରି ଫୁଲାଣିଆ ଭାବ ଭଙ୍ଗୀ ଶୋଭା ପାଉ ନ ଥିବା ସ୍ଥଳେ ସାମାନ୍ୟ ଅଳଙ୍କାର ଟିକେ ପିନ୍ଧି ଅନ୍ୟ ଆଗରେ ନିଜର ବୃଥା ଆତ୍ମବଡ଼ିମା ଦେଖେଇ ହେଉଥିବା ମହିଳା ପ୍ରତି ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

**ପର ପୁଅ ମାନ କଲା**
**ଆପଣା ସେରକ ହାନି କଲା।**
ସାଧାରଣତଃ ନିଜ ଲୋକ ଉପରେ ରାଗରୁଷା ତଥା ମାନ ଅଭିମାନ ଶୋଭାପାଇ ଥାଏ। କିନ୍ତୁ ଯିଏ ପର ତା' ଉପରେ ଏପରି ମାନ ଅଭିମାନ କରିବାରେ କିଛି ମୂଲ୍ୟ ମିଳି ନ ଥାଏ। ପର ଉପରେ ବୃଥା ଅଭିମାନ କରି ନିଜର କ୍ଷତି ଘଟାଇବା ସାର ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ,ପ୍ରବଚନ ଓ ଅନ୍ୟାନ୍ୟ – ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ


# classifieds Everyday
0674-2580101, 2549302

real estate

SALE

Ready to move 3/2 BHK Flats near V2 Showroom, Patrapada, Bhubaneswar, 9861037729 / 9040337729. D-63981

Fully developed residential gharabari plot at Phulnakhara connected to 200'road side East Engineering College, 500mtrs from Trinath Bazar Market Complex-9439889903. D-69144

ଭୁବନେଶ୍ୱର, ମଞ୍ଚେଶ୍ୱର, ହଂସପାଳ, ପାହାଳ, କେଶୁରାରେ ଘର କଲାଭଳି ଘରବାରି boundary plot ମିଳୁଅଛି। 8249728525, 9090142564. D-69146

Plot sale near AIIMS Hospital, Bhubaneswar with 30' road. 9439206202. D-69143

Bhubaneswar ସୁନ୍ଦରପଦାରେ ଫ୍ଲାଟ୍ କିଣି ଆଜି ଘର କରନ୍ତୁ। sqft. 950/. 9938016295. D-69145

Flats sale Jagannathdham Puri, cost 1250. lakhs with fully furnished Bhulaxmi Team. 7978230118, 9668060081. D-69142

healthcare

Monalisa massage club : All types body massage with hiprofile smart lady rooms service available 9708545108. D-18023

Newly open SPA centre smart therapist body massage, Bamikhal. 7205187702. D-59957

Newly open SPA centre smart therapist body massage, Rasulgarh. 7846814019. D-59958

Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

Newly open full body massage SPA in Bhubaneswar. Contact: 7205058838. D-69720

Swarna SPA newly open positively health benefits with expert therapist. 7873794731. D-69721

Herbal full body massage by smart / expert therapist. Contact: 8338067247. D-69719

Get refreshment body massage by expert therapist contact for. 9556978408. D-69722

business

୧୨୫୦ ଟଙ୍କାରେ ୧ବର୍ଷ ପାଇଁ ମୋବାଇଲ୍ ରିଚାର୍ଜ କରି ପ୍ରତିଦିନ ୨୨୫୦ income ଚାହୁଁଥିଲେ। 9439493164. D-69147

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

LOST

I Sahabuddin Mollah S/o- Jaynal Abddin Mollah have lost my Saledeed No-15220 (05.09.2009), Plot.No-482, Khata.No-158, Mouza-Bhubaneswar Sahar unit-33 dated: 05.08.2020 between Jharapada & Bomikhal. If anybody finds it kindly contact Laxmisagar PS or me-9861013365. D-69613

I Gurubhej Singh Gurudutta, S/o. Lt Pratap Singh Gurudutta, At- Khariar Road, Ward No.18, PO- Jonk, Dist. Nuapada have lost the Sale deed vide No. 832/94 of Khata No. 281/226, Plot No. 443, 439, 381 somewhere while I was moving from Khariar Road to Nuapada. D-18024

ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ**
ମଙ୍ଗଳଙ୍କ ସପ୍ତମରେ ଚନ୍ଦ୍ର ଯୋଗୁ ଆଜିର ଯାତ୍ରାରେ ଅଭିଳଷିତ ଫଳ ପାଇବେ। ସତର୍କତା ଅଭାବରୁ ଧନହାନି ଘଟିବାର ସୂଚନା ରହିଛି। କୌଣସି ବିଜାତୀୟ ବ୍ୟକ୍ତିର ଶତ୍ରୁତା ହେତୁ କୌଣସି କାମ ଶୃଙ୍ଖଳିତ ଭିତ୍ତିରେ ହୋଇପାରିବ ନାହିଁ। ବ୍ୟବସାୟ କ୍ଷେତ୍ର, କଳା, ଗବେଷଣା ଓ ଅନୁସନ୍ଧାନାଦି କାର୍ଯ୍ୟରେ ପ୍ରତିଷ୍ଠାର୍ଜନ କରିବେ।

**ବୃଷ**
କେତେକ କ୍ଷେତ୍ରରେ ସବୁକିଛି ଠିକ୍‌ଠାକ୍ ଚାଲିଥିଲେ ମଧ୍ୟ ଫଳ ମିଳିବ ଓଲଟା, ଯାହାକୁ ନିଜର ବୋଲି ଖୋଲା ମନ ନେଇ ଗୋପନୀୟ କଥା କହିବେ, ସେ ଦୁର୍ବଳତାର ସୁଯୋଗ ନେଇ ଫାଇଦା ଉଠାଇପାରେ। ଆର୍ଥିକ ସମସ୍ୟା, ପାରିବାରିକ ଦ୍ୱନ୍ଦ୍ୱ କେତେକାଂଶରେ ଦୂରୀଭୂତ ହେବ। ଅବଶ୍ୟ ନୂତନ ଯୋଜନାରେ କୃତକାର୍ଯ୍ୟ ହେବେ।

**ମିଥୁନ**
ପାରିବାରିକ ସମସ୍ୟା ହିଁ ଆଜିର ମୁଖ୍ୟ ଦୁଶ୍ଚିନ୍ତାର କାରଣ ହେବ। ଏହା ସଙ୍ଗକୁ ଦେହ ଭଲ ନ ଲାଗିବା କାରଣରୁ ମଧ୍ୟ ନିରୁତ୍ସାହିତ ରହିବେ। ନିଜ ନିଜର ସ୍ୱାର୍ଥସାଧନ ସକାଶେ ବନ୍ଧୁମାନେ ଆପଣଙ୍କ ଉପରୁ ନଜର ହଟାଇବେ। ସରକାରୀ କ୍ଷେତ୍ରରୁ ଆଦେଶ ପାଇ ଦୂରଯାତ୍ରା କରିବାକୁ ପଡ଼ିପାରେ।

**କର୍କଟ**
ଶୁକ୍ର ପାପଗ୍ରହ ରାହୁ ଯୁକ୍ତ କାରଣରୁ ଅଜଣା ଅଶୁଣା ବ୍ୟକ୍ତିଙ୍କଠାରୁ ଦୂରେଇ ରହିବା ଭଲ। ଆର୍ଥିକ ଅବସ୍ଥା ଭଲ ନ ହେଲେ ମଧ୍ୟ ମନ୍ଦ ହେବ ନାହିଁ। କର୍ମକ୍ଷେତ୍ରରେ ସାଧାରଣ କଥାକୁ କେନ୍ଦ୍ରକରି ବିବାଦୀୟ ପରିସ୍ଥିତି ସୃଷ୍ଟି ହୋଇପାରେ। ପ୍ରତ୍ୟେକ ପରିସ୍ଥିତିରେ ନିଜକୁ ନିୟନ୍ତ୍ରଣ ମଧ୍ୟରେ ରଖିବା ପାଇଁ ସମର୍ଥ ହେବେ।

**ସିଂହ**
ବୁଧାଦିତ୍ୟ ଯୋଗ ପ୍ରଭାବରେ କୌଣସି ବନ୍ଧୁଙ୍କ ସହ ଭାଙ୍ଗି ପଡ଼ିଥିବା ସମ୍ପର୍କ ଆଜି ଯୋଡ଼ି ହୋଇଯିବ। କାମ ହାସଲ ପରିପ୍ରେକ୍ଷୀରେ ସମ୍ପର୍କୀୟ ଜଣେ ବନ୍ଧୁ ସାହାଯ୍ୟର ପ୍ରତିଶ୍ରୁତି ଦେବେ। ଶତ୍ରୁତା କରୁଥିବା ବ୍ୟକ୍ତିମାନେ ଅତୀତ ଘଟଣାକୁ କେନ୍ଦ୍ରକରି ବିବାଦୀୟ ପରିସ୍ଥିତି ସୃଷ୍ଟି କରିପାରନ୍ତି। ଉଦାରତା ଗୁଣରୁ ପ୍ରଶଂସା ପାଇପାରନ୍ତି।

**କନ୍ୟା**
ଚତୁର୍ଥସ୍ଥ କେତୁ ଯୁକ୍ତ ବୃହସ୍ପତି କାରଣରୁ ପରିବେଶ ଓ ପରିସ୍ଥିତି ବଦଳିଯିବ। ଲୋଭନୀୟ ପ୍ରତିଶ୍ରୁତି ମାଧ୍ୟମରେ ଯାହାକୁ ନିଜ ସପକ୍ଷରେ ଆଣିବାକୁ ଚାହୁଁଛନ୍ତି, ତାହା ଭଲ ହୋଇ ନ ପାରେ। ସାଂସ୍କୃତିକ, ନୈତିକ ଓ ଆନୁଷ୍ଠାନିକ କ୍ଷେତ୍ରରେ ଲକ୍ଷ୍ୟ ହାସଲରେ ସମର୍ଥ ହେବେ। ଅସାବଧାନତାରୁ ଦ୍ରବ୍ୟ ନଷ୍ଟ କିମ୍ବା ଧନ ହାନି ଘଟିପାରେ।

**ତୁଳା**
ଆଜି ହିଁ ଶେଷ କରିବାକୁ ଭାବୁଥିବା କାମଟିକୁ ଶେଷ ମଧ୍ୟ କରିପାରିବେନି। ବନ୍ଧୁ କିମ୍ବା ସହକର୍ମୀଙ୍କର ଆଭ୍ୟନ୍ତରୀଣ ବ୍ୟାପାରରେ ମୁଣ୍ଡ ପୂରାନ୍ତୁନାହିଁ। ଦୈହିକ ଦୁର୍ବଳତା ସଙ୍ଗକୁ ଭୁଲ୍ ବୁଝାମଣା ଦାମ୍ପତ୍ୟ ଜୀବନକୁ ବିଶୃଙ୍ଖଳିତ କରିପାରେ। ବାଣିଜ୍ୟ,ବ୍ୟବସାୟ କ୍ଷେତ୍ରରେ ମଧ୍ୟ ନୈରାଶ୍ୟଜନକ ସ୍ଥିତି ଲାଗି ରହିବ।

**ବିଛା**
ଆଜିର ଦ୍ୱାଦଶସ୍ଥ ପ୍ରଭାବରେ ଚନ୍ଦ୍ର ଆତ୍ମୀୟସ୍ୱଜନ ମାନଙ୍କ ଅନାଦର ଭାବ ଓ ବେଖାତିର କଥାରୁ ଦୁଶ୍ଚିନ୍ତା ବଢ଼ିଯିବ। ଅସଜଡ଼ା ପରିବାରକୁ ସଜାଡ଼ିବା ସକାଶେ ବନ୍ଧୁମାନଙ୍କର ପରାମର୍ଶ ନେଇ ପାରନ୍ତି। ଦୀର୍ଘଦିନରୁ ଅଟକି ରହିଥିବା କାମଟିକୁ ହଠାତ୍ ଆରମ୍ଭକରିବାକୁ ମନସ୍ଥ କରିବେ। ବ୍ୟବସାୟ,ବାଣିଜ୍ୟ, ଏକ ପ୍ରକାରର ଚଳନୀୟ ରହିବ।

**ଧନୁ**
ଆଜି ଦିନସାରା କଠୋର ପରିଶ୍ରମଜନିତ ଶାନ୍ତିରେ ସୁନିଦ୍ରା ମଧ୍ୟ ନ ହୋଇପାରେ। କୌଣସି ନୂତନ କର୍ମାରମ୍ଭର ପରିକଳ୍ପନା କରିପାରନ୍ତି। ଉତ୍ତରାଷାଢ଼ା ନକ୍ଷତ୍ରର ଦୈହିକ ଦୁର୍ବଳତା କର୍ମକ୍ଷେତ୍ରକୁ ମନ୍ଥର କରି ନିରୁତ୍ସାହତା ସୃଷ୍ଟି କରିବ। କର୍ମକ୍ଷେତ୍ରରେ ଉପରିସ୍ଥଙ୍କ ତରଫରୁ ଚାପର ସମ୍ମୁଖୀନ ହୋଇପାରନ୍ତି।

**ମକର**
ଆଜିର ଯାତ୍ରା, ବାଣିଜ୍ୟ, ବିବାଦୀୟ ପରିସ୍ଥିତି, ଆଲୋଚନା, ସଭାସମିତି ପ୍ରଭୃତିରୁ ସନ୍ତୋଷଜନକ ଫଳ ପାଇବେ। ଯାତ୍ରାରେ ଯାନ୍ତ୍ରିକ ତ୍ରୁଟିଜନିତ ସମସ୍ୟା ଦ୍ୱିଗୁଣିତ ହୋଇପାରେ। ଦୀର୍ଘଦିନର ବକେୟା ଅର୍ଥ ବନ୍ଧୁଙ୍କ ସହାୟତାରେ ଆଜି ପ୍ରାପ୍ତ ହେବ। କଳା, ସାହିତ୍ୟ, କ୍ରୀଡ଼ା, ସଙ୍ଗୀତ, ଚଳଚ୍ଚିତ୍ରାଦି କ୍ଷେତ୍ରରେ ସମସ୍ୟା ହଟିଯିବ।

**କୁମ୍ଭ**
ଆଜିର କାମଗୁଡ଼ିକ ବହୁତ ବିଳମ୍ବିତ ସମୟରେ ସମ୍ପନ୍ନ ହେବ। ଅନ୍ୟମାନଙ୍କ ନିକଟରୁ ସାହାଯ୍ୟ ଆଶା ନିରର୍ଥକ ହୋଇପାରେ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବା କାରଣରୁ ସାମୟିକ ଆଶ୍ୱସ୍ତି ଲାଭ କରିବେ। ଭ୍ରମଣ ରାଜନୀତି, ପ୍ରଶାସନ, ସଭାସମିତି, ସଂଗଠନ, ରାଜନୀତି ପାଇଁ ଭଲ।

**ମୀନ**
ଆଜିର ଗ୍ରହସ୍ଥିତି ଆପଣଙ୍କୁ ତ୍ୱରିତ୍ ନିଷ୍ପତ୍ତି ନେବାରେ ସହାୟକ ହେବନାହିଁ। କୌଣସି ମନ୍ଦ ଉଦ୍ଦେଶ୍ୟ ରଖି ଶତ୍ରୁମାନେ ମିତ୍ରଭଳି ଆଚରଣ କରିପାରନ୍ତି। ଆନୁଷ୍ଠାନିକ ଉତ୍ସବାରମ୍ଭ ନିମନ୍ତେ ପ୍ରସ୍ତୁତି ଆରମ୍ଭ କରିପାରନ୍ତି। ପ୍ରତ୍ୟେକ କ୍ଷେତ୍ରରେ ଧୈର୍ଯ୍ୟହରା ନ ହୋଇ କାର୍ଯ୍ୟ କଲେ ଉପକୃତ ହେବେ।

ଆଜି ଭାଦ୍ରବ ଶୁକ୍ଳ ଷଷ୍ଠୀଯୁକ୍ତ ସପ୍ତମୀ ସୋମବାର, ଷଷ୍ଠୀଓଷା,ଷଷ୍ଠୀଦେବୀ ପୂଜା, ଶ୍ରୀମନ୍ଦିରରେ ବିମ୍ବାସୁର ଓ କେକେଶୀବଧ ପ୍ରସ୍ତାବ, ଅଗଷ୍ଟ ୨୪ ତାରିଖ, ରାଶି ନକ୍ଷତ୍ର-ସ୍ୱାତୀ/ତୁଳା, ଷଷ୍ଠୀରଏକୋଦ୍ଦିଷ୍ଟ ଓ ପାର୍ବଣ ଏବଂ ସପ୍ତମୀର ପାର୍ବଣ ଶ୍ରାଦ୍ଧ, ମିଥୁନ ରାଶିର ଘାତବାର, ସକାଳ ଘ.୦୫.୩୩ମି. ଗତେ ଘ.୦୭.୧୩ମି. ମଧ୍ୟେ, ଘ.୧୦.୩୪ମି. ଗତେ ଘ.୦୧.୦୫ମି. ମଧ୍ୟେ, ସନ୍ଧ୍ୟା ଘ.୦୬.୫୦ମି. ଗତେ ଘ.୦୯.୦୮ମି. ମଧ୍ୟେ ଅମୃତବେଳା। ଦିବା ଘ.୦୩.୩୪ମି. ଗତେ ଘ.୦୫.୧୪ମି. ମଧ୍ୟେ ମାହେନ୍ଦ୍ରବେଳା। ସକାଳ ଘ.୦୭.୦୬ମି. ଗତେ ଘ.୦୮.୪୦ମି.ମଧ୍ୟେ ରାହୁକାଳ।

ଧରିତ୍ରୀ
DHARITRI
ସୋମବାର, ୨୪ ଅଗଷ୍ଟ, ୨୦୨୦

## ପାଣିରେ ବୁଡ଼ି ଶିଶୁ ମୃତ

ଢେଙ୍କିକୋଟ,(ଡି.ଏନ.ଏ.): କେନ୍ଦୁଝର ଜିଲା ଘଟଗାଁ ଥାନା ଅନ୍ତର୍ଗତ ବାଲିଯୋଡ଼ି ପଞ୍ଚାୟତ କେନ୍ଦୁଡିହା ଗ୍ରାମରେ ରବିବାର ମଧାହ୍ନରେ ଗାଧୋଇଲା ବେଳେ ଘାସିରାମ ମାଝୀଙ୍କ ୨ବର୍ଷର ଶିଶୁ ପୁତ୍ର ପାଣିରେ ବୁଡ଼ିଯିବାରୁ ମୃତ୍ୟୁ ଘଟିଛି। ପାଣିରେ ବହୁତ ସମୟ ଖୋଜାଖୋଜି କରିବାପରେ ଅପରାହ୍ନରେ ଶିଶୁପୁତ୍ର ମିଳିବାପରେ ତାଙ୍କୁ ଘଟଗାଁ ଡାକ୍ତରଖାନା ନିଆଯାଇଥିଲା କିନ୍ତୁ ଡାକ୍ତର ସେଠାରେ ଶିଶୁଟିକୁ ମୃତ ଘୋଷଣା କରିଥିଲେ। ଘଟଗାଁ ପୋଲିସ ଡାକ୍ତରଖାନାରେ ପହଞ୍ଚି ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇଛି।



## ସଂକ୍ଷେପରେ

### ୧୬ ଜୁଆଡ଼ି ଗିରଫ

ଚମ୍ପୁଆ,୨୩।୮(ଡି.ଏନ.ଏ.): କେନ୍ଦୁଝର ଜିଲା ଚମ୍ପୁଆ ଥାନା ଅଧୀନରେ ଥିବା ଜୟନ୍ତନାପୁର ଜଙ୍ଗଲ ମଧ୍ୟରେ ଥିବା କ୍ରଶର ନିକଟରୁ ଶନିବାର ରାତିରେ ଚମ୍ପୁଆ ପୋଲିସ ୧୬ ଜୁଆଡିଙ୍କୁ ଗିରଫ କରିବା ସହ ୧୬ ମୋବାଇଲ, ୩ଟି ବାଇକ ସମେତ ନଗଦ ୨ ଲକ୍ଷ ୮୫୦୦ଟଙ୍କା ଜବତ କରିଛି। ଶନିବାର ରାତିରେ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ଚମ୍ପୁଆ ଥାନା ଅଧିକାରୀ ମନୋରଞ୍ଜନ ପ୍ରଧାନଙ୍କ ନେତୃତ୍ୱରେ ସବଇନ୍ସପେକ୍ଟର ସରୂପ ରଞ୍ଜନ ନାଏକ, ପ୍ରଶାନ୍ତ କୁମାର ସେଠି, ଏଏସଆଇ ଗୌତମ ଦାସ, ପଦ୍ମାବତି ମୋଦି ପ୍ରମୁଖ ଉକ୍ତ କ୍ରଶରରେ ଚଢ଼ାଉ କରିଥିଲେ। ସେଠାରେ ଜୁଆ ଖେଳ ଚାଲିଥିବା ବେଳେ ଏହି ଚଢ଼ାଉ କରାଯାଇଥିଲା। ପୋଲିସର ଅତର୍କିତ ଚଢ଼ାଉ ଫଳରେ ଜୁଆଡିମାନେ ଖସିବାର ସୁଯୋଗ ପାଇ ନ ଥିଲେ। ପୋଲିସ ଘଟଣା ସ୍ଥଳରୁ ବାଇକ ନଗଦ ଟଙ୍କା ସହ ୧୬ ଜଣଙ୍କୁ ଗିରଫ କରିଥିଲା।

### କରୋନାରେ ପୋଲିସ ଅଧିକାରୀଙ୍କ ସମେତ ୩ ଆକ୍ରାନ୍ତ

ଯୋଡ଼ା, ୨୩।୮(ଡି.ଏନ.ଏ.): କେନ୍ଦୁଝର ଜିଲା ଯୋଡା ସହରରେ ଶନିବାର ୩ ଜଣ ପୁରୁଷ କରୋନାରେ ଆକ୍ରାନ୍ତ ହୋଇଥିବା ପୌର ପ୍ରଶାସନ ପକ୍ଷରୁ ସୂଚନା ମିଳିଛି। ସୂଚନା ମୁତାବକ ଯୋଡା ଥାନାରେ ଜଣେ ୩୦ ବର୍ଷୀୟ ପୋଲିସ ଅଫିସର କରୋନାରେ ଆକ୍ରାନ୍ତ ହୋଇଛନ୍ତି। ସେ କରୋନାରେ ଆକ୍ରାନ୍ତ ହୋଇଥିବା ଜଣାପଡିବା ପରେ ତାଙ୍କୁ ଟାଟାଷ୍ଟିଲ କୋଭିଡ୍ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ସେହିପରି କୋଲକାତାରୁ ଫେରିଥିବା ଅନ୍ୟ ୨ ଜଣ ବ୍ୟକ୍ତି କରୋନାରେ ଆକ୍ରାନ୍ତ ହୋଇଛନ୍ତି।

### ସାପ କାମୁଡ଼ାରେ ଜଣେ ମୃତ

ଢେଙ୍କିକୋଟ, ୨୩।୮(ଡି.ଏନ୍.ଏ.)- କେନ୍ଦୁଝର ଜିଲା ଢେଙ୍କିକୋଟ ଫାଣ୍ଡି ଅନ୍ତର୍ଗତ ସାନ୍ତରାପୁର ଗ୍ରାମର ଧନପତି ନାଏକଙ୍କ ସାପକାମୁଡ଼ାରେ ମୃତ୍ୟୁ ଘଟିଛି। ଗତ ଶନିବାର ରାତିରେ ଶୋଇଥିବା ଅବସ୍ଥାରେ ତାଙ୍କୁ ଏକ ପାହାଡ଼ିଆ ଚିତି କାମୁଡ଼ି ଦେଇଥିଲା। ରବିବାର ସକାଳୁ ତାଙ୍କୁ ଘଟଗାଁ ଡାକ୍ତରଖାନାକୁ ନିଆଯାଇଥିଲେ ହେଁ ଚିକିତ୍ସିତ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ଖବରପାଇ ଘଟଗାଁ ଥାନା ପୋଲିସ ପହଞ୍ଚି ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇଛି।

### ଯୌତୁକ ପାଇଁ ବଧୂ ହତ୍ୟା ଅଭିଯୋଗ

ପଦ୍ମପୁର, ୨୩।୮(ଡି.ଏନ୍.ଏ.)- ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଅଧୀନ ରାଜଘରପୁର ପଞ୍ଚାୟତର ବୀଣାଦଣ୍ଡା ଗ୍ରାମର ଅନାମ ଚରଣ ବାରିକଙ୍କ ଝିଅ ଗୌରୀମଣୀଙ୍କୁ ଯୌତୁକ ନିର୍ଯାତନା ଦେଇ ଶାଶୁଘର ଲୋକେ ମାରି ଦେଇଥିବା ନାୟକାଣିଡ଼ିହୀ ଥାନାରେ ଅଭିଯୋଗ ହୋଇଛି। ସୂଚନା ଅନୁଯାୟୀ ବାଲିମେଦ ପଞ୍ଚାୟତ ଅପର୍ତିପୁର ଗ୍ରାମର ସର୍ବେଶ୍ୱର ବାରିକଙ୍କ ପୁଅ କମଳାକାନ୍ତ ୧୫ ମାସ ତଳେ ଗୌରମଣୀଙ୍କୁ ଭଲ ପାଇ ବିବାହ କରିଥିଲେ। ବିବାହ ପରଠାରୁ ଶାଶୁଘର ଲୋକେ ଅଧିକ ଯୌତୁକ ଦାବି କରି ଗୌରମଣୀଙ୍କୁ ଶାରୀରିକ ଓ ମାନସିକ ନିର୍ଯାତନା ଦେଉଥିଲେ। ଶନିବାର ସନ୍ଧ୍ୟାରେ ଅନାମ ତାଙ୍କ ଝିଅ ଆତ୍ମହତ୍ୟା କରିଥିବା ଖବର ପାଇଥିଲେ। ଏନେଇ ସେ ନାୟକାଣିଡ଼ିହୀ ଥାନାରେ ତାଙ୍କ ଝିଅକୁ ଯୌତୁକ ନିର୍ଯାତନା ଦେଇ ହତ୍ୟା କରାଯାଇଥିବା ସମ୍ପର୍କରେ ଅଭିଯୋଗ କରିଛନ୍ତି। ପୋଲିସ ଏକ ମାମଲା(ନଂ.୯୮/୨୦) ରୁଜୁ କରିବା ସହ ରବିବାର ଅପରାହ୍ନରେ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଜିଲା ଚିକିତ୍ସାଳୟ ପଠାଇଛି।

### ସ୍ୱଚ୍ଛତାରେ ଭଦ୍ରକ ରାଜ୍ୟରେ ୮ ନମ୍ବର

ଭଦ୍ରକ ଅଫିସ, ୨୩।୮: କେନ୍ଦ୍ର ଗୃହ ଏବଂ ସହରାଞ୍ଚଳ ବ୍ୟାପାର ମନ୍ତ୍ରାଳୟ ପକ୍ଷରୁ ଦେଶର ବିଭିନ୍ନ ସହରକୁ ନେଇ ହୋଇଥିବା ସ୍ୱଚ୍ଛ ସର୍ବେକ୍ଷଣ ୨୦୨୦ରେ ଫଳାଫଳ ଘୋଷଣା ହୋଇଛି। ଏଥିରେ ଦ୍ରୁତ ଅଗ୍ରଗାମୀ ରାଜ୍ୟ ତାଲିକାରେ ଓଡ଼ିଶା ପ୍ରଥମ ଏବଂ ରାଜ୍ୟର ସ୍ୱଚ୍ଛ ସହର ତାଲିକାରେ ଭଦ୍ରକ ସହର ୮ ନମ୍ବର ସ୍ଥାନ ପାଇଛି। ଜାତୀୟ ସ୍ତରରେ ଭଦ୍ରକ ସହର ୨୬୬ ତମ ସ୍ଥାନରେ ରହିଛି। ରାଜ୍ୟରେ ସ୍ୱଚ୍ଛ ସହର ମଧ୍ୟରେ ବ୍ରହ୍ମପୁର ପ୍ରଥମ, ରାଉରକେଲା ଦ୍ୱିତୀୟ, ବାରିପଦା ତୃତୀୟ, କଟକ ଚତୁର୍ଥ, ଭୁବନେଶ୍ୱର ପଞ୍ଚମ, ପୁରୀ ଷଷ୍ଠ, ସମ୍ବଲପୁର ସପ୍ତମ, ଭଦ୍ରକ ଅଷ୍ଟମ ଓ ବାଲେଶ୍ୱର ନବମରେ ରହିଛି। ଏହି ସଫଳତାକୁ ନେଇ ପୌରପାଳିକା ବେଶ୍ ଖୁସି ଥିବା ଜଣାପଡ଼ିଛି। ୨୦୧୯ ଏହି ସର୍ବେକ୍ଷଣରେ ଭଦ୍ରକ ଜିଲା ରାଜ୍ୟରେ ୯ ନମ୍ବରରେ ରହିଥିଲା ଓ ଜାତୀୟ ସ୍ତରରେ ୪୧୮ ନମ୍ବରରେ ରହିଥିଲା।

# ୫୦କୋଟି ବ୍ୟୟରେ ହେବ ଅନ୍ତଃରାଷ୍ଟ୍ରୀୟ ମାଛ ମାର୍କେଟ

ବାଲେଶ୍ୱର ଅଫିସ, ୨୩।୮

ବାଲେଶ୍ୱର ଜିଲାବାସୀଙ୍କୁ ଆତ୍ମନିର୍ଭରଶୀଳ କରାଇବା ପାଇଁ କେନ୍ଦ୍ରମନ୍ତ୍ରୀ ତଥା ବାଲେଶ୍ୱର ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ କେତେକ କୁଟୀରଶିଳ୍ପ, ମାଛଚାଷ, ସହରର ଉନ୍ନତୀକରଣ, ଉନ୍ନତ ସ୍ୱାସ୍ଥ୍ୟସେବା ଭଳି ବିଭିନ୍ନ ଦିଗକୁ ନେଇ ରୋଡ଼ମ୍ୟାପ୍ ପ୍ରସ୍ତୁତ କରିଛନ୍ତି। ଏନେଇ ସେ ରବିବାର ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି।

ସେ କହିଥିଲେ ଯେ, ସାରା ଦେଶରେ କରୋନା ଭଳି ନୈରାଶ୍ୟଜନକ ସ୍ଥିତିରେ ଦେଶର ସ୍ୱଦେଶୀ ଶିଳ୍ପ ଉଦ୍ୟୋଗୀ ବାତାବରଣ ପ୍ରସ୍ତୁତ କରିବା ପାଇଁ ବିଭିନ୍ନ କୁଟୀରଶିଳ୍ପ, ମାଛ, ଦୁଗ୍ଧ ଓ ମାଂସର ପ୍ରକ୍ରିୟାକରଣ, ଆୟୁର୍ବେଦିକ ଔଷଧ ପ୍ରସ୍ତୁତି, ଖାଦ୍ୟ



ଖବରଦାତା ସମ୍ମିଳନୀରେ କେନ୍ଦ୍ରମନ୍ତ୍ରୀ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଓ ଅନ୍ୟମାନେ।

## ବାଲେଶ୍ୱର ଉନ୍ନତି ପାଇଁ କେନ୍ଦ୍ରମନ୍ତ୍ରୀଙ୍କ ରୋଡ୍‌ମ୍ୟାପ୍

ପ୍ରକ୍ରିୟାକରଣ, ଇଲେକ୍ଟ୍ରି ସାମଗ୍ରୀ ଭଳି ବିଭିନ୍ନ କ୍ଷେତ୍ରରେ ବୈପ୍ଳବିକ ପରିବର୍ତ୍ତନର ଶୁଭାରମ୍ଭ ହୋଇଛି। ଏହି ପ୍ରକ୍ରିୟାରେ ବାଲେଶ୍ୱର ଜିଲାର ଜଳେଶ୍ୱର କିମ୍ବା ଶେରଗଡ଼ ଅଞ୍ଚଳରେ ୫୦କୋଟି ଟଙ୍କା ବ୍ୟୟରେ ଅନ୍ତଃରାଷ୍ଟ୍ରୀୟସ୍ତରୀୟ ମାଛ ମାର୍କେଟ୍ କରାଯିବାର ନିଷ୍ପତ୍ତି ହୋଇଛି। ଏଥିସହିତ ମାଛଚାଷ ପାଇଁ ପୋଖରୀ, ମାଛ ହାଟ, ମାଛ ପ୍ରକ୍ରିୟାକରଣ କେନ୍ଦ୍ର ସହ ୪୦ରୁ ୬୦ ପ୍ରତିଶତ ରିହାତିରେ କାମ ଆରମ୍ଭ ହୋଇଛି। ଏପରିକି ଯାଆଁଳ ପ୍ରଜନନ କେନ୍ଦ୍ର ପାଇଁ ମଧ୍ୟ ଅର୍ଥ ବ୍ୟବସ୍ଥା କରାଯାଉଥିବା କେନ୍ଦ୍ରମନ୍ତ୍ରୀ ସୂଚନା ଦେଇଛନ୍ତି। ଓଡ଼ିଶା ସମେତ ଜିଲାରେ ବିଭିନ୍ନ କ୍ଲଷ୍ଟର ମାଧ୍ୟମରେ ନଡ଼ିଆକତା, ଧୂପ, ମହୁ, କୁମ୍ଭାରଚକ, ଜୋତା କାରଖାନା, ବାଉଁଶ, ତମ୍ବା, ପଥର କାରିଗରୀ କାମ ଆଦି କରାଯାଉଛି। ବାଲେଶ୍ୱରକୁ ଆସନ୍ତା ୪ବର୍ଷ ମଧ୍ୟରେ ଡିଜିଟାଲ ସହରରେ ପରିଣତ କରାଯିବ। ଜାତୀୟ ରାଜପଥର ବିଭିନ୍ନ ସ୍ଥାନରେ ଫୁଟ୍ ଓଭରବ୍ରିଜ୍ ଓ ସଂଯୋଗକାରୀ ରାସ୍ତା ପ୍ରକଳ୍ପ ତିଆରି ହେଉଛି। ପେଟ୍ରୋଲିୟମ୍ ସମ୍ବନ୍ଧିତ ବିବିଧ ଶିଳ୍ପ ଲକ୍ଷାଧିକ ଟଙ୍କା ବିନିମୟରେ ନିର୍ମାଣ କରାଯାଇଛି। ଏଥିରେ ବ୍ୟାପକ ରୋଜଗାର ସୃଷ୍ଟି ହେବ। ଜିଲାରେ ୧୫ଟି ପୋଷ୍ୟ ଗ୍ରାମ କରିବା ପାଇଁ କେନ୍ଦ୍ରମନ୍ତ୍ରୀ ସ୍ଥିର କରିଛନ୍ତି। ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆମ୍ବୁଲାନ୍ସ ଓ ଶବ ବାହକ ଗାଡ଼ି ଯୋଗାଇ ଦେବା ସହ ଚିକିତ୍ସାଳୟରେ ସ୍ୱାଭାବିକ, ଗରମ ଓ ଥଣ୍ଡା ଭଳି ୩ ପ୍ରକାର ପାଣିର ୱାଟର ଏଟିଏମ୍ କାର୍ଯ୍ୟ ଆରମ୍ଭ ହୋଇଛି। ଏମ୍‌ସର ସାମଗ୍ରିକ ଉନ୍ନତି କରି ଏହାକୁ ଏକ ଉତ୍କୃଷ୍ଟ କେନ୍ଦ୍ରରେ ପରିଣତ କରାଯିବ ବୋଲି ଖବରଦାତା ସମ୍ମିଳନୀରେ କେନ୍ଦ୍ରମନ୍ତ୍ରୀ ଷଡ଼ଙ୍ଗୀ ପ୍ରକାଶ କରିଛନ୍ତି। ଖବରଦାତା ସମ୍ମିଳନୀରେ ଭାଜପା ଜିଲାସଭାପତି ଉମାକାନ୍ତ ମହାପାତ୍ର, ରାଜ୍ୟ ସମ୍ପାଦିକା ସିପ୍ରା ବାଜପେୟୀ, ଜିଲା ମିଡ଼ିଆ ସଂଯୋଜକ ଶ୍ରୀନିବାସ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

## ୩ ପଞ୍ଚାୟତରେ ୪୮ ଘଣ୍ଟିଆ ଶଟ୍‌ଡାଉନ

ଖଇରା, ୨୩।୮(ଡି.ଏନ.ଏ.)

ବାଲେଶ୍ୱର ଜିଲା ଖଇରା ବ୍ଲକର ୩ ପଞ୍ଚାୟତକୁ ୪୮ ଘଣ୍ଟିଆ ଶଟ୍‌ଡାଉନ ଘୋଷଣା କରାଯାଇଛି। ଏହି ପଞ୍ଚାୟତଗୁଡିକ ହେଲା ଖଇରା, ନୟାଖଣ୍ଡି ଓ ସାରକୋଣା। ଆସନ୍ତା ୨୫ ସକାଳ ୬ଟାରୁ ୨୭ ତାରିଖ ସକାଳ ୬ଟା ପର୍ଯ୍ୟନ୍ତ ଔଷଧ ତଥା ଅତ୍ୟାବଶ୍ୟକ ସାମଗ୍ରୀ ଦୋକାନ ବ୍ୟତୀତ ଅନ୍ୟାନ୍ୟ ଦୋକାନ ଓ ବଜାର ବନ୍ଦ ରହିବ ବୋଲି ଖଇରା ସରପଞ୍ଚ ସୁଦର୍ଶନ ସେଠୀ, ନୟାଖଣ୍ଡି ସରପଞ୍ଚ ମମତା ବେହେରା, ସାରକୋଣା ସରପଞ୍ଚ ନିଳାଦ୍ରୀ ସାହୁ ଡାକବାଜି ଯନ୍ତ୍ର ମାଧ୍ୟମରେ ଲୋକମାନଙ୍କୁ ଅବଗତ କରାଇଛନ୍ତି। ଏବେ ପ୍ରବାସୀମାନେ ପଲ୍ଲିଗ୍ରାମଗୁଡିକୁ ଆସୁଥିବା ତଥା କରୋନା ସଂକ୍ରମିତ ସଂଖ୍ୟାକୁ ଦୃଷ୍ଟିରେ ରଖି ଏହି ନିଷ୍ପତ୍ତି ନିଆଯିବା ସହ ପୋଲିସ ପ୍ରଶାସନ ଓ ପର୍ଯ୍ୟଟନ ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀଙ୍କୁ ଅବଗତ କରାଯାଇଥିବା ନେଇ ସରପଞ୍ଚମାନେ କହିଛନ୍ତି।

# କ୍ଷେତ୍ର ପରିଦର୍ଶନ କଲେ ଅଧିକାରୀ

## କାଡାନାଳ ଅବରୋଧ ଘଟଣା

ବନ୍ତ,୨୩।୮(ଡି.ଏନ.ଏ.)

ଭଦ୍ରକ ଜିଲା ବନ୍ତ ତହସିଲ ଛୟାଳସିଂ ରାଜସ୍ୱ ନିରୀକ୍ଷକ ଅଧୀନ ବାଇପୁର ମୌଜାରେ ସରକାରୀ କାଡା ନାଳ ଅବରୋଧ ଯୋଗୁ ପ୍ରାୟ ୩୦ ଏକର ଚାଷ ଜମି ଜଳମଗ୍ନ ହୋଇଛି। ଏନେଇ ଚାଷୀମାନେ ତହସିଲଦାର, ଥାନାଧିକାରୀ, ଜଳସେଚନ ବିଭାଗ କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ, ନିଳୋକ ସରପଞ୍ଚ, ସାହାଡାପଲ୍ଲୀ ପାଣି ପଞ୍ଚାୟତର କର୍ମକର୍ତ୍ତାଙ୍କଠାରେ ଅଭିଯୋଗ କରିଥିଲେ। ସାମାଜିକ କର୍ମୀ ହରି ନାରାୟଣ ମହାନ୍ତି ଏ ସମ୍ପର୍କରେ ମୁଖ୍ୟମନ୍ତ୍ରୀ, ଓଡିଶା ଜଳସମ୍ପଦ ବିଭାଗ, ଜିଲା ପ୍ରଶାସନକୁ ଟୁଇଟ୍ ଯୋଗେ ଅବଗତ କରାଇଥିଲେ। ରବିବାର ଭଦ୍ରକ କାଡା ଡିଭିଜନର କନିଷ୍ଠ ଯନ୍ତ୍ରୀ ପ୍ରମୋଦ କୁମାର ଦେ ଘଟଣାସ୍ଥଳ ପରିଦର୍ଶନ କରିଛନ୍ତି।

ଦୀର୍ଘବର୍ଷ ହେବ କାଡାନାଳ ମରାମତି ସମ୍ପର୍କରେ କାର୍ଯ୍ୟାଳୟରେ କୌଣସି ଅଭିଯୋଗ ହୋଇନାହିଁ।



କ୍ଷେତ୍ର ପରିଦର୍ଶନ ବେଳେ ଉପସ୍ଥିତ ଅଧିକାରୀ ଓ ଚାଷୀ।

କେତେକ ଚାଷୀ କାଡାନାଳକୁ ଅବରୋଧ କରିବା ଯୋଗୁ ଜଳ ନିଷ୍କାସନରେ ସମସ୍ୟା ହୋଇଛି। ଆସନ୍ତା ଜାନୁୟାରୀରେ ତହସିଲ ପକ୍ଷରୁ କାଡାନାଳ ଚିହ୍ନଟ କରାଯାଇ ଏହାକୁ ପୁନରୁଦ୍ଧାର କରାଯିବ ବୋଲି କନିଷ୍ଠଯନ୍ତ୍ରୀ କହିଥିଲେ। କ୍ଷେତ୍ର ପରିଦର୍ଶନ ବେଳେ ସାହାଡାପଲ୍ଲୀ ପାଣି ପଞ୍ଚାୟତ ସଭାପତି ବଟକୃଷ୍ଣ ମହାନ୍ତି, ସମ୍ପାଦକ ହୃଷିକେଶ ପାତ୍ର, କୋଷାଧ୍ୟକ୍ଷ ଭାସ୍କର ଚନ୍ଦ୍ର ଲେଙ୍କା, ଚାଷୀ ରବିନ୍ଦ୍ର କୁମାର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

## ନାବାଳିକାଙ୍କୁ ବଳାତ୍କାର, ୩ ଗିରଫ

ବାରିପଦା ଅଫିସ,୨୩।୮

ମୟୂରଭଞ୍ଜ ଜିଲା ବଡ଼ସାହି ଥାନା ଅଞ୍ଚଳର ଜନୈକା ନାବାଳିକାଙ୍କୁ ବଳାତ୍କାର କରିଥିବା ଅଭିଯୁକ୍ତ ଓ ସହଯୋଗ କରିଥିବା ତାଙ୍କ ମା'ବାପାଙ୍କୁ ପୋଲିସ ଗିରଫ କରି ରବିବାର କୋର୍ଟ ଚାଲାଣ କରିଛି। ଅଭିଯୁକ୍ତମାନେ ହେଲେ ରମାକାନ୍ତ ସିଂ(୧୯), ବାପା ଗଦାଧର ସିଂ(୫୭) ଓ ମା' କୋଇଲି ସିଂ(୪୫)। ପୋଲିସ ପୋକ୍‌ସୋ ଆକ୍ଟ ଅନୁଯାୟୀ ଏକ ମାମାଲା (ନଂ. ୯୪/୨୦)ରୁଜୁ କରି ପିଡ଼ିତା ଓ ଅଭିଯୁକ୍ତଙ୍କ ଡାକ୍ତରୀମାଇନା କରିଛି। ପୋଲିସ ସୂଚନା ଅନୁଯାୟୀ, ଗତ ଜୁଲାଇ ୧୭ତାରିଖରେ ନାବାଳିକାଙ୍କ ମା'ବାପା ବିଲକୁ ଯାଇଥିବା ବେଳେ ଅଭିଯୁକ୍ତ ରମାକାନ୍ତ ପୀଡ଼ିତାଙ୍କୁ ଅପହରଣ କରିନେଇ ବିଭିନ୍ନ ସ୍ଥାନରେ ରଖି ବଳାତ୍କାର କରିଥିବା ଅଭିଯୋଗ ହୋଇଥିଲା। କିଛି ଦିନ ପରେ ପୀଡ଼ିତାଙ୍କୁ ତାଙ୍କ ଘରେ ଛାଡ଼ିଦେଇ ଥାନାରୁ ମାମଲା ପ୍ରତ୍ୟାହାର ପାଇଁ ଅଭିଯୁକ୍ତ ଧମକ ଚମକ ଦେଇଥିଲେ। ସ୍ଥାନୀୟ ପୋଲିସ ପଦକ୍ଷେପ ଗ୍ରହଣ କରିବାରେ ବିଳମ୍ବ କରିବାରୁ ପୀଡ଼ିତାଙ୍କ ପରିବାର ଲୋକେ ଏସ୍‌ପିଙ୍କଠାରେ ଅଭିଯୋଗ କରିଥିଲେ। ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ପୋଲିସ ଅଭିଯୁକ୍ତମାନଙ୍କୁ ଗିରଫ କରିଛି।

## ୭ ଆନ୍ତଃ ରାଜ୍ୟ ଲୁଟେରା ଗିରଫ

କେନ୍ଦୁଝର, ୨୩।୮
(ସ୍ୱ.ପ୍ର./ଡି.ଏନ୍.ଏ)

ଝାଡଖଣ୍ଡ ଓ ଓଡ଼ିଶାରେ ବିଭିନ୍ନ ଲୁଟ୍, ଡକାୟତି ଘଟଣାରେ ସମ୍ପୃକ୍ତ ୭ଜଣ ଆନ୍ତଃରାଜ୍ୟ ଲୁଟେରାଙ୍କୁ କେନ୍ଦୁଝର ସଦର ଥାନା ପୋଲିସ ଗିରଫ କରି ରବିବାର କୋର୍ଟଚାଲାଣ କରିଛି। ସେମାନଙ୍କଠାରୁ ପୋଲିସ ଗୋଟିଏ ରିଭଲଭର, ୨ଦେଶୀ ପିସ୍ତଲ, ଗୁଳି, ୪ ଭୁଜାଲି, ଗୋଟିଏ ଛୁରି, ଗୋଟିଏ ଲୁହାକଟା ବ୍ଲେଡ, ଗୋଟିଏ ଖଣ୍ଡା ଆଦି ମାରଣାସ୍ତ୍ର ଜବତ କରାଯାଇଛି। ଏହାସହ ଲୁଟେରାମାନଙ୍କଠାରୁ ୫ ମୋବାଇଲ ଫୋନ, ୪ ଏଟିଏମ କାର୍ଡ, ୫ ବାଇକ, ୧୦୫୦ ଟଙ୍କା, ୭ମୁଖା ଜବତ ହୋଇଛି। ସେମାନେ ପଳାଶପଙ୍ଗାସ୍ଥିତ ବ୍ୟାଙ୍କ ଇଣ୍ଡିଆ ଶାଖାରୁ ଡକାୟତି କରିବାକୁ ଉଦ୍ୟମ କରୁଥିବା ବେଳେ ପୋଲିସ ହାତରେ ଧରାପଡିଛନ୍ତି। ଏନେଇ ମାମଲା(ନଂ. ୨୫୯/୨୦) ରୁଜୁ କରାଯାଇଛି।



ଜବତ ମାରଣାସ୍ତ୍ର।

ଗିରଫ ଲୁଟେରାମାନେ ହେଲେ ଝାଡଖଣ୍ଡ ରାଜ୍ୟ ପଶ୍ଚିମସିଂଭୂମର ଡୋକର୍ଡାର ବିରୁଆ ଡୋରାଇବୁରୁ, ଲଛମନ ହୋନହଗା, ସାଲିକୁଟିର ସାଗର ହିସା, ସରେଇକଳା କ୍ରିଷ୍ଣାପୁରର ଉମାକାନ୍ତ ମହାତୋ, କମାରଡିହିର କାଳୀଚରଣ ମାରଲା, କୁଞ୍ଜିଡିହିର ଲଖିଣ୍ଡା ପ୍ରଧାନ ଓ ଛୋଟାବମ୍ଭୁର ଦିଣ୍ଡାୟାଲ ମହାତୋ। ଏମାନେ ଫେବୃୟାରୀ ୧୮ରେ ସଦର ଥାନା କାନାରା ବ୍ୟାଙ୍କର ହାଣ୍ଡିଭଙ୍ଗା ଶାଖାରୁ ୩ ଲକ୍ଷ ୯୨ ହଜାର ୮୮୫ ଟଙ୍କା ଲୁଟ୍, ଜୁନ ୧୨ରେ ବଡବିଲ ଥାନା ଅଞ୍ଚଳରେ ସନ୍ତୋଷୀ ଟ୍ରାନ୍ସପୋର୍ଟ ଅଫିସରୁ ୧ ଲକ୍ଷ ୪୦ହଜାର ଲୁଟ୍, ଜାନୁୟାରୀ ୧ରେ ଯୋଡା ଥାନା ବିଲେଇପଦା ମଦ ଦୋକାନରୁ ୬୫ହଜାର ଟଙ୍କା ଓ ବାଇକ ଲୁଟ୍, ଜୁନ୨୯ରେ ଯୋଡା ଥାନା ଦେଓଝରସ୍ଥିତ ଜୟସ୍ୱାଲ ଟ୍ରାନ୍ସପୋର୍ଟ ଅଫିସ, ୧୮ ଜୁଲାଇରେ ମୟୂରଭଞ୍ଜ ଜିଲା ମହୁଲଡିହା ଥାନା ଅଞ୍ଚଳରେ ୨ ଲକ୍ଷ ଟଙ୍କା, ବାଇକ ଓ ୨ ମୋବାଇଲ ଫୋନ ଲୁଟ୍ ଆଦି ଘଟଣାରେ ସମ୍ପୃକ୍ତ ଥିବା ପୋଲିସ କହିଛି।

# ଜଙ୍ଗଲରୁ ନିଖୋଜ ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର



ସନ୍ଧାନୀ କୁକୁର ସହାୟତାରେ ପୋଲିସ ତଦନ୍ତ ଚଳାଇଛି।

ପାଟଣା,୨୩।୮(ସ୍ୱ.ପ୍ର.)

କେନ୍ଦୁଝର ଜିଲା ପାଟଣା ଥାନା କପୁଣ୍ଡି ତେଣ୍ଡେରା ରାସ୍ତାର କରଞ୍ଜିଆ ପଡା ରିଜର୍ଭ ଶାଳ ଜଙ୍ଗଲ ମଧ୍ୟରୁ ଜଣେ ୪୪ ବର୍ଷୀୟ ବ୍ୟକ୍ତିଙ୍କ କ୍ଷତ ବିକ୍ଷତ ମୃତ ଦେହ ରବିବାର ସକାଳୁ ଉଦ୍ଧାର ହୋଇଛି। ମୃତକ ହେଲେ ତେଣ୍ଡେରା ପଞ୍ଚାୟତ ଖାଲିଆରୀପାଟ ନୂଆଗାଁ ଚଟିରି ସାହିର ଗୋବିନ୍ଦ ପଇଦା। ମୃତ ବ୍ୟକ୍ତିଙ୍କ ମୁହଁ, ମୁଣ୍ଡ, ପିଠି ଓ ପେଟରେ ଗଭୀର କ୍ଷତ ଥିବା ଦେଖିବାକୁ ମିଳିଛି। ଏନେଇ ଘଟଗାଁ ଏସ୍‌ଡିପିଓ ରବୀନ୍ଦ୍ର ମଲ୍ଲିକ, ପାଟଣା ଥାନା ଥାନାଧିକାରୀ ସୋମନାଥ ଜେନା ଓ ଏସଆଇ ଶଙ୍କର ଆଲଦା ପହଞ୍ଚି ଏକ ହତ୍ୟା ମାମଲା (ନଂ.୧୨୧/୨୦) ରୁଜୁ ତଦନ୍ତ କରି ତଦନ୍ତ ଜାରି ରଖିଛନ୍ତି।

ଘର ଲୋକଙ୍କ ସୂଚନା ମୁତାବକ ଗୋବିନ୍ଦ ଶନିବାର ସନ୍ଧ୍ୟାରୁ ଘରୁ ବାହାରକୁ ଯାଇ ଆଉ ଫେରି ନ ଥିଲେ। ତାଙ୍କୁ କେହି ଦୁର୍ବୃତ୍ତ ମାରିଦେଇ ଜଙ୍ଗଲରେ ଫିଙ୍ଗି ଦେଇଥିବା ଘର ଲୋକ ପୋଲିସ ନିକଟରେ ଅଭିଯୋଗ କରିଥିଲେ। କେନ୍ଦୁଝରରୁ ସାଇଣ୍ଟିଫିକ ଟିମ ଓ ସନ୍ଧାନୀ କୁକୁର ଆସି ତଦନ୍ତ କରି ଫେରିଛନ୍ତି। ଏହି ଘଟଣାରେ ପୋଲିସ ଥାନାକୁ ୨ ବ୍ୟକ୍ତିଙ୍କୁ ଆଣି ପଚରା ଉଚରା କରିଛି। ଏନେଇ ଏସ୍‌ଡିପିଓ ରବୀନ୍ଦ୍ର ମଲ୍ଲିକଙ୍କୁ ପଚାରିବାରୁ ପୋଲିସ ପ୍ରାଥମିକ ତଦନ୍ତରେ ଏହା ଏକ ସୁପରିକଳ୍ପିତ ହତ୍ୟାକାଣ୍ଡ ବୋଲି ଜାଣିବାକୁ ପାଇଛି। ଏହା ଉପରେ ତଦନ୍ତ ଜାରି ରଖିଛି।

# ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଦୁର୍ନୀତି

ସଜନାଗଡ଼, ୨୩।୮(ଡି.ଏନ.ଏ.)

ଗରିବଙ୍କ ପାଇଁ ସରକାର ଅନେକ ଯୋଜନା ପ୍ରଣୟନ କରୁଛନ୍ତି। ଘର ନ ଥିବା ଲୋକଙ୍କୁ ଘର ଯୋଗାଇ ଦେବା ପାଇଁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ପ୍ରଧାନମନ୍ତ୍ରୀ ଆବାସ ଏବଂ ବିଜୁପକ୍କା ଘର ଯୋଜନା ବ୍ୟବସ୍ଥା କରିଛନ୍ତି। ହେଲେ ଏହି ଯୋଜନାରେ ହିତାଧିକାରୀଙ୍କ ନାମରେ ଆସିଥିବା ଅର୍ଥକୁ ହରିଲୁଟ୍ କରାଯାଉଛି। ଏପରି ଏକ ଅଭିଯୋଗ ଆସିଛି ବାଲେଶ୍ୱର ଜିଲା ନୀଳଗିରି ବ୍ଲକ ଅଧୀନ କୁଲଡ଼ିହା ଅଭୟାରଣ୍ୟ ପାଦଦେଶରେ ଥିବା କେସିପୁର ପଞ୍ଚାୟତରେ।

ଏହି ପଞ୍ଚାୟତର ଏକ ଅସମ୍ପୂର୍ଣ୍ଣ ଘରକୁ ସମ୍ପୂର୍ଣ୍ଣ ଦର୍ଶାଇ ବୋନସ୍ ଅର୍ଥକୁ ହରିଲୁଟ୍ କରାଯାଇଥିବା ଅଭିଯୋଗ ହୋଇଛି। ଘର ଭିତରେ ମଣିଷ ବଦଳରେ କୁକୁଡ଼ା, ଛେଳି ରହୁଥିବା ଦେଖିବାକୁ ମିଳିଛି। ଦସ୍ତଖତ ନିଆଯାଇ ଅର୍ଥ ଉଠାଇ ନିଆଯାଇଥିବା



ଜଣେ ହିତାଧିକାରୀଙ୍କ ଅସମ୍ପୂର୍ଣ୍ଣ ଘର।

ହିତାଧିକାରୀମାନେ କହିଛନ୍ତି। ୨୦୧୯-୨୦ରେ ପଞ୍ଚାୟତରେ ଫାଇନାଲ ବିଲ୍ ହୋଇଥିବା ୧୬୦ଟି ଘର ମଧ୍ୟରୁ ୪୦ଜଣ ହିତାଧିକାରୀ କରିଥିବା ଘରଗୁଡ଼ିକ ସମ୍ପୂର୍ଣ୍ଣ ଥିବା ବେଳେ ଅନ୍ୟମାନଙ୍କ ଘର ଅସମ୍ପୂର୍ଣ୍ଣ ରହିଛି। ନୀଳଗିରିର ପୂର୍ବତନ ବିଧାୟକ ଚିତ୍ତରଞ୍ଜନ ଷଡ଼ଙ୍ଗୀ ଏନେଇ ମୁଖ୍ୟମନ୍ତ୍ରୀ ଓ ପଞ୍ଚାୟତିରାଜ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିବା ସହ ହିତାଧିକାରୀଙ୍କୁ ନ୍ୟାୟ ଯୋଗାଇ ଦେବାକୁ ଦାବି କରିଛନ୍ତି।

ଏନେଇ ନୀଳଗିରି ବିଡ଼ିଓ ଅନିତା ନାୟକଙ୍କୁ ପଚାରିବାରୁ ସେ କହିଛନ୍ତି ଯେ, ଏ ସମ୍ପର୍କରେ ତଦନ୍ତ କରାଯିବା ସହ ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ।



# ଆଖିକୁ ଦିଶୁନାହାନ୍ତି

ଭାରତ ୨୦୧୪ରେ ଏକ ନୂଆ ରାଜନୈତିକ ସମୀକରଣ ଦେଖିଥିଲା। ସେହିବର୍ଷ ହୋଇଥିବା ସାଧାରଣ ନିର୍ବାଚନରେ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱାଧୀନ ଭାଜପା ଏକାକୀ ସଂଖ୍ୟାଗରିଷ୍ଠତା ଲାଭ କରିଥିଲା। ସେତେବେଳେ ମୋଦି କେବଳ ଗୁଜରାଟର ମୁଖ୍ୟମନ୍ତ୍ରୀ ଭାବେ ସେହି ରାଜ୍ୟରେ ସୀମିତ ଥିଲେ। ଦେଶବ୍ୟାପୀ ଭାଜପାର କୌଣସି ଆଖିଦୃଶିଆ ସଙ୍ଗଠନ ନ ଥିଲା। ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ବିଷୟରେ ଯାହା କୁହାଯାଏ, ସେତିକି ପରିମାଣର ଭୋଟ ସେହି ସଙ୍ଗଠନ ଏକାଠି କରିବାରେ ସକ୍ଷମ ନୁହେଁ ବୋଲି ଅନେକ ଦଶନ୍ଧିରୁ ଜଣାଶୁଣା। ଏହିଭଳି ଆହୁରି ଅନେକ କାରଣର ପ୍ରଚ୍ଛଦପଟରେ ୨୦୧୪ ନିର୍ବାଚନ ଫଳାଫଳକୁ ଦେଖିଲେ ସ୍ପଷ୍ଟ ଜଣାପଡ଼େ ଯେ ୨୦୦୪ରୁ ୨୦୧୪ ଦୀର୍ଘ ୧୦ ବର୍ଷର ଉପା ଶାସନ ଉପରେ ସାଧାରଣ ଭୋଟର ବିରକ୍ତ ହୋଇଯାଇଥିଲେ। ଅନେକ ରାଜନୈତିକ ପର୍ଯ୍ୟବେକ୍ଷକଙ୍କ ମତରେ ଭାଜପା ଏବଂ ମୋଦିଙ୍କ ଜିତାପଟ ଯେତିକି ସକାରାତ୍ମକ କାରଣରୁ ହୋଇଥିଲା, ତାହାଠାରୁ କାହିଁ ଅଧିକ କଂଗ୍ରେସ ଶାସନ ଉପରେ ବିରୋଧ ପ୍ରକଟ କରିବାକୁ ଯାଇ ନକାରାତ୍ମକ କାରଣରୁ ହୋଇଥିଲା। ୨୦୧୯ରେ ଭାଜପାକୁ ଟକ୍କର ଦେବା ଭଳି କଂଗ୍ରେସ ସମେତ ଅନ୍ୟ କୌଣସି ଦଳରେ କେହି ନେତା ଉଭା ହୋଇ ନ ପାରିବାରୁ ସରକାର ବିରୋଧୀ ପବନ ବହିପାରିଲା ନାହିଁ। ଏହାବ୍ୟତୀତ ମନମୋହନ ସିଂଙ୍କ ଭଳି ଜଣେ ଦୁର୍ବଳ ଓ ମତବିହୀନ ପ୍ରଧାନମନ୍ତ୍ରୀଙ୍କୁ ଭାରତର ମତଦାତା ୧୦ ବର୍ଷ ଶାସନ କରିବାର ସମୟ ପ୍ରଦାନ କରିଥିଲେ ବୋଲି ମୋଦିଙ୍କୁ ମଧ୍ୟ ୧୦ ବର୍ଷ ସମୟ ଦେବାକୁ ଏହି ଭୋଟର ମନସ୍ଥ କରିଥାଇପାରନ୍ତି। ଏବକାର ସ୍ଥିତି ଦେଖିଲେ ଦେଶର ବହୁ ସ୍ଥାନରେ ଭାଜପାର ଶାସନକୁ ଅନେକେ ପସନ୍ଦ କରୁନାହାନ୍ତି। ବିମୁଦ୍ରୀକରଣ, ଜିଏସ୍‌ଟି ପରେ କୋଭିଡ୍–୧୯ ମହାମାରୀଜନିତ ଅବ୍ୟବସ୍ଥା ଯୋଗୁ ଦେଶର ଅର୍ଥନୀତି ସମ୍ପୂର୍ଣ୍ଣ ମାଡ଼ ଖାଇଯାଇଥିବାରୁ ଜନସାଧାରଣ ପ୍ରତିକ୍ରିୟାଶୀଳ ହୋଇପଡ଼ିଲେଣି। ତଥାପି ବିକଳ୍ପ ଦଳ ଓ ନେତା ପାଇପାରୁ ନ ଥିବାରୁ ନୀରବ ରହିଯାଉଛନ୍ତି।

ଏଭଳି ପରିପ୍ରେକ୍ଷୀରେ ଭାରତୀୟ ରାଜନୀତିରେ ଏକ ନୂଆ ଆଶା କଅଁଳିପାରେ ବୋଲି ଶୁଭସୂଚନା ମିଳିଲାଣି। ଦୀର୍ଘବର୍ଷ ଦେଶକୁ ଶାସନ କରିଆସିଥିବା କଂଗ୍ରେସ ନେତୃତ୍ୱରେ ପରିବର୍ତ୍ତନ ଦରକାର ବୋଲି ଦଳ ଭିତରୁ ନେତାମାନେ ସ୍ୱର ଉଠାଇବା ପରେ ଏହି ସମ୍ଭାବନା ସୃଷ୍ଟି ହୋଇଛି। ୨୪ ଅଗଷ୍ଟରେ କଂଗ୍ରେସ କାର୍ଯ୍ୟକାରୀ କମିଟି (ସିଡବ୍ଲୁସି) ବୈଠକ ଅନୁଷ୍ଠିତ ହେବାର ଅଛି। ସେଥିରେ ଗାନ୍ଧୀ ପରିବାରରୁ ନେତୃତ୍ୱକୁ ଅପସାରଣ କରିବା ଦାବିରେ ବର୍ତ୍ତମାନର କେତେଜଣ ସାଂସଦ ଓ ପୂର୍ବତନ ମନ୍ତ୍ରୀ ଅଛନ୍ତି। ସେମାନେ କଲେକ୍‌ଟିଭ୍ ଲିଡରଶିପ୍ ବା ସାମୂହିକ ନେତୃତ୍ୱ ଉପରେ ଗୁରୁତ୍ୱ ଦେଉଛନ୍ତି। ଅନ୍ୟପକ୍ଷରେ ଏକ ଗୋଷ୍ଠୀ ଯେଉଁଥିରେ ପଞ୍ଜାବ ମୁଖ୍ୟମନ୍ତ୍ରୀ କ୍ୟାପ୍‌ଟେନ୍ ଅମରିନ୍ଦର ସିଂ ଓ ଅନ୍ୟ କେତେକ ନେତା ସମ୍ପୃକ୍ତ ଅଛନ୍ତି, ସେମାନେ ଗାନ୍ଧୀ ପରିବାର ପାଇଁ ବ୍ୟାଟିଂ କରୁଛନ୍ତି। ରାଜନୈତିକ ବିଶ୍ଳେଷକଙ୍କ ମତରେ ସୋନିଆ ଗାନ୍ଧୀ ଅନ୍ତରୀଣ ସଭାପତି ଦାୟିତ୍ୱ ନେବା ଏକବର୍ଷ ପୂରଣ ହୋଇଯାଇଥିବାରୁ ସେ ପଦରୁ ଇସ୍ତଫା ଦେଇପାରନ୍ତି। ଦଳ ଭିତରେ ଢାଞ୍ଚାଗତ ପରିବର୍ତ୍ତନ ଆଣିବାକୁ ଚାହୁଁଥିବା ନେତାଙ୍କ ଲକ୍ଷ୍ୟ ରହିଛି କଂଗ୍ରେସର ହୃତ ଗୌରବକୁ ଫେରାଇ ଆଣିବା। ପରିବାରବାଦରୁ ନେତୃତ୍ୱ ମୁକୁଳିଲେ କଂଗ୍ରେସ ଲୋକଙ୍କ ଦ୍ୱାରା ଗ୍ରହଣୀୟ ହେବାର ବହୁ ସମ୍ଭାବନା ରହିଛି ବୋଲି ଏହି ଗୋଷ୍ଠୀ ବିଶ୍ୱାସ କରୁଛି। ଏଭଳି ବିତର୍କ ସିଡବ୍ଲୁସିରେ ଝଡ଼ ସୃଷ୍ଟି କରିପାରେ ବୋଲି କଥା ଉଠିଲାଣି। କିନ୍ତୁ କଂଗ୍ରେସ ଚରିତ୍ର ସମସ୍ତେ ଜାଣନ୍ତି। ଶେଷ ମୁହୂର୍ତ୍ତରେ କିଏ କେଉଁ ପଟକୁ ପଲଟି ମାରିବେ, ତାହା ପୂର୍ବରୁ କହିବା କଷ୍ଟକର। ବିଶେଷକରି ପରିବର୍ତ୍ତନ ସପକ୍ଷବାଦୀ ଗୋଷ୍ଠୀରେ ଶଶି ଥରୁରଙ୍କ ଭଳି ବ୍ୟକ୍ତିତ୍ୱ ଥିବାରୁ କହିହେବ ଯେ, ଏହି ଗୋଷ୍ଠୀର ବିରୋଧର ଉଦ୍ଦେଶ୍ୟ କେବଳ କିଛି ସ୍ୱାର୍ଥ ହାସଲ ପାଇଁ। ବାସ୍ତବରେ ଦଳୀୟ ପରିବର୍ତ୍ତନ ଆଣିବା ପାଇଁ ଥରୁରଙ୍କ ଭଳି ଲୋକ ଚେଷ୍ଟା କରୁଥିବା ଭଳି ବିଶ୍ୱାସ ହୁଏନାହିଁ। ଏହି ସନ୍ଧିକ୍ଷଣରେ ସୋନିଆ, ରାହୁଲ ଓ ପ୍ରିୟଙ୍କାଙ୍କ ଆଶ୍ରିତ ରହିଥିବା କଂଗ୍ରେସରେ କିଛି ଗୋଟେ ସ୍ପଷ୍ଟ ନିଷ୍ପତ୍ତି ହୁଏତ ନିଆଯାଇପାରେ। ଯଦି ସୋନିଆଙ୍କ ପରିବାରରୁ ନେତୃତ୍ୱ ଅନ୍ୟ କାହା ନିକଟକୁ ଚାଲିଯାଏ, ତେବେ ସ୍ୱାଗତଯୋଗ୍ୟ ସମ୍ଭାବନା ସୃଷ୍ଟି ହୋଇପାରେ। ଦୀର୍ଘ ଶାସନ କ୍ଷମତାରେ ରହିବା ଲାଗି ହେଉଥିବା ଫନ୍ଦିଫିକରକୁ ରୋକିବାର ବାଟ ଫିଟିପାରନ୍ତା। ପୁଣି ଭାଜପା ଯେଉଁ ପରିବାରବାଦ କଥା କହି 'କଂଗ୍ରେସ ମୁକ୍ତ ଭାରତ' ଡାକରା ଦେଉଛି, ତାହା ଏହି ନୂଆ ପରିସ୍ଥିତିରେ ଫସର ଫାଟିଯାଇପାରେ। ଏହା କେବଳ କଂଗ୍ରେସ ଦଳରେ ସୀମିତ ରହିବ ନାହିଁ, ତାହାର ପ୍ରଭାବ ଭାରତୀୟ ଗଣତନ୍ତ୍ର ଉପରେ ପଡ଼ିବ।

ଆଜି ଭାରତୀୟ ରାଜନୀତିରେ ବିକଳ୍ପ ନେତାଙ୍କ ଅଭାବ ଥିବାରୁ ଶାସକମାନେ ମନଇଚ୍ଛା ନିଷ୍ପତ୍ତି ନେଇଯାଉଛନ୍ତି। ବର୍ତ୍ତମାନ ସମୟ ପାଇଁ ଏହି ନିଷ୍ପତ୍ତି କେତେକଙ୍କୁ ଖୁସି ଆଣିଦେଉଥାଇପାରେ, କିନ୍ତୁ ଏହାର ଦୀର୍ଘମିଆଦୀ କୁଫଳ ଦେଶବାସୀ ନିଶ୍ଚୟ ଭୋଗିବେ। ତେଣୁ କଂଗ୍ରେସରେ ଆମୂଳଚୂଳ ପରିବର୍ତ୍ତନ ହେଲେ ପ୍ରତିଭା ଓ ଦକ୍ଷତା ଭିତ୍ତିରେ ଜଣେ ଏହାର ମଙ୍ଗୁଆଳ ହୋଇପାରନ୍ତେ। କଂଗ୍ରେସ କଥା ଦେଖିଲେ ଦେଶସାରା ଏହି ଦଳର ଗୋଟେ ପକେଟ୍ ଭୋଟ ରହିଛି। ଭାରତର ସ୍ୱାଧୀନତା ସଂଗ୍ରାମ ସହ ଏହି ଦଳର ସମ୍ପର୍କ ରହି ଆସିଥିବାରୁ ଅନେକେ କଂଗ୍ରେସକୁ ଭଲ ପାଇଥାଆନ୍ତି। ଏବର ପରିବର୍ତ୍ତିତ ପରିସ୍ଥିତିରେ ଦଳକୁ ସୁଦୃଢ଼ କରାଯାଇପାରିଲେ ନୂଆ ଲୋକ ଯୋଡ଼ି ହେବାକୁ ଚାହିଁବେ। ଦୀର୍ଘ ଶାସନ କାଳ ହେଲା ଭଳି ଲୋକେ ଶାସକଙ୍କ କାର୍ଯ୍ୟକଳାପରେ ବିତୃଷ୍ଣ ହେଲେ ପରିବର୍ତ୍ତନ ଅବଶ୍ୟମ୍ଭାବୀ ହୋଇପଡ଼ିବ। ଅତଏବ କଂଗ୍ରେସ ନେତାମାନେ କଠୋର ନିଷ୍ପତ୍ତି ନେବା ଜରୁରୀ ହୋଇପଡ଼ିଲାଣି। ମାତ୍ର ମନେରଖିବାକୁ ହେବ ଯେ, ସୁସ୍ଥ ଗଣତନ୍ତ୍ରରେ ବିରୋଧୀ ଦଳର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଆଜିର ସ୍ଥିତିରେ କଂଗ୍ରେସ ସେହି ଦାୟିତ୍ୱ ତୁଲାଇବାକୁ ସକ୍ଷମ ହେଉନାହିଁ। ତେବେ ସେହି ଦଳ ଭିତରେ ଥିବା ନେତାମାନଙ୍କ ମଧ୍ୟରୁ କେଉଁ ବ୍ୟକ୍ତି ଏକ ଜାତୀୟ ସ୍ତରର ଭାବମୂର୍ତ୍ତି ରଖି ଦଳକୁ ଆଗକୁ ନେଇପାରିବେ ତାହା ହେଉଛି ଆଗାମୀ ଦିନର ଚାହିଦା। ସେଭଳି କୌଣସି ବ୍ୟକ୍ତି ଆଖିକୁ ଦିଶୁ ନାହାନ୍ତି।

## ସାପ୍ତାହିକ ପଞ୍ଜିକା

**ଅଗଷ୍ଟ ୧୬:** କୋଭିଡ୍–୧୯ଜନିତ ସ୍ୱାସ୍ଥ୍ୟଗତ ସମସ୍ୟା ଯୋଗୁ ଭାରତର ପୂର୍ବତନ କ୍ରିକେଟ ଓପନର ଚେତନ ଚୌହାନଙ୍କ ପରଲୋକ ଘଟିଛି।
**ଅଗଷ୍ଟ ୧୭:** ଖ୍ୟାତନାମା ଭାରତୀୟ ଶାସ୍ତ୍ରୀୟ ଗାୟକ ପଣ୍ଡିତ ଯଶରାଜଙ୍କର ପରଲୋକ।
**ଅଗଷ୍ଟ ୧୮:** ନିର୍ବାଚନ କମିଶନର ଅଶୋକ ଲାଭସାଙ୍କ ଇସ୍ତଫା।
**ଅଗଷ୍ଟ ୧୯:** ସୁଶାନ୍ତ ସିଂ ରାଜପୁତ ମାମଲାର ସିବିଆଇ ତଦନ୍ତ ନିର୍ଦ୍ଦେଶ।
**ଅଗଷ୍ଟ ୨୦:** କେନ୍ଦ୍ରମନ୍ତ୍ରୀ ଗଜେନ୍ଦ୍ର ସିଂ ଶେଖାୱତ୍‌ଙ୍କୁ କରୋନା।
**ଅଗଷ୍ଟ ୨୧:** ଭାରତୀୟ ସ୍ପ୍ରିଣ୍ଟର କୁଇନ୍ ଦୂତୀ ଚାନ୍ଦ ଅର୍ଜୁନ ପୁରସ୍କାର ପାଇଁ ମନୋନୀତ।

## su|do|ku ସୁ–ଡୋ–କୁ

Puzzles by Srikant Ghosh

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | C | | | | 3 | 9 | | 4 | 2 | | B | | 0 |
| | E | | | 6 | | 1 | | 2 | | B | | A | 7 | |
| D | A | | | 9 | | | | | | 1 | 8 | | 3 | |
| 2 | 6 | 8 | | | | | | | | | | E | | |
| | | | | 5 | | | A | 7 | | | | 8 | | 4 |
| 7 | 1 | 3 | | | 6 | E | 8 | | | C | | | | |
| | 0 | | | A | | | | | | | 3 | C | 4 | 5 |
| 9 | | | | | | 7 | | | 1 | | | | D | |
| | D | | 3 | | | | 5 | | | 4 | | | | |
| | | | 4 | E | | 2 | | | 0 | | | | | 7 |
| 8 | | | | | | | | 5 | 7 | | | | E | |
| 0 | 9 | | | | | | | | 2 | | D | 3 | | |
| | | | 5 | | 9 | | B | | | | | | | C |
| | 3 | 7 | | | | 4 | 0 | | C | | | | A | B |
| | C | | 1 | 2 | | | | E | | | | 4 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| A | 4 | 9 | 2 | 8 | B | 6 | 7 | 1 | 3 | C | D | 5 | E | 0 |
| 1 | 3 | D | C | 6 | A | 0 | 4 | 2 | 5 | E | B | 7 | 9 | 8 |
| 8 | C | B | 7 | 5 | 9 | E | D | 3 | 6 | 4 | 0 | A | 2 | 1 |
| 0 | 2 | 5 | E | 3 | 1 | B | A | C | 8 | 9 | 7 | 6 | 4 | D |
| 6 | 7 | E | 0 | D | 4 | 5 | 8 | 9 | 2 | A | 1 | 3 | B | C |
| 4 | 5 | 7 | 1 | C | D | 3 | 9 | 8 | A | B | 2 | E | 0 | 6 |
| C | 0 | 1 | 8 | 4 | E | 2 | 6 | 5 | 7 | 3 | 9 | B | D | A |
| 3 | 6 | 2 | A | 0 | 5 | C | B | D | 4 | 1 | E | 8 | 7 | 9 |
| E | 9 | 8 | B | 7 | 2 | A | 0 | 4 | D | 5 | 6 | 1 | C | 3 |
| B | D | A | 6 | 9 | 3 | 1 | E | 7 | C | 0 | 8 | 2 | 5 | 4 |
| 9 | E | 3 | D | 2 | 6 | 4 | C | B | 1 | 8 | 5 | 0 | A | 7 |
| 5 | 1 | 6 | 3 | B | C | D | 2 | A | 0 | 7 | 4 | 9 | 8 | E |
| 2 | B | C | 4 | E | 8 | 7 | 1 | 0 | 9 | 6 | A | D | 3 | 5 |
| D | 8 | 0 | 5 | A | 7 | 9 | 3 | 6 | E | 2 | C | 4 | 1 | B |
| 7 | A | 4 | 9 | 1 | 0 | 8 | 5 | E | B | D | 3 | C | 6 | 2 |

ଗତକାଲିର ଉତ୍ତର

# ସବୁଜ ବିପ୍ଳବର ଧୂସର ଦିଗ



ପ୍ରଫେସର ରମେଶ ଚନ୍ଦ୍ର ପରିଡ଼ା

ବିଶିଷ୍ଟ ଅର୍ଥନୀତିଜ୍ଞ ରେଭେରେଣ୍ଡ୍ ଥୋମାସ ରବର୍ଟ ମାଲ୍‌ଥସ୍ ଊନବିଂଶ ଶତାବ୍ଦୀର ଶେଷଭାଗକୁ ଭବିଷ୍ୟବାଣୀ ଶୁଣାଇଥିଲେ ଯେ, ବିଶ୍ୱରେ ଘଟୁଥିବା ଜନସଂଖ୍ୟା ବିସ୍ଫୋରଣ ପରିମାଣ ଭବିଷ୍ୟତରେ ଅତ୍ୟନ୍ତ ଭୟାବହ ହେବ। କାରଣ, ପୃଥିବୀ ପାଇଁ ତାହା ସହନୀୟ ହେବ ନାହିଁ। ତେବେ, ବର୍ତ୍ତମାନ ସେହି ଜନସଂଖ୍ୟା ବହୁଗୁଣିତ ହୋଇସାରିଥିଲେ ସୁଦ୍ଧା ତାଙ୍କର ଉକ୍ତ 'ଗ୍ଲୁମ ଏଣ୍ଡ୍ ଗ୍ଲୁମ' ମତବାଦ ସତ୍ୟ ହୋଇ ନ ପାରିବା ମୂଳରେ ରହିଛି ବିଜ୍ଞାନର, ବିଶେଷ କରି, କୃଷି ବିଜ୍ଞାନର ଯାଦୁକରି ଭୂମିକା। ବିଂଶ ଶତାବ୍ଦୀର ଶେଷାର୍ଦ୍ଧ ବେଳକୁ ଏ କ୍ଷେତ୍ରରେ ଘଟିଥିବା ଅଭୂତପୂର୍ବ ବିକାଶ ସେ ସମସ୍ତଙ୍କୁ କେବଳ ଯେ ଖାଦ୍ୟ ଓ ପୁଷ୍ଟି ଯୋଗାଇବାକୁ ସମର୍ଥ ହୋଇଛି ତା'ନୁହେଁ, କେତେକସ୍ଥଳେ ଉତ୍ପାଦନକୁ ବଳକା ମଧ୍ୟ କରିପାରିଛି।

ବିଶ୍ୱ ଇତିହାସରେ ଏ ସମୟ ଥିଲା ଅତୀବ ଜଟିଳ। ଗଣବିଧ୍ୱଂସକାରୀ ଦ୍ୱିତୀୟ ବିଶ୍ୱଯୁଦ୍ଧ ସମାପ୍ତ ହୋଇଥାଏ। ବହୁ ଅଣବିକଶିତ ଆଫ୍ରୋ–ଏସୀୟ ଦେଶ ବିଦେଶୀ ଶାସନରୁ ସଦ୍ୟ ମୁକ୍ତ ହୋଇଥାନ୍ତି। ତନ୍ମଧ୍ୟରୁ ଅଧିକାଂଶଙ୍କ ସମ୍ମୁଖରେ ମୁଖ୍ୟ ସମସ୍ୟାରୂପେ ମୁଣ୍ଡ ଟେକିଥାଏ କ୍ଷୁଧା। ଭାରତ ମଧ୍ୟ ଥିଲା ସେଥିରୁ ଅନ୍ୟତମ। ଏଥିପାଇଁ ଏହାକୁ ନିର୍ଭରଶୀଳ ହେବାକୁ ପଡୁଥିଲା ଆମେରିକା, ଅଷ୍ଟ୍ରେଲିଆ, ମେକ୍ସିକୋ ଆଦି ଦେଶର ଗହମ ଏବଂ ଆଉ କେତେକ ଦେଶର ଚାଉଳ ଉପରେ। ଇତ୍ୟବସରରେ ପ୍ରଥିତଯଶା ବୈଜ୍ଞାନିକ ସ୍ୱାମୀନାଥନ୍ ଏବଂ ତାଙ୍କ ଭଳି କେତେକ ସମର୍ପିତ କୃଷି ବିଜ୍ଞାନୀଙ୍କ ନେତୃତ୍ୱରେ ଆରମ୍ଭ ହେଲା ସବୁଜ ବିପ୍ଳବ। ଏହାର ତିନୋଟି ମୁଖ୍ୟ ଆୟୁଧ ଥିଲା, ଅଧିକ ଉତ୍ପାଦନକ୍ଷମ ସଙ୍କର ବିହନ, ରାସାୟନିକ ସାର ଏବଂ କୀଟନାଶକ। ଫଳରେ ଆମେ ଶସ୍ୟ ଉତ୍ପାଦନ କ୍ଷେତ୍ରରେ ଆତ୍ମନିର୍ଭରଶୀଳ ହୋଇପାରିଛୁ ସତ, ହେଲେ ତାହା ସହିତ ଆସି ଉଭାହୋଇଛି ବହୁ ଜଟିଳ ସମସ୍ୟା, ଯାହାକୁ କୁହାଯାଉଛି ' ସବୁଜ ବିପ୍ଳବର ଧୂସର ଦିଗ'।

ପ୍ରଥମତଃ ଅଧିକ ଉତ୍ପାଦନକ୍ଷମ ସଙ୍କର ବିହନର ବ୍ୟାପକ ବ୍ୟବହାର ଧାନ ଓ ଗହମ ଆଦିର ସ୍ଥାନୀୟ ପ୍ରଜାତିଗୁଡ଼ିକର ବିଲୁପ୍ତିର କାରଣ ହୋଇଛି। ଫଳରେ ହଜି ଯାଇଛି ପ୍ରକୃତି ଯୁଗ ଯୁଗ ଧରି ସୃଷ୍ଟି କରିଥିବା ଅମୂଲ୍ୟ ଜିନୀୟ ସମ୍ପଦ ଏବଂ ଗଭୀର ରୂପେ ବ୍ୟାହତ ହୋଇଛି ଜୈବ ବିବିଧତା। ପୁନଶ୍ଚ ଏହା ଆବଶ୍ୟକ କରୁଛି ଅଧିକ ଜଳ, ରାସାୟନିକସାର ଏବଂ କୀଟନାଶକ, ଫଳରେ ଆମ ଜଳସଂପଦ, ବିଶେଷକରି ଭୂତଳ ଜଳ ହ୍ରାସ ପାଇବାରେ ଲାଗିଛି। ଅନ୍ୟପକ୍ଷରେ, ରାସାୟନିକସାରର ପ୍ରୟୋଗ ମୃତ୍ତିକାର ପ୍ରାକୃତିକ ଧର୍ମ ସହିତ ଏହାର ପରିସଂସ୍ଥାକୁ ନଷ୍ଟ କରି ଦେଉଛି। ଏଣୁ ଏହା ହରାଇ ବସୁଛି ଉର୍ବରତା ଏବଂ କ୍ରମେ ମରୁମୟ ହେବାରେ ଲାଗିଛି। ତେବେ ଏ ଦୁଇଟି ତୁଳନାରେ ଅଧିକ ଭୟଙ୍କର ହୋଇଛି କୀଟନାଶକର ବହୁଳ ପ୍ରୟୋଗ। ତାହା ସାମଗ୍ରିକଭାବେ ପରିବେଶ ଓ ପରିସଂସ୍ଥା ଏବଂ ନିର୍ଦ୍ଦିଷ୍ଟ ରୂପେ ଜନସ୍ୱାସ୍ଥ୍ୟ ଏବଂ କୃଷିକୁ ଗଭୀରଭାବେ ପ୍ରଭାବିତ କରିଛି। ଅତଏବ ସବୁଜ ବିପ୍ଳବକୁ ଧୂସର କରିବା ଦିଗରେ ଏହାର ଭୂମିକା ହୋଇଛି ସର୍ବାଧିକ।

ବିଶ୍ୱ ସ୍ୱାସ୍ଥ୍ୟ ସଂସ୍ଥାର ଆକଳନ ଅନୁସାରେ ବର୍ଷକୁ ଏହି ''ନୂତନ ଗଣ ବିଧ୍ୱଂସକାରୀ ଅସ୍ତ୍ର''ର ପ୍ରଭାବରେ ଆମ ଦେଶରେ ପ୍ରତ୍ୟକ୍ଷଭାବେ ୨/୩ ହଜାର ଏବଂ ପରୋକ୍ଷଭାବେ ୩.୫/୪ ନିୟୁତ ଲୋକ ଅକାଳ ମୃତ୍ୟୁବରଣ କରୁଛନ୍ତି। ଏହାବ୍ୟତୀତ ଯଥାକ୍ରମେ ୧୨/୧୪ ହଜାର ଏବଂ ୧୫/୧୬ ନିୟୁତ ଲୋକ ଦୁରାରୋଗ୍ୟ ବ୍ୟାଧିର ମଧ୍ୟ ଶିକାର ହେଉଛନ୍ତି। କୃଷି ସମୃଦ୍ଧ ପଞ୍ଜାବରେ ହୁ ହୁ ହୋଇ ବଢ଼ି ଚାଲିଥିବା କର୍କଟରୋଗୀଙ୍କ ସଂଖ୍ୟା ମୂଳରେ ଏହା ହିଁ ରହିଛି। ଅନ୍ୟପକ୍ଷରେ, ପରିବେଶ ସଚେତନତା ଲାଗି ଉଦ୍ଦିଷ୍ଟ ପ୍ରମୁଖ ପତ୍ରିକା 'ଡାଉନ ଟୁ ଆର୍ଥ' ଅନୁସାରେ ଭାରତରେ ପ୍ରତିବର୍ଷ ହାରାହାରି ୧୦,୦୦୦ରୁ ଅଧିକ କୀଟନାଶକ ସହ ସମ୍ପୃକ୍ତ ବିଷକ୍ରିୟା ପ୍ରକ୍ରିୟା ଘଟିଥାଏ ଏବଂ ଏହି କାରଣରୁ ଏଠାରେ ୨୦୧୫ ମସିହାରେ ୭.୦୬୦ ଲୋକଙ୍କର ମୃତ୍ୟୁ ଘଟିଥିବାର ଆକଳନ କରିଛି ନ୍ୟାଶନାଲ କ୍ରାଇମ୍ ରେକର୍ଡ ବ୍ୟୁରୋ।

ତଥାପି ଆମ ଦେଶରେ ଏହାର ବ୍ୟବହାର ଦିନକୁ ଦିନ ଅଧିକରୁ ଅଧିକ ହେବାରେ ଲାଗିଛି। ଏଣୁ ବର୍ତ୍ତମାନ କୀଟନାଶକ ଶିଳ୍ପ ଏଠାରେ ୨୦,୦୦୦ କୋଟି ଟଙ୍କାର ବ୍ୟବସାୟ କରୁଥିଲାବେଳେ ୨୦୨୪ ମସିହା ବେଳକୁ ତାହା ୮ରୁ ୧୦ ଶତାଂଶ ବୃଦ୍ଧି ପାଇପାରେ ବୋଲି ଆଶା କରାଯାଉଛି।

ଅନ୍ୟପକ୍ଷରେ, ଭାରତରେ ବିକ୍ରୟ ହେଉଥିବା ୬୬ ପ୍ରକାର କୀଟନାଶକକୁ 'ଅତ୍ୟନ୍ତ ବିଷାକ୍ତ' ବୋଲି ଦର୍ଶାଇ ଅନେକ ଦେଶରେ ନିଷେଧ କରାଗଲାଣି। ପୁନଶ୍ଚ ସୁଇଜରଲାଣ୍ଡର ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ଅନ୍ ଆର୍ଥର୍' ଏବଂ 'ଗ୍ରୀନ୍‌ପିସ୍'ର ଅନ୍ୟ ଏକ ଅନୁଧ୍ୟାନରୁ ଜଣାପଡିଛି ଯେ' ଆମ ଦେଶରେ ବ୍ୟବହୃତ କୀଟନାଶକଗୁଡିକ ମଧ୍ୟରୁ ୫୯ ଶତାଂଶ ଏହି ଶ୍ରେଣୀର। ଆମ ପଛକୁ ଅଛନ୍ତି ଜାପାନ(୫୨%), ବ୍ରାଜିଲ୍ (୪୯%) ଏବଂ ଯୁକ୍ତରାଷ୍ଟ୍ର ଆମେରିକା (୩୬%)। ତେବେ ସ୍ୱାସ୍ଥ୍ୟବିଜ୍ଞାନୀ ଓ ପରିବେଶବିତ୍‌ମାନେ ଦୀର୍ଘ ସମୟ ଧରି ଚଳାଇ ଆସିଥିବା ବିରୋଧ ଫଳରେ ବିଗତ ମେ ୧୮ ତାରିଖ (୨୦୨୦)ରେ ତହିଁରୁ ୨୭ଟିକୁ ନିଷେଧ କରିବା ପାଇଁ କେନ୍ଦ୍ର ସରକାରଙ୍କ କୃଷି ମନ୍ତ୍ରଣାଳୟ ବିଜ୍ଞପ୍ତି ପ୍ରକାଶ କରିଛି।

ଅନେକେ ମତ ଦିଅନ୍ତି ଯେ' କୀଟନାଶକଗୁଡିକର ବ୍ୟବହାର ସଂକୁଚିତ କରାଗଲେ ଆମ ଶସ୍ୟ ଉତ୍ପାଦନ ଉପରେ ତା'ର ନକାରାତ୍ମକ ପ୍ରଭାବ ପଡିବ। କିନ୍ତୁ ଏ ଆଶଙ୍କା କଦାପି ସତ୍ୟ ନୁହେଁ। ଉଦାହରଣସ୍ୱରୂପ ବିଂଶ ଶତାବ୍ଦୀର ଶେଷଭାଗକୁ ଆମେରିକା କୀଟନାଶକର ବ୍ୟବହାର ୩୫% ହ୍ରାସ କରିଦେଇଥିଲେ ମଧ୍ୟ ସେଠାରେ ଏହା ହ୍ରାସ ପାଇନାହିଁ। କାରଣ, ବିଜ୍ଞାନ ସମ୍ମତ ପଦ୍ଧତିରେ ଫସଲର ସୁପରିଚାଳନା ଦ୍ୱାରା ଏହାର ଆବଶ୍ୟକତା କମାଇ ଦିଆଯାଇପାରିଲା। ଏବେ ଅନେକ ୟୁରୋପୀୟ ଦେଶ ତାହାକୁ ଅନୁସରଣ କରି କୀଟନାଶକର ବ୍ୟବହାର ୫୦ ଶତାଂଶ ପର୍ଯ୍ୟନ୍ତ ହ୍ରାସ କରି ସାରିଲେଣି। ଅନ୍ୟପକ୍ଷରେ ନିକଟରେ ଜାତିସଂଘର ଖାଦ୍ୟ ଏବଂ କୃଷି ପରିଷଦର ବିଶେଷଜ୍ଞମାନେ ମତ ଦେଇଛନ୍ତି ଯେ' କୀଟନାଶକକୁ ବାଦ ଦେଇ କିମ୍ବା ସୀମିତ ବ୍ୟବହାର କରି ଉତ୍ପାଦନ ବୃଦ୍ଧି ସମ୍ଭବ ହୋଇପାରିବ। ଏଥିପାଇଁ ନୂତନ ନୂତନ ଜ୍ଞାନକୌଶଳ ବାହାରିବାରେ ଲାଗିଛି। ତନ୍ମଧ୍ୟରୁ ଜୈବିକ କୃଷିର ବିକାଶ ଅନ୍ୟତମ। ବିଗତ ୧୯୭୦–ଦଶକରେ କର୍ଣ୍ଣେଲ ବିଶ୍ୱବିଦ୍ୟାଳୟର ପ୍ରଫେସର ଡେଭିଡ୍ ପିମେଣ୍ଟାର ଏହା ହିଁ ମତ ଦେଇଥିଲେ ଏକ ଭିନ୍ନ ବାଟରେ। ତଦନୁଯାୟୀ ଆମେ ବ୍ୟବହାର କରୁଥିବା କୀଟନାଶକଗୁଡ଼ିକର ମାତ୍ର ୧ ଶତାଂଶରୁ କମ୍ ପ୍ରଭାବ ପଡ଼ିଥାଏ କୀଟମାନଙ୍କ ଉପରେ। ଅତଏବ ତାହାର ଅବଶିଷ୍ଟାଂଶ ପରିବେଶ, ପରିସଂସ୍ଥା ଓ ଜନସ୍ୱାସ୍ଥ୍ୟ ପ୍ରତି ବିପଦ ସୃଷ୍ଟି କରିଥାଏ। ଏଣୁ ତାହାର ବ୍ୟବହାର ହ୍ରାସ କରିଦେବା ଉତ୍ପାଦନକୁ ପ୍ରଭାବିତ କରିବ ନାହିଁ। ଏତେଦିନ ପରେ ଏକଥାକୁ ସ୍ୱୀକାର କରିଛନ୍ତି ଖାଦ୍ୟ ଏବଂ କୃଷି ପରିଷଦର ବିଶେଷଜ୍ଞମାନେ।

ଆମ ଦେଶରେ କୀଟନାଶକ ଇତ୍ୟାଦି କୃଷିକ୍ଷେତ୍ରରେ ବ୍ୟବହୃତ ହେଉଥିବା ବିଷାକ୍ତ ସାମଗ୍ରୀଗୁଡିକର ବ୍ୟବହାର ଓ ପରିଚାଳନା ଲାଗି ପ୍ରଥମେ ବିଧିବ୍ୟବସ୍ଥା କରାଯାଇଥିଲା ୧୯୬୮ ମସିହାରେ। ଏହାପରେ ଚଳିତ ୨୦୨୦ରେ କୃଷକମାନଙ୍କ ସୁରକ୍ଷା ସହିତ ଯଥେଷ୍ଟ ଖାଦ୍ୟ ଉତ୍ପାଦନ ଏବଂ ମୃତ୍ତିକା, ପରିସଂସ୍ଥା ଓ ପରିବେଶ ସୁରକ୍ଷା ଲାଗି ବିଲ୍‌ଟିଏ ପ୍ରସ୍ତୁତ କରାଯାଇଛି। ତାହା କାର୍ଯ୍ୟକାରୀ ହେଲେ କୀଟନାଶକଗୁଡିକର ବ୍ୟବହାର ଉପରେ କଟକଣା ଲଗାଯିବ। ଏଥିରେ ବ୍ୟବହୃତ ରସାୟନଗୁଡ଼ିକର ଜନସ୍ୱାସ୍ଥ୍ୟ, ପରିବେଶ ଓ ପରିସଂସ୍ଥା ଇତ୍ୟାଦି ଉପରେ ପ୍ରଭାବ ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଅଧ୍ୟୟନ ହେବ। ଯଦି ତାହା କୌଣସି ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟିକରେ ସେ ବାବଦକୁ କ୍ଷତିପୂରଣ ଦେବାର ବ୍ୟବସ୍ଥା ମଧ୍ୟ ଏଥିରେ ରହିଛି। ଯଥାଶୀଘ୍ର ଏହାକୁ ଆଇନରେ ପରିଣତ କରିବା ଲାଗି ପାର୍ଲାମେଣ୍ଟରେ ଉପସ୍ଥାପିତ କରାଯିବ। ତାହା ହୁଏତ ଆମକୁ ଏବଂ ଆମ ବଂଶଧରମାନଙ୍କୁ କୀଟନାଶକର ବିଷାକ୍ତ ପ୍ରଭାବରୁ ସୁରକ୍ଷା ଦେଇପାରିବ।

ଉଷାନିବାସ, ୧୨୪/୨୪୪୫, ଖଣ୍ଡଗିରି ବିହାର, ଭୁବନେଶ୍ୱର
ମୋ: ୯୯୩୭୯୮୫୭୬୭

# ମନ ତୋହର ନିଜ ଗୁରୁ...



ଦ୍ୟୁତି ଚନ୍ଦ୍ର ସାହୁ

ହାତରେ ସାନ ବାଡ଼ି ଧରି ମାଆ ସହ ଯାଉଛି ଡଙ୍ଗରକୁ ପଞ୍ଚମ ପଢୁଥିବା ଆମେଲି କାଡ୍ରାକା। ସବୁ ଛୁଟି ପରି ଚଳିତ ଛୁଟିରେ ପିଲାଙ୍କ ଗାଁକୁ ଘେରାଏ ବୁଲି ଆସିବାକୁ ଗଲାବେଳେ ଗୋଟିଏ ଗାଁର ମୁଣ୍ଡରେ ଦେଖିଲି ଏ ଦୃଶ୍ୟ। ପଚାରିଲି– କୁଆଡେ ଯାଉଛୁ! ପଢୁନୁ କି ? ପିଲାଟି ଉତ୍ତର ନ ଦେଇ ତା'ର ମାଆ କହିଲା– ଆଜ୍ଞା! ଇସ୍କୁଲ ତ କେବେଠୁ ବନ୍ଦ ହୋଇଗଲା। କେବେତି ଖୁଲିବ ଜଣାମିଶା ନାଇଁ! ଗାଁରେ ରହିଲେ ଫାଲତୁ ହେଇଯିବ ବୋଲି ଡଙ୍ଗରକୁ ନେଇ ଯାଉଛି। ପିଲାଟିକୁ ପୁଣି ପଚାରିଲି– ମିଳିଥିବା ନୂଆ ବହି ପଢୁଛୁ ତ ! ସେ ନୀରବ ରହିଗଲା। ବୁଝିଲି ନୂଆ ଶିକ୍ଷାବର୍ଷରେ ବହିର ପୃଷ୍ଠା ଓଲଟା ହୋଇ ନ ଥିବ। ଇଏ ଖାଲି ଜଣେ ଆମେଲିର କଥା ନୁହେଁ। ଅନେକ ଗାଁ ଘୂରି ବୁଲିଲାବେଳେ ଏମିତି ବିପର୍ଯ୍ୟୟ ଶିକ୍ଷାର ନଗ୍ନ ଦୃଶ୍ୟ ଦେଖିବାକୁ ମିଳିଛି।

ବିଦ୍ୟାଳୟରେ ପଢାରେ ଆଗୁଆ କିଛି ପିଲା ନିଜ ନିଜ ପୁସ୍ତକର ମୁହଁ ଦେଖିଛନ୍ତି। କିନ୍ତୁ ଅଧିକାଂଶ ଗ୍ରାମାଞ୍ଚଳର ପିଲାଙ୍କ ଶିକ୍ଷା ଅବସ୍ଥା ସାଂଘାତିକ। ସାଂପ୍ରତିକ ପରିସ୍ଥିତିରେ ପ୍ରତ୍ୟକ୍ଷ ଶିକ୍ଷାଦାନର ବିକଳ୍ପ ଭାବେ ଅନ୍‌ଲାଇନ ଶିକ୍ଷାଦାନକୁ ସମସ୍ତେ ଗୁରୁତ୍ୱ ଦେଉଛନ୍ତି। କିନ୍ତୁ ପ୍ରତ୍ୟକ୍ଷ ଶିକ୍ଷାଦାନର କୌଣସି ବିକଳ୍ପ ନାହିଁ। ଅନ୍‌ଲାଇନ ଶିକ୍ଷାଦାନ କେତେକାଂଶରେ ପିଲାଙ୍କ ପାଠପଢାରେ ଅଭିଭାବକମାନଙ୍କୁ ହୁଏତ ଆଶ୍ୱସ୍ତି ଦେଇପାରେ। ବାସ୍ତବରେ ପିଲା ପାଇଁ କଦାପି ନୁହେଁ। ଆବଦ୍ଧ କୋଠରି ଭିତରେ ଗୋଟିଏ ମୋବାଇଲରେ ମୁହଁ ମାଡି ଦେଖି ଶିଖିବା ନୂଆ ନୂଆରେ ପିଲାଙ୍କୁ ଉତ୍ସାହପ୍ରଦ ହୋଇପାରେ। କିନ୍ତୁ ପରବର୍ତ୍ତୀ ସମୟରେ ଏହା ପିଲାଙ୍କୁ ବିରକ୍ତିକର ସାବ୍ୟସ୍ତ ହୋଇଛି। ସବୁ ବ୍ୟବସ୍ଥା ଉପଲବ୍ଧ ଥିବା ସହରୀ ପିଲାଙ୍କ ପାଇଁ ଅନ୍‌ଲାଇନ ଶିକ୍ଷାଦାନଠାରୁ ଅନ୍ୟତମ ଭଲ ବିକଳ୍ପ କିଛି ହୋଇପାରେନା। କିନ୍ତୁ ଗ୍ରାମାଞ୍ଚଳରେ ରହିଥିବା ଲକ୍ଷ ଲକ୍ଷ ପିଲାଙ୍କ ପାଇଁ ଏବେ ଶିକ୍ଷା ତଥାପି ଅପହଞ୍ଚ। ଫେବୃୟାରୀ ମାସରୁ ଏଯାଏ ପିଲାମାନେ ପାଠ କ'ଣ ଭୁଲିଗଲେଣି। ଅଭିଭାବକମାନେ କରୋନା ଓ ଜୀବନଜୀବିକା ଚନ୍ତାରେ ବୁଡି ରହିଥିବା ବେଳେ ପିଲାଙ୍କ ପାଠପଢା କଥାକୁ ପଚାରେ କିଏ। ଏଭଳିସ୍ଥଳେ ଯୋଗାଯୋଗ ସୁବିଧା ନ ଥିବା ଗ୍ରାମାଞ୍ଚଳର ପିଲାମାନଙ୍କ ପଢିବା ନେଇ ଅଦ୍ୟାବଧି ସେମିତି କିଛି ବିକଳ୍ପ ବ୍ୟବସ୍ଥା ହୋଇପାରିନି। ନିଜ ଭିତରର ପ୍ରତିଷେଧକ ଶକ୍ତିକୁ ନେଇ କରୋନା ବିରୋଧରେ ଲଢିବା ଭଳି ପିଲାମାନେ ଏଇ ନୂତନ ପରିସ୍ଥିତିରେ ନିଜ ଭିତରର ସ୍ୱଶିକ୍ଷଣ ମାନସିକତାକୁ ଉଜାଗର କରିବା ଜରୁରୀ। କିଛି ନ ହେଲେ ବି ଏକା ଏକା ଏକଲବ୍ୟ ସାଜିବାକୁ ହେବ ପିଲାଙ୍କୁ। ଏଦିଗରେ ପ୍ରେରିତ କରିବା ଲାଗି ଅଭିଭାବକ, ଶିକ୍ଷକ ଓ ଶିକ୍ଷା ପରାମର୍ଶଦାତାମାନେ ଉଦ୍ୟମ କରିବା ଆବଶ୍ୟକ। ସ୍ୱଶିକ୍ଷଣ ଲାଗି ଯେଉଁ ଉତ୍ପ୍ରେରକଟି ଆବଶ୍ୟକତାକୁ ଯୋଗାଇବା ଜରୁରୀ। ତେବେ ଏ କ୍ଷେତ୍ରରେ ଅନେକ କିଛି ପଦକ୍ଷେପ ନିଆଯାଇପାରେ ଯଦିଓ ଏହା ପ୍ରତ୍ୟକ୍ଷ ଶିକ୍ଷାଦାନର ସର୍ବୋତ୍ତମ ବିକଳ୍ପ ହୋଇ ନ ପାରେ। ଗ୍ରାମାଞ୍ଚଳରେ ଥିବା ଶିକ୍ଷିତ ଯୁବକମାନଙ୍କୁ ଚିହ୍ନଟ କରି ସ୍ୱେଚ୍ଛାସେବୀ ନିଯୁକ୍ତିପୂର୍ବକ ନିଜ ଗାଁର ପିଲାଙ୍କ ପଢା ଦିଗରେ ନିୟୋଜିତ କରାଯାଇପାରେ। ତଥାକଥିତ ସ୍ୱେଚ୍ଛାସେବୀମାନେ ଗାଁରେ ଥିବା ପିଲାଙ୍କୁ ସାମାଜିକ ଦୂରତା ଅବଲମ୍ବନ କରି ସକାଳୁ ଓ ସଞ୍ଜରେ କିଛି ସମୟ ସ୍ୱଶିକ୍ଷଣ ଲାଗି ପ୍ରେରଣା ଯୋଗାଇବେ। ଏଦିଗରେ ସମ୍ପୃକ୍ତ ଗ୍ରାମରେ କର୍ମରତ ଶିକ୍ଷକମାନେ ଆବଶ୍ୟକସ୍ଥଳେ ସେମାନଙ୍କୁ ସମସ୍ତ ପ୍ରକାର ମାନସିକ ଓ ଶୈକ୍ଷିକ ସହାୟତା ଯୋଗାଇବେ। ପିଲାଙ୍କୁ ପାଠାନୁକୂଳ ପରିବେଶ ଦିଗରେ ପ୍ରେରିତ କରିବେ। ସେହିଭଳି ରେଡିଓ ଗ୍ରାମାଞ୍ଚଳର ପ୍ରମୁଖ ମନୋରଞ୍ଜନର ସାମଗ୍ରୀ ଭାବେ ଆଜି ବି ମାନ୍ୟତା ରଖୁଛି। ଆକାଶବାଣୀକୁ ବ୍ୟବହାର କରି ଆଞ୍ଚଳିକ କେନ୍ଦ୍ରମାନଙ୍କ ଜରିଆରେ ଦକ୍ଷତା ସମ୍ବଳିତ ଶିକ୍ଷାଦାନ ଦେବା ଦିଗରେ ଚିନ୍ତା କରାଯାଇପାରେ। ଏଦିଗରେ କମ୍ୟୁନିଟି ରେଡିଓର ମଧ୍ୟ ସଫଳ ବିନିଯୋଗ କରାଯାଇପାରେ। ଅଧିକାଂଶ ଗ୍ରାମକୁ ଟେଲିଫୋନ ସେବା ନ ଥିଲେ ବି ବିଦ୍ୟୁତ ସେବା ରହିଛି ଏବଂ ତା' ସହିତ କିଛି ପରିବାରରେ ଟେଲିଭିଜନ ମଧ୍ୟ ରହିଛି। ଟେଲିଭିଜନ ମାଧ୍ୟମରେ ନିର୍ଦ୍ଦିଷ୍ଟ ସମୟରେ ଶିକ୍ଷା ଓ ପାଠ୍ୟକ୍ରମ ଭିତ୍ତିକ କାର୍ଯ୍ୟକ୍ରମ ପ୍ରତ୍ୟହ ପ୍ରସାରଣ ଦିଗରେ ସରକାର ଆଗ୍ରହ ପ୍ରଦର୍ଶନ କରିବା ଜରୁରୀ। ସ୍ୱଶିକ୍ଷଣ ଉପରେ ଆଧାରିତ ମାସିକ ପାଠ୍ୟଟିକାକୁ ଭିତ୍ତି କରି ବିବିଧ ଶିକ୍ଷଣ କାର୍ଯ୍ୟ ସଂଯୋଜନାପୂର୍ବକ ଆଞ୍ଚଳିକ ସ୍ତରରେ ମାସିକ ବୁକ୍‌ଲେଟ ପ୍ରସ୍ତୁତ କରି ସେସବୁ ଗ୍ରାମାଞ୍ଚଳରେ ପିଲାଙ୍କ ନିକଟରେ ପହଞ୍ଚାଯାଇପାରେ। ଏଦିଗରେ ଯୋଗାଣ ବିଭାଗର ସହାୟତା ନିଆଯାଇପାରେ। ଚାଉଳ ଗ୍ରହଣ କେନ୍ଦ୍ରରେ ଅଭିଭାବକଙ୍କୁ ସିଧାସଳଖ ସହଜରେ ହସ୍ତାନ୍ତର କରାଯାଇପାରିବ। ପିଲାଟି ସେସବୁ ବୁକ୍‌ଲେଟରୁ ସ୍ୱଶିକ୍ଷଣ କରିବାରେ ସମସ୍ୟା ନ ଥିବ। ଆବଶ୍ୟକସ୍ଥଳେ ସେଚ୍ଛାସେବୀମାନେ ସ୍ଥଳବିଶେଷରେ ସହାୟତା ଦେଇପାରିବେ।

ଏଦିଗରେ ଗ୍ରାମାଞ୍ଚଳସ୍ତରରେ ଶିକ୍ଷାକୁ ନେଇ କାମ କରୁଥିବା ସ୍ୱେଚ୍ଛାସେବୀ ସଂଗଠନର ସହାୟତା ବି ନିଆଯାଇପାରେ। ଏହାବ୍ୟତୀତ ଆଞ୍ଚଳିକ ଖବରକାଗଜ ସହ ଅନୁବନ୍ଧିତ ହୋଇ ସ୍ୱଶିକ୍ଷଣ କାର୍ଯ୍ୟ ସମ୍ବଳିତ ସାପ୍ତାହିକ ଫର୍ଦ୍ଦ ପ୍ରସ୍ତୁତ ପୂର୍ବକ ପେପର ହକର ଓ ବିତରକମାନଙ୍କ ଜରିଆରେ ଗ୍ରାମରେ ପହଞ୍ଚା ଯାଇପାରେ। କୋଭିଡ ନିୟନ୍ତ୍ରଣ ପାଇଁ ସରପଞ୍ଚମାନେ ଯେଭଳି ଦକ୍ଷତାର ସହ କାର୍ଯ୍ୟ ପ୍ରଦର୍ଶନ କଲେ ପିଲାଙ୍କ ଶିକ୍ଷା ଦିଗରେ ସେମାନଙ୍କ ଦକ୍ଷତା ଓ ପ୍ରଶାସନିକ କଳର ମଧ୍ୟ ସଦ୍ ବିନିଯୋଗ କରାଯାଇପାରେ। ଏସବୁ କାର୍ଯ୍ୟର ତଦାରଖ ଦିଗରେ ସେମାନଙ୍କୁ ଦାୟିତ୍ୱ ପ୍ରଦାନ ସହ ଶିକ୍ଷା ପ୍ରଶାସକ ଓ ଶିକ୍ଷକମାନଙ୍କୁ ଯୋଡାଯାଇ ସ୍ୱଶିକ୍ଷଣ କାର୍ଯ୍ୟକ୍ରମକୁ ଅଗ୍ରଗତି କରାଯାଇପାରେ। ସାଂପ୍ରତିକ ପରିସ୍ଥିତିରେ କେବଳ ପାଠ୍ୟକ୍ରମ ଆଧାରିତ ଅନ୍‌ଲାଇନ ଶିକ୍ଷାଦାନ ଚାଲିଥିବାବେଳେ ପିଲାଙ୍କୁ ମାନସିକ ଚାପ ମୁକ୍ତ ସହ ବୌଦ୍ଧିକ ବିକାଶ ଦିଗରେ ବିଶେଷ ସୁଯୋଗ ସୃଷ୍ଟି କରାଯାଇପାରିନି। ଅବଶ୍ୟ ନିକଟରେ ଏନ୍‌ସିଇଆରଟି ପକ୍ଷରୁ ବିକଳ୍ପ କ୍ୟାଲେଣ୍ଡର ପ୍ରସ୍ତୁତ କରି କାର୍ଯ୍ୟକ୍ରମକୁ ଆଗେଇ ନେଉଛନ୍ତି। କିଛିଦିନ ଧରି ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ବିଭାଗ ପକ୍ଷରୁ ବିକଳ୍ପ ଶିକ୍ଷାଦାନ ବ୍ୟବସ୍ଥା କରାଯାଇଥିଲା। ଅନେକ ଗାଁକୁ ଶିକ୍ଷକ ଯାଇ ପିଲାଙ୍କୁ ପଢାଉଥିଲେ। କରୋନାର ଭୟାବହତା ହେତୁ ସେଇ ବ୍ୟବସ୍ଥା ବନ୍ଦ ପରଠାରୁ ଆଉ ପିଲା ପାଠ ପଢିବା ବି ବନ୍ଦ କରିଦେଇଛନ୍ତି। ଏକଥା ସତ ଯେ ଆଗାମୀ ଦିନରେ କେବେ ବିଦ୍ୟାଳୟ ଖୋଲିବ ଏବଂ ପାଠପଢା ସ୍ୱାଭାବିକ ହେବ ତାହାର କୌଣସି ଗ୍ୟାରେଣ୍ଟି ନାହିଁ। ସେଭଳି କ୍ଷେତ୍ରରେ ଅନ୍‌ଲାଇନ ହେଉ କି ଅଫ୍‌ଲାଇନ ହେଉ ପିଲାମାନେ ନିଜେ ନିଜେ ଏକଲବ୍ୟ ହେବା ଜରୁରୀ। ଦୂରରେ ଥାଇ ଏକଲବ୍ୟ ଯେଭଳି ନିଜର ପରାକାଷ୍ଠା ପ୍ରଦର୍ଶନ କରି ସମସ୍ତଙ୍କୁ ଚକିତ କରିଥିଲେ। ସେଭଳି ନିଜର ପାରଙ୍ଗମତା ପ୍ରଦର୍ଶନ କରିବାକୁ ହେବ। କିନ୍ତୁ ଅନନ୍ୟ ହେବା କିମ୍ବା ଉତ୍କର୍ଷତା ପ୍ରଦର୍ଶନ ପାଇଁ ଅଭିପ୍ରେରିତ ହେବା ଅପେକ୍ଷା ଅନ୍ତତଃ ନିଜକୁ ଶିକ୍ଷା ଓ ଶିକ୍ଷଣ ପ୍ରକ୍ରିୟା ଭିତରେ ବୁଡେଇ ରଖିବାକୁ ପିଲାଏ ଚେଷ୍ଟା କରିବାକୁ ହେବ। ଆଉ ଏଦିଗରେ ଦ୍ରୋଣାଚାର୍ଯ୍ୟଙ୍କ ଭଳି ଦୂରରେ ରହି ବି ସାମଗ୍ରିକ ଭାବେ ପିଲାଙ୍କୁ ପରବର୍ତ୍ତୀ ପ୍ରତ୍ୟକ୍ଷ ଶିକ୍ଷାଦାନ ବ୍ୟବସ୍ଥା ଲାଗି ପ୍ରସ୍ତୁତ କରେଇବା ଆମ ସମସ୍ତଙ୍କର ଗୁରୁ ଦାୟିତ୍ୱ।

ଇନ୍ଦିରା ନଗର, ଚତୁର୍ଥ ଗଳି, ରାୟଗଡା
ମୋ–୯୫୫୬୨୮୭୭୭୫

## ଏଇ ଭାରତରେ

ଯୁଗ ବଦଳିବା ସହ ମହିଳାମାନଙ୍କ କାର୍ଯ୍ୟଦକ୍ଷତା ମଧ୍ୟ ବଦଳୁଛି। ସେମାନେ ପୁରୁଷକେନ୍ଦ୍ରିକ ବିପଜ୍ଜନକ କ୍ଷେତ୍ରରେ କାର୍ଯ୍ୟ କରି ପ୍ରମାଣ କରିଛନ୍ତି 'ଆମେ କାହାଠାରୁ କମ୍ ନୋହୁଁ'। ଏମିତି ଜଣେ ମହିଳା ହେଉଛନ୍ତି ଆସାମର ପାର୍ବତୀ ବାରୁଆ। ମାହୁନ୍ତ ହୋଇ ବହୁ ଭୟଙ୍କର ପରିସ୍ଥିତିରେ ଉନ୍ମତ୍ତ ହାତୀଙ୍କୁ କାବୁ କରୁଛନ୍ତି। ଜମିଦାର ପରିବାରରେ ଜନ୍ମ ହୋଇ ସୁଖ ଜୀବନ ଜିଇବା ବଦଳରେ ଖରା, ବର୍ଷା, ଶୀତରେ ଦିନରାତି ହାତୀଙ୍କୁ ଉଦ୍ଧାର କରିବାଠୁ ଆରମ୍ଭ କରି ସେମାନଙ୍କର ଚିକିତ୍ସା ସେବାରେ ସମୟ ଦେଇଆସୁଛନ୍ତି। ବହୁ ବିପଦପୂର୍ଣ୍ଣ ପରିସ୍ଥିତିରେ ଜଙ୍ଗଲରେ ହିଂସ୍ର ହାତୀଙ୍କୁ ମଧ୍ୟ ଆୟତ୍ତ କରିବାରେ ପ୍ରମୁଖ ଭୂମିକା ନେଉଛନ୍ତି। ଧୁବ୍ରୀ ଜିଲା ଗୌରୀପୁରରେ ରୁହନ୍ତି ପାର୍ବତୀ। ପିଲାବେଳୁ ତାଙ୍କ ବାପାଙ୍କ ସହ ହାତୀପିଠିରେ ବସି ବହୁ ଜାଗା ବୁଲିବା ଭିତରେ ଏଭଳି ସାହସିକ କାର୍ଯ୍ୟ କରିବାର ପ୍ରେରଣା ପାଇଥିଲେ। ପ୍ରଥମେ ତାଙ୍କ ବାପାଙ୍କ ସହ କଚୁଗାଁଓ ଜଙ୍ଗଲରେ ମାତ୍ର ୧୪ ବର୍ଷ ବୟସରେ ହାତୀ ଧରିବା ପରେ ସେବେଠୁ ଆଉ ପଛକୁ ଫେରି ଚାହିଁ ନାହାନ୍ତି। ଏବେ ତାଙ୍କ ପାଖରେ ଲକ୍ଷ୍ମୀମାଳା, ଅଲୋକା ଓ କାଞ୍ଚନମାଳା ନାମରେ ତିନୋଟି ମାଈ ହାତୀ ଅଛନ୍ତି। ଏମାନଙ୍କୁ ନେଇ ତାଙ୍କ ସହକର୍ମୀଙ୍କ ସହ ସେ ଜଟିଳ ପରିସ୍ଥିତିର ସାମ୍ନା କରି ବିହାର, ପଶ୍ଚିମବଙ୍ଗ, ଆସାମରୁ ବହୁ ଜଙ୍ଗଲିଆ ଅଞ୍ଚଳରେ ହିଂସ୍ର କିମ୍ବା ଆହତ ହାତୀଙ୍କୁ ଉଦ୍ଧାର କରୁଛନ୍ତି। ସେ 'ଏଲିଫ୍ୟାଣ୍ଟ ମ୍ୟାନେଜମେଣ୍ଟ ପଲିସି' ଅନୁସାରେ ହାତୀ ଦଳଙ୍କୁ ନିୟନ୍ତ୍ରଣ କରିବା, ଧରିବା ତଥା ସହରରୁ ତଡ଼ିବା ସହ ମାହୁନ୍ତମାନଙ୍କୁ ପ୍ରଶିକ୍ଷଣ ମଧ୍ୟ ଦେଉଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

**୨୪ ଅଗଷ୍ଟ ୧୯୯୫**

- ସାମାଜିକ ବିଦ୍ରୋହରେ କ୍ଷମତାଚ୍ୟୁତ କରିଥିବା ଅଫିସରଙ୍କୁ ସର୍ବକ୍ଷମା କରି ଆଫ୍ରିକୀୟ ଯୁଗ୍ମ ଦୀପପୁଞ୍ଜ ସାଓଟୋମ ଓ ପ୍ରିନ୍‌ସିପେର କ୍ଷମତାଚ୍ୟୁତ ରାଷ୍ଟ୍ରପତି ମିଗୁଏଲ୍ ଟ୍ରୋଭୋଆଦା ପୁନଶ୍ଚ ଦାୟିତ୍ୱଗ୍ରହଣ କରିଛନ୍ତି।
- ନିର୍ବାଚନ କମିଶନର କାର୍ଯ୍ୟ ପରିଚାଳନା ପାଇଁ ମୁଖ୍ୟ ନିର୍ବାଚନ କମିଶନର ଟି.ଏନ୍. ଶେଷାନଙ୍କ ଚିଠା ପଦ୍ଧତି ନିର୍ଦ୍ଦେଶକୁ ଦୁଇ କମିଶନରଙ୍କ ପ୍ରତ୍ୟାଖ୍ୟାନ।

## ଚିରନ୍ତନୀ

ସଖିରେ ସେହି ମତି
ବରଷା କରେ ରତି
ଧରାରେ ଉପୁଜାଇ ପୁଲକ
ତନୁରେ ତନୁ ମିଶି
ନ ମାନେ ଦିବା ନିଶି
ନ ପଡ଼େ ତିଳେ କାହା ପଲକ।
(ବର୍ଷାରତି)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### କରୋନା ହାରିବ

ମହାଶୟ,

କଥାରେ ଅଛି ଧନ ଯେତେବେଳେ ଆସେ ମାନ ସମ୍ମାନ ଏବଂ ବନ୍ଧୁ ବାନ୍ଧବ ସମସ୍ତଙ୍କୁ ସାଙ୍ଗରେ ନେଇକରି ଆସେ। କିନ୍ତୁ ବିପତ୍ତି ଯେତେବେଳେ ଆସେ ଚାରିଦିଗ ଅନ୍ଧାର ଦେଖାଯାଏ। ବିପତ୍ତି କୌଣସି ଜାତି ଧର୍ମ ଦେଖେ ନାହିଁ ସମସ୍ତଙ୍କୁ କଷ୍ଟ ଦିଏ। ମଣିଷ ଦୁଃଖରେ ଭାଙ୍ଗିପଡ଼ିଲେ ଉପାୟହୀନ ହୋଇ ଶେଷରେ ଦେବାଳୟର ଆଶ୍ରୟ ନିଏ। ଏହି ସ୍ଥାନ ଆତ୍ମାକୁ ତୃପ୍ତି ଦିଏ। ଦେବାଳୟ ହେଉଛି ଶାନ୍ତିର ପ୍ରତୀକ। ସମୟ ଥିଲା ଗାଁରେ ହଇଜା ଏବଂ ବସନ୍ତ ବ୍ୟାପୁଥିଲା। ଚାରିଆଡ଼େ ଭୟ ଖେଳିଯାଉଥିଲା। ଏହି ଦୁର୍ଦ୍ଦିନକୁ ଦୂରେଇବା ପାଇଁ ହିନ୍ଦୁମାନେ ପ୍ରତ୍ୟହ ସନ୍ଧ୍ୟାରେ ପବିତ୍ର ପୁରାଣ ପାଠ କରିବା ସହ ବିଭିନ୍ନ ଦେବଦେବୀଙ୍କ ନିକଟରେ ଆକୁଳ ନିବେଦନ କରନ୍ତି। ପାଦକୁ ପାଦ ମିଳାଇ ମୁସଲମାନ ସମ୍ପ୍ରଦାୟର ଲୋକମାନେ ପବିତ୍ର କୋରାନ୍ ବାଣୀକୁ ଉଚ୍ଚାରଣ କରି ଗ୍ରାମ ଚାରି ପଟେ ଘୂରି ବୁଲନ୍ତି। ଉଭୟଙ୍କର ଏହି ପ୍ରାର୍ଥନା ଦ୍ୱାରା ବିପତ୍ତି ଟଳିଯାଏ ଏବଂ ଧୀରେ ଧୀରେ ଶାନ୍ତିର ବାତାବରଣ ଫେରିଆସେ। ଲୋକମାନଙ୍କ ମାନସିକ ଶକ୍ତି ଦୃଢ ହୋଇଥାଏ। ଆଜି କରୋନା ବିଶ୍ୱକୁ କବଳିତ କରିସାରିଛି। ସମସ୍ତଙ୍କୁ ବିଚଳିତ କରି ସାରିଲାଣି। ଲୋକମାନଙ୍କର ମାନବିକତାକୁ ମଧ୍ୟ ଛଡାଇ ନେଲାଣି। ଜଣେ ଜଣଙ୍କୁ ଛୁଇଁବା ପାଇଁ ଭୟ କରୁଛି। ସମସ୍ତେ ମିଶି କରୋନା କଟକଣାକୁ ମାନିବା ସହ ଏହି ବିପତ୍ତି ଦୂରେଇ ଯିବାଲାଗି ଆସନ୍ତୁ ପ୍ରାର୍ଥନା କରିବା। ଫଳରେ ଏ ବିପତ୍ତି ଦୂରେଇଯିବ ଏବଂ କରୋନା ହାରିବ।

ମୀର ଇମାମ୍ ଅଲ୍ଲୀ ଗଡ଼ନାୟକ, ରାଉତପଡ଼ା, ବେଗୁନିଆ, ଖୋର୍ଦ୍ଧା

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ

### ଝିଅକୁ ଧରି କୂଅକୁ ଡେଇଁ ପଡ଼ିଲେ ମହିଳା

**ସମ୍ବଲପୁର/ରେଙ୍ଗାଲି, ୨୩।୮ (ବ୍ୟୁରୋ/ଡି.ଏନ.ଏ.):** ସମ୍ବଲପୁର ଜିଲା କତରବଗା ଥାନା ଅଧୀନ କିନାଲୋଇ ଗ୍ରାମରେ ରବିବାର ନୂଆଁଖାଇ ପାଳନ ବେଳେ ଏକ ଦୁଃଖଦ ଘଟଣା ଘଟିଛି। ଜଣେ ମହିଳା ତାଙ୍କ ୬ ବର୍ଷର ଝିଅକୁ ଧରି କୂଅକୁ ଡେଇଁ ପଡ଼ିଛନ୍ତି। ଏହି ମହିଳା ଜଣକ ହେଲେ ଟିକେଶ୍ୱରୀ ଭୋଇ (୪୦) ଓ ତାଙ୍କ ଝିଅ ଖୁସି (୬)। ପୋଲିସ ମା' ଝିଅଙ୍କ ମୃତଦେହ ଜବତ କରି ବ୍ୟବଚ୍ଛେଦ ଲାଗି ପଠାଇଛି। ଏ ନେଇ ପୋଲିସ ଏକ ମାମଲା ରୁଜୁ କରିଛି। ରବିବାର ଅପରାହ୍ନ ପ୍ରାୟ ୧ଟାରେ ଘରୁ ଝିଅ ସହିତ ଟିକେଶ୍ୱରୀ ବାହାରି ଯାଇ ଗାଁରେ ଥିବା ଅନ୍ୟ ଜଣେ ବ୍ୟକ୍ତିଙ୍କ କୂଅକୁ ଡେଇଁ ପଡିଥିଲେ। ଏହା ଦେଖି ସେଠାରେ ଥିବା ଲୋକେ ମା' ଝିଅଙ୍କୁ ଉଦ୍ଧାର କରିବାକୁ ଚେଷ୍ଟା କରିଥିଲେ। ହେଲେ ସମ୍ଭବ ହୋଇ ନ ଥିଲା। ଖବର ପାଇ କୁଚିଣ୍ଡା ଦମକଳ କେନ୍ଦ୍ରର କର୍ମଚାରୀ ପହଞ୍ଚି କୂଅରୁ ଉଭୟଙ୍କ ମୃତଦେହ ଉଦ୍ଧାର କରିଥିଲେ। ତେବେ ଟିକେଶ୍ୱରୀଙ୍କ ମାନସିକ ସନ୍ତୁଳନ ଠିକ ନ ଥିଲା ବୋଲି ତାଙ୍କ ସ୍ୱାମୀ ଜୟରାମ ଭୋଇ ଥାନାରେ ଅଭିଯୋଗ କରଥିବା ପୋଲିସ କହିଛି।

# ଥମୁନି ବଗଲା ଜମି ବିବାଦ

**ପୁରୀ ଅଫିସ, ୨୩।୮**

- ୬ କବଲା ରଦ୍ଦ ସହ ପୂର୍ବଭଳି ବ୍ୟବସ୍ଥା କରିବାକୁ ଦାବି
- ଭାଜପା ଯୁବମୋର୍ଚ୍ଚାର ପ୍ରତିବାଦ ସଭା
- ଧର୍ମଶାଳା ଆଗରେ ସିପିଆଇଏମ୍‌ର ବିକ୍ଷୋଭ

ବଗଲା ଧର୍ମଶାଳା ଜମି ବିବାଦ ଥମିବା ବଦଳରେ ଏହାକୁ ନେଇ ବିରୋଧ ଓ ପ୍ରତିବାଦ ତୀବ୍ର ହେବାରେ ଲାଗିଛି। ବିଭିନ୍ନ ରାଜନୈତିକ ଦଳ ମଧ୍ୟରେ ଆରୋପ ପ୍ରତ୍ୟାରୋପ ଚାଲିଛି। ରବିବାର ବଗଲା ଧର୍ମଶାଳା ସମ୍ମୁଖରେ ପୁରୀ ଜିଲା ଭାଜପା ଯୁବମୋର୍ଚ୍ଚା ପକ୍ଷରୁ ପ୍ରତିବାଦ ସଭା କରାଯାଇଛି। ଅନ୍ୟପକ୍ଷରେ ସିପିଆଇ (ଏମ୍) ବିକ୍ଷୋଭ ପ୍ରଦର୍ଶନ କରିଛି। ବଗଲା ପରିସରରେ ପୂର୍ବ ଭଳି ଭକ୍ତଙ୍କ ରହଣି ବ୍ୟବସ୍ଥା କରିବା ଓ ବିକ୍ରି ହୋଇଥିବା ୬ଟି କବଲାକୁ ରଦ୍ଦ କରିବା ପାଇଁ ଉଭୟ ଦଳ ଦାବି କରିଛନ୍ତି।

ଜିଲା ଯୁବମୋର୍ଚ୍ଚା ସଭାପତି ଜୟନ୍ତ ଦାଶଙ୍କ ନେତୃତ୍ୱରେ ଅନୁଷ୍ଠିତ ପ୍ରତିବାଦ ସଭାରେ ରାଜ୍ୟ ଉପସଭାପତି ପ୍ରଭାତି ପରିଡ଼ା ଯୋଗଦେଇ କହିଥିଲେ, କହ୍ନେୟାଲାଲ ବଗଲା ଗରିବ ତୀର୍ଥଯାତ୍ରୀ ଓ ଭକ୍ତଙ୍କ ପାଇଁ ଦାନସୂତ୍ରରେ ଏହାକୁ ଦେଇଥିଲେ। କାହାର ଦାନକୁ ଅନ୍ୟ କେହି ବିକ୍ରି କରିବାର ଅଧିକାର ନାହିଁ।



ବଗଲା ଧର୍ମଶାଳା ସମ୍ମୁଖରେ ସିପିଆଇ(ଏମ୍) ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

ସରକାର ପୁରୀକୁ ବିଶ୍ୱ ଐତିହ୍ୟ ସହର କରିବା ପାଇଁ କହୁଥିବା ବେଳେ ବଗଲା ଜମି ବିକ୍ରି କରିବା ପଛରେ କି ସ୍ୱାର୍ଥ ରହିଛି ବୋଲି ସେ ପ୍ରଶ୍ନ କରିଥିଲେ। ଜମି ବିକିଥିବା ସରକାର ଓ ପ୍ରଶାସନ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଦାବି ସହ ତୁରନ୍ତ ବିକ୍ରି କବଲାକୁ ରଦ୍ଦ କରାଯାଉ ବୋଲି ପ୍ରଭାତି କହିଥିଲେ। ପ୍ରତିବାଦ ସଭାରେ ଜିଲା ଭାଜପା ସଭାପତି ଆଶ୍ରିତ ପଟ୍ଟନାୟକ, ପୂର୍ବତନ ଜିଲା ସଭାପତି ପ୍ରଭଞ୍ଜନ ମହାପାତ୍ର, ବିଶ୍ୱଜିତ ମହାନ୍ତି, ମିଥୁନ ଜେନା, ସୌମ୍ୟ ମିଶ୍ର, ସଂଗ୍ରାମ ପରିଡ଼ା ସାମିଲ ଥିଲେ।

ସିପିଆଇ (ଏମ୍) ମଧ୍ୟ ଏନେଇ ବିକ୍ଷୋଭ ପ୍ରଦର୍ଶନ କରିଛି। ହାଇକୋର୍ଟରେ ଏନେଇ ଜନସ୍ୱାର୍ଥ ମାମଲା ଥିବାବେଳେ ଜମିକୁ କିପରି ବିକ୍ରି କରାଗଲା ବୋଲି ଦଳ ପ୍ରଶ୍ନ କରିଛି। ତୁରନ୍ତ ୬ଟି ଯାକ ବିକ୍ରି କବଲା ରଦ୍ଦ ଓ ଫ୍ଲାଟ୍ ଯୋଜନା ବାତିଲ କରିବାକୁ ଦଳ ଦାବି କରିଛି। ନଚେତ ଦଳମତ ନିର୍ବିଶେଷରେ ବଗଲା ସୁରକ୍ଷା ସଂଘର୍ଷ ସମିତି କରାଯାଇ ଆନ୍ଦୋଳନ ଜୋର୍‌ଦାର କରାଯିବ ବୋଲି ଜିଲା ସମ୍ପାଦକ ଶରତ ରାୟଗୁରୁ କହିଛନ୍ତି। ଏଥିରେ ଜଗନ୍ନାଥ ଦେଓ, ପୂର୍ଣ୍ଣଚନ୍ଦ୍ର ମୁଦୁଲି, ଯାମିନୀ ମିଶ୍ର, ବିଭୂତି ରାଉତରାୟ ସାମିଲ ଥିଲେ।

ଏ ନେଇ ଯୁବ ବିଜେଡି ରାଜ୍ୟ ସମ୍ପାଦକ ଶୁଭାଶିଷ ଖୁଣ୍ଟିଆ କହିଛନ୍ତି, ମୁଖ୍ୟମନ୍ତ୍ରୀ ପୁରୀ ସହର ପାଇଁ ଯେଉଁ ବିକାଶର ସ୍ୱପ୍ନ ଦେଖିଛନ୍ତି, ତାକୁ ସାକାର କରିବା ଲାଗି କାର୍ଯ୍ୟ ଜାରି ରହିଛି। ବଗଲା ଜମିକୁ ନେଇ ଅଯଥା ରାଜନୀତି ନ କରି ସମସ୍ତେ ସହଯୋଗ କରିବା ଦରକାର। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଅନୁସାରେ ପୁରୀରେ ଗରିବ ଭକ୍ତଙ୍କ ରହଣି ପାଇଁ ସରକାର ପର୍ଯ୍ୟାପ୍ତ ବ୍ୟବସ୍ଥା କରୁଛନ୍ତି। ସେ ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ସେ ଅନୁରୋଧ କରିଛନ୍ତି।

## ପାରିବାରିକ କଳହରୁ କରୁଣ ପରିଣତି

### ପୁଅର ଠେଙ୍ଗା ମାଡ଼ରେ ବାପା ମୃତ

**ଦେବଗଡ଼, ୨୩।୮ (ଡି.ଏନ୍.ଏ.)**

ଦେବଗଡ଼ ଥାନା ଅନ୍ତର୍ଗତ ରଙ୍ଗିଆଟିକ୍ରା ଗ୍ରାମରେ ଶନିବାର ବିଳମ୍ବିତ ରାତିରେ ପୁଅର ଠେଙ୍ଗା ପାହାରରେ ବାପାଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଗୋବିନ୍ଦ ମୁଣ୍ଡା (୬୦)। ପୋଲିସ ଅଭିଯୁକ୍ତ ପୁଅ ଅମୂଲ୍ୟ ସାହୁ (୩୫)ଙ୍କୁ ଗିରଫ କରିଛି। ହତ୍ୟାକାଣ୍ଡରେ ବ୍ୟବହୃତ ଠେଙ୍ଗା ଜବତ ହୋଇଛି। ଖବର ମୁତାବକ ଶନିବାର ରାତିରେ ଗୋବିନ୍ଦ ଓ ଅମୂଲ୍ୟଙ୍କ ମଧ୍ୟରେ କୌଣସି କାରଣକୁ ନେଇ ପାଟିତୁଣ୍ଡ ହୋଇଥିଲା। ଏଥିରେ ଉତ୍ତେଜିତ ହୋଇ ଅମୂଲ୍ୟ ଏକ ଠେଙ୍ଗାରେ ଗୋବିନ୍ଦଙ୍କୁ ପିଟିଥିଲେ। ଜୀବନ ବିକଳରେ ସେ ଦୌଡି ପଳାଉଥିବା ବେଳେ ଅମୂଲ୍ୟ ତାଙ୍କୁ ଗୋଡ଼ାଇ ଗୋଡ଼ାଇ ଆକ୍ରମଣ କରିଥିଲେ। ଏହି ସମୟରେ ଗୋବିନ୍ଦଙ୍କ ସାନପୁଅ ଗଣ ମୁଣ୍ଡା ବାପାଙ୍କୁ ଉଦ୍ଧାର କରି ଗାଁ ମୁଣ୍ଡରେ ଥିବା ଲକ୍ଷ୍ମୀ ପୂଜା ମଣ୍ଡପକୁ ନେଇଥିଲେ। ହେଲେ ରବିବାର ସକାଳେ ସେଠାରେ ଗୋବିନ୍ଦଙ୍କ ମୃତଦେହ ପଡିଥିବା ଦେଖିବାକୁ ମିଳିଥିଲା। ଫଳରେ ଗ୍ରାମବାସୀ ଆକ୍ରମଣକାରୀ ପୁଅ ଅମୂଲ୍ୟଙ୍କୁ କାବୁ କରିଥିଲେ। ସାନପୁଅ ଗଣ ଏ ସମ୍ପର୍କରେ ପୋଲିସକୁ ଜଣାଇଥିଲେ। ଦେବଗଡ଼ ଥାନା ପୋଲିସ ମୃତଦେହ ଜବତ କରିବା ସହ ଅମୂଲ୍ୟଙ୍କୁ ଗିରଫ କରିଛି। ଏ ନେଇ ଏକ ମାମଲା (ନଂ.୨୦୬/୨୦) ରୁଜୁ ହୋଇଛି।

### ସାନ ଭାଇ ଟାଙ୍ଗିଆ ଚୋଟରେ ବଡ଼ ମୃତ

**କଣିହାଁ, ୨୩।୮ (ଡି.ଏନ.ଏ.)**

ପାରିବାରିକ କଳହକୁ କେନ୍ଦ୍ରକରି ଅନୁଗୋଳ ଜିଲା କଣିହାଁ ବ୍ଲକ ସମଲ ଥାନା ସିପୁର ଗ୍ରାମରେ ଶନିବାର ବିଳମ୍ବିତ ରାତିରେ ଏକ ହତ୍ୟାକାଣ୍ଡ ଘଟିଛି। ନିରଞ୍ଜନ ବାରିକ (୨୧)ଙ୍କ ଟାଙ୍ଗିଆ ଚୋଟରେ ବଡ଼ ଭାଇ ରଞ୍ଜନ ବାରିକ (୨୮)ଙ୍କ ମୃତ୍ୟୁ ହୋଇଛି। ଅଭିଯୋଗ ପରେ ପୋଲିସ ନଂ. ୧୬୧/୨୦ରେ ଏକ ମାମଲା ରୁଜୁ କରି ନିରଞ୍ଜନଙ୍କୁ ଗିରଫ କରିଛି। ଆଇଆଇସି ଚାରୁଲତା ବେହେରାଙ୍କ ସୂଚନା ମୁତାବକ, ଆର୍ଥିକ ସ୍ଥିତିକୁ ନେଇ ଉଭୟଙ୍କ ମଧ୍ୟରେ ଝଗଡା ହୋଇଥିଲା। ପରିବାର ଲୋକେ ଶୋଇଥିବାବେଳେ ନିରଞ୍ଜନ ଏକ ଟାଙ୍ଗିଆରେ ରଞ୍ଜନଙ୍କୁ ଆକ୍ରମଣ କରିଥିଲେ। ରବିବାର ସକାଳେ ଘଟଣା ଜଣାପଡିବା ସହ ଥାନାରେ ଅଭିଯୋଗ ପରେ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ତାଳଚେର ଉପଖଣ୍ଡ ଡାକ୍ତରଖାନାରେ ବ୍ୟବଚ୍ଛେଦ ପରେ ମୃତଦେହ ପରିବାରକୁ ହସ୍ତାନ୍ତର କରାଯାଇଛି।

# ସମଲେଇଙ୍କୁ ଲାଗି ହେଲା ନବାନ୍ନ ଭୋଗ

**ସମ୍ବଲପୁର, ୨୩।୮ (ବ୍ୟୁରୋ)**



ରବିବାର ନୂଆଁଖାଇ ଅବସରରେ ସମ୍ବଲପୁର ଇଷ୍ଟଦେବୀ ସମଲେଇଙ୍କୁ ସ୍ୱର୍ଣ୍ଣରୌପ୍ୟ ଅଳଙ୍କାରରେ ଆଭୂଷଣ କରାଯାଇଛି।

- ପଶ୍ଚିମଓଡ଼ିଶା ଗଣପର୍ବ ନୂଆଁଖାଇ ପାଳିତ
- ସମସ୍ତେ କରୋନା କଟକଣା ମାନିଲେ
- ଦେବୀଙ୍କ ଦର୍ଶନ ବିନା ନୂଆଁ ଖାଇଲେ

ରବିବାର ଭାଦ୍ରବ ଶୁକ୍ଳପକ୍ଷ ପଞ୍ଚମୀ ତିଥିରେ ପଶ୍ଚିମ ଓଡ଼ିଶାରେ ଗଣପର୍ବ ନୂଆଁଖାଇ ପରମ୍ପରିକ ରୀତିନୀତି ଅନୁସାରେ ପାଳିତ ହୋଇଯାଇଛି। ସମ୍ବଲପୁର ଇଷ୍ଟଦେବୀ ମାଁ ସମଲେଶ୍ୱରୀ, ବଲାଙ୍ଗୀରର ପାଟଣେଶ୍ୱରୀ, ସୋନପୁରର ସୁରେଶ୍ୱରୀ, ଝାରସୁଗୁଡ଼ାର ଇଷ୍ଟଦେବୀ ସମ୍ବଲେଶ୍ୱରୀ, ବୌଦ୍ଧର ଭୈରବୀ, ବରଗଡର ସମଲେଇ, ନୂଆପଡା ଜିଲାର ଟାନ୍‌ୱାଟ୍ କଣାଭଇରା ଓ ସମଲେଇ, ସୁନ୍ଦରଗଡ଼ ଜିଲାର ସମଲେଇ, ଶିଖରବାସିନୀ ପୀଠରେ ନବାନ୍ନ ଲାଗିଛି।

ସମ୍ବଲପୁର ଇଷ୍ଟଦେବୀ ସମଲେଇଙ୍କ ପୀଠରେ ରବିବାର ପୂର୍ବାହ୍ନ ୯ଟା ୩୫ ମିନିଟ ଗତେ ୯ଟା ୫୦ ମିନିଟ ମଧ୍ୟେ ପ୍ରଶସ୍ତ ତୁଳା ଲଗ୍ନେ ନବାନ୍ନ ଭୋଗ ଲାଗିଛି। ପ୍ରାତଃ ୪ଟାରୁ ସମଲେଇ ଗୁଡିରେ ରୁଦ୍ଧଦ୍ୱାର ନୀତି ହୋଇଥିଲା। ଦେବୀଙ୍କୁ ସମ୍ବଲପୁରୀ ପାଟବସ୍ତ୍ର ପିନ୍ଧା ଯାଇ ସ୍ୱର୍ଣ୍ଣରୌପ୍ୟ ଅଳଙ୍କାରରେ ସଜ୍ଜିତ କରାଯାଇଥିଲା। ସକାଳ ସାଢ଼େ ୮ଟାରେ ପୂଜକମାନେ ୧୧୫ଟି ସ୍ଥାନରେ ବନା(ଝୋଟି) ପକାଇଥିଲେ। କ୍ଷତ୍ରୀୟ ମୁଖ୍ୟ ପୂଜକ ଅମ୍ବିକା ପ୍ରସାଦ ରାୟଙ୍କ ଘରୁ ପୂର୍ବାହ୍ନ ୯ଟାରେ ଘଣ୍ଟ,ଶଙ୍ଖ ସହ ନବାନ୍ନ ଭୋଗ ମନ୍ଦିର ଗମ୍ଭୀରାକୁ ଯାଇଥିଲା। ସେହିପରି ଗଙ୍ଗାଧର ରାୟ, କୋଦଣ୍ଡ ରାୟ, ପ୍ରଶାନ୍ତ ରାୟଙ୍କ ଘରୁ କ୍ରମାନ୍ୱୟରେ ନୂଆଁଖାଇ ଭୋଗ ମନ୍ଦିରକୁ ଆସିଥିଲା। ପୂର୍ବାହ୍ନ ସାଢ଼େ ୮ଟାରେ ନୂଆ ଚାଉଳ, ପିଠା, କାକରା, ଉଖୁଡା, କ୍ଷୀରି,ସାରୁ ଶାଗ ପରମ୍ପରାନୁସାରେ ଝାଡୁଆପଡା ବେହେରା ପରିବାରଙ୍କ ଘରୁ ମନ୍ଦିରକୁ ଆସିଥିଲା। ପୂର୍ବାହ୍ନ ୯ଟା ୨୫ ମିନଟରେ ମୁଖ୍ୟ ପୂଜକଙ୍କ ସମେତ ଅନ୍ୟ ୭ ଜଣ ପୂଜକ ମନ୍ଦିର ଗମ୍ଭୀରାରେ ପ୍ରବେଶ କରିଥିଲେ। ଏହାପରେ ଦେବୀଙ୍କ ଦ୍ୱାର ବନ୍ଦ କରାଯାଇଥିଲା। ୯ଟା ୩୫ ମିନିଟରେ ଶଙ୍ଖ ନାଦ ହୋଇଥିଲା। ଶଙ୍ଖ ଧ୍ୱନି ସହ କ୍ଷତ୍ରୀୟ ପୂଜକମାନେ ଭୁବନେଶ୍ୱରୀଙ୍କ ବୀଜମନ୍ତ୍ର ଉଚ୍ଚାରଣ କରି ଇଷ୍ଟଦେବୀ ମାଁ ସମଲେଇଙ୍କୁ ନବାନ୍ନ ଭୋଗ ଅର୍ପଣ କରିଥିଲେ।

୯ଟା ୫୦ ମିନିଟ୍‌ରେ ପୂଜକମାନେ ମନ୍ଦିର ଗମ୍ଭୀରା ଭିତରୁ ବାହାରି ଥିଲେ। ୧୧୫ଟି ପାର୍ଶ୍ୱ ଦେବତାଙ୍କୁ ନୂଆପତ୍ରରେ ଚାଉଳ, ଗାଈଘିଅ ଓ ଗୁଡ଼ରେ ପ୍ରସ୍ତୁତ ନବାନ୍ନ ଭୋଗ ଅର୍ପଣ କରିଥିଲେ। ୧୦ଟା ୧୫ରେ ମହାଆଳତୀ ଓ ମଧ୍ୟାହ୍ନ ୧୨ଟାରେ ଦେବୀଙ୍କୁ ଅନ୍ନଭୋଗ ଓ ପହଡ ନୀତି, ରାତି ୮ଟାରେ ଆଳତି, ୯ଟାରେ ଅନ୍ନଭୋଗ ସହ ମନ୍ଦିର ଦ୍ୱାର ବନ୍ଦ କରାଯାଇଥିଲା। କରୋନା କଟକଣା ଯୋଗୁ ଚଳିତ ବର୍ଷ ମନ୍ଦିର ମୁଖ୍ୟ ଫାଟକରେ ତାଲା ପଡିଥିଲା। ପୂଜକଙ୍କ ବ୍ୟତୀତ କେହି ମନ୍ଦିର ଭିତରକୁ ପ୍ରବେଶ କରି ନ ଥିଲେ। ମନ୍ଦିର ମୁଖ୍ୟ ଫାଟକରୁ ୨୦୦ ମିଟର ଦୂରରେ ବ୍ୟାରିକେଡ୍ କରାଯାଇଥିଲା। ବ୍ୟାରିକେଡ୍ ସ୍ଥଳରେ ଭକ୍ତମାନେ ଛିଡା ହୋଇ ମନ୍ଦିରର ଘଣ୍ଟ ଓ ଶଙ୍ଖ ଧ୍ୱନି ଶୁଣି ପ୍ରଣିପାତ କରି ଘରକୁ ଫେରୁଥିବା ଦେଖିବାକୁ ମିଳିଥିଲା। ପ୍ରଥମ ଥର ଲାଗି ଇଷ୍ଟଦେବୀ ସମଲେଇଙ୍କୁ ପ୍ରତ୍ୟକ୍ଷ ଭାବେ ଦର୍ଶନ କରି ନ ପାରି ଜନସାଧାରଣ ନୂଆଁ ଖାଇଛନ୍ତି। ସହରର ଛକ ଓ ମଣ୍ଡପ ଗୁଡିକ ଶୂନଶାନ ରହିଥିଲା। କରୋନା କଟକଣା ଯୋଗୁ କୌଣସି ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମ ଓ ନୂଆଁଖାଇ ଭେଟଘାଟ ହୋଇନାହିଁ।

## ବଜ୍ରପାତରେ ଚାଷୀଙ୍କ ମୃତ୍ୟୁ

**ଖୋର୍ଦ୍ଧା ଅଫିସ, ୨୩।୮**

ବଜ୍ରପାତରେ ରବିବାର ଜଣେ ଚାଷୀଙ୍କ ମୃତ୍ୟୁ ଘଟିଛି। ସେ ହେଲେ ବାଘମାରୀ ଥାନା ଅନ୍ତର୍ଗତ ଲୋକନାଥପୁର ଗ୍ରାମର ଗଙ୍ଗାଧର ପରିଡ଼ା(୫୬)। ସୂଚନା ଅନୁଯାୟୀ, ଅପରାହ୍ନ ପ୍ରାୟ ୫ଟାରେ ଗଙ୍ଗାଧର ବିଲରେ କାମ କରୁଥିବା ବେଳେ ହଠାତ୍ ବର୍ଷା ସହ ବଜ୍ରପାତ ହୋଇଥିଲା। ଏଥିରେ ସେ ଗୁରୁତର ହୋଇପଡ଼ିଥିଲେ। ଖବରପାଇ ପରିବାର ଲୋକେ ଚିକିତ୍ସା ପାଇଁ ତାଙ୍କୁ ଖୋର୍ଦ୍ଧା ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

# ଗ୍ରାମାଞ୍ଚଳ ଅର୍ଥନୀତି ଉପରେ ଫୋକସ୍

**ଭୁବନେଶ୍ୱର, ୨୩।୮ (ବ୍ୟୁରୋ)**

- ୪ଟି ପ୍ୟାକେଜ୍‌ରେ ମିଳିବ ଋଣ
- ଛୋଟ ବ୍ୟବସାୟ ପାଇଁ ୫୦ ହଜାର
- ଷ୍ଟାର୍ଟଅପ୍ ସହାୟତା ନିମନ୍ତେ ୧ଲକ୍ଷ

କରୋନା ମହାମାରୀ ସମୟରେ ଗ୍ରାମ୍ୟ ଅର୍ଥନୀତିକୁ ଚଳଚଞ୍ଚଳ କରିବା ରାଜ୍ୟ ସରକାରଙ୍କ ପାଇଁ ପ୍ରାଥମିକତା ପାଲଟିଛି। ତେଣୁ ଏଭଳି ସ୍ଥିତିରେ ଏହାକୁ ଅଧିକ ଚଳଚଞ୍ଚଳ କରିବାକୁ ସରକାର ସ୍ୱତନ୍ତ୍ର ପ୍ୟାକେଜ ଆଣିବାକୁ ସ୍ଥିର କରିଛନ୍ତି। ମହାମାରୀ ସମୟରେ ଦରିଦ୍ର, ସମ୍ବେଦନଶୀଳ ଗୋଷ୍ଠୀ ଏବଂ ଦାଦନ ଶ୍ରମିକମାନେ ଦୁର୍ଦ୍ଦିନରେ ଥିବାରୁ ସେମାନଙ୍କ ପାଇଁ ୪ ପ୍ରକାର ପ୍ୟାକେଜ ବ୍ୟବସ୍ଥା କରାଯାଇଛି। ରାଜ୍ୟ ପଞ୍ଚାୟତିରାଜ ଏବଂ ପାନୀୟ ଜଳ ବିଭାଗ ପ୍ରମୁଖ ଶାସନ ସଚିବ ଦେଓରଞ୍ଜନ ସିଂଦେଓ ବିସ୍ତୃତ ନିର୍ଦ୍ଦେଶାବଳୀ ଜାରି କରିବା ସହିତ ଏହାକୁ ତୁରନ୍ତ କାର୍ଯ୍ୟକାରୀ ଲାଗି ଜିଲାପାଳମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ୪ଟି ପ୍ୟାକେଜ ମଧ୍ୟରୁ ପ୍ରଥମଟିରେ ଛୋଟ ବ୍ୟବସାୟ କରିବାକୁ ଚାହୁଁଥିବା ପ୍ରତ୍ୟେକ ବ୍ୟକ୍ତିଙ୍କୁ ଏକକାଳୀନ ୫୦ ହଜାର ଟଙ୍କା ଋଣ ପ୍ରଦାନ କରାଯିବ। ସମ୍ପୃକ୍ତ ବ୍ୟକ୍ତି ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟ ହୋଇଥିବେ ଏବଂ ଚାଷ କିମ୍ବା ବ୍ୟବସାୟ କରିବାକୁ ଇଚ୍ଛୁକ ଥିବେ। ଦ୍ୱିତୀୟ ପ୍ୟାକେଜରେ ଗୋଷ୍ଠୀ ଦ୍ୱାରା ଚଳାଯାଉଥିବା ଉଦ୍ୟୋଗଗୁଡ଼ିକୁ ସହାୟତା ପ୍ରଦାନ କରାଯିବ। ଜୀବିକା ପ୍ରକଳ୍ପ ଚଳାଉଥିବା ପ୍ରତ୍ୟେକ ଗୋଷ୍ଠୀକୁ ଏ ବାବଦରେ ଦେଢ ଲକ୍ଷ ଟଙ୍କା ଋଣ ସହାୟତା ଦେବାକୁ ନିଷ୍ପତ୍ତି ହୋଇଛି। ୩ ନମ୍ବର ପ୍ୟାକେଜରେ ବ୍ୟକ୍ତିଗତଭାବେ ଚଳାଉଥିବା ଉଦ୍ୟୋଗ ଓ ଜୀବିକା ପ୍ରକଳ୍ପଗୁଡ଼ିକୁ ଋଣ ସହାୟତା ମିଳିବ। ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟମାନଙ୍କୁ ସେମାନଙ୍କ ବ୍ୟବସାୟ ପୁଣିଥରେ ଆରମ୍ଭ ଲାଗି ଏକକାଳୀନ ୨୦ ହଜାର ଟଙ୍କା ଋଣ ମିଳିବ। ୪ର୍ଥ ପ୍ୟାକେଜରେ ପ୍ରବାସୀ ଫେରନ୍ତା କୁଶଳୀ ଓ ଅର୍ଦ୍ଧକୁଶଳୀ ଯୁବକମାନଙ୍କୁ ଷ୍ଟାର୍ଟଅପ ସହାୟତା ଲାଗି ଏକକାଳୀନ ଏକ ଲକ୍ଷ ଟଙ୍କାର ଋଣ ସହାୟତା ଦିଆଯିବ। ଏହି ଯୋଜନାକୁ ବିଭିନ୍ନ ଗୋଷ୍ଠୀ ଯଥା ସ୍ୱୟଂ ସହାୟିକା ଗୋଷ୍ଠୀ ଓ ଉତ୍ପାଦନ ଗୋଷ୍ଠୀ ମାଧ୍ୟମରେ ଡିଆରଡିଏ କର୍ତ୍ତୃପକ୍ଷ କାର୍ଯ୍ୟକାରୀ କରିବେ। ଖଣି ଅଞ୍ଚଳରେ ଡିଏମଏଫ ପାଣ୍ଠି ଏବଂ ଓଏମବିଏଡିସିରୁ ମଧ୍ୟ ଏଥିଲାଗି ଅର୍ଥ ପ୍ରଦାନ କରାଯିବ। ଡିଆରଡିଏ ପ୍ରକଳ୍ପ ନିର୍ଦ୍ଦେଶକଙ୍କ ଅଧ୍ୟକ୍ଷତାରେ ଗଠିତ ଜିଲାସ୍ତରୀୟ କମିଟି ପ୍ରକଳ୍ପକୁ ଅନୁମୋଦନ କରିବା ସହିତ ସ୍ୱତନ୍ତ୍ର କରୋନା ସହାୟତା ପ୍ରକଳ୍ପକୁ କାର୍ଯ୍ୟକାରୀ କରିବେ।

# ଅସୁସ୍ଥ ହାତୀଛୁଆର ପ୍ରାଣଗଲା

**ବାରିପଦା ଅଫିସ/ଚିତ୍ରଡ଼ା, ୨୩।୮ (ଡି.ଏନ.ଏ.)**

- ଛାଡ଼ି ଚାଲିଯାଇଥିଲେ ହାତୀପଲ
- ଉଦ୍ଧାର ପରେ ଚିକିତ୍ସା କରୁଥିଲା ବନ ବିଭାଗ

ମୟୂରଭଞ୍ଜ ଜିଲା ରାସଗୋବିନ୍ଦପୁର ରେଞ୍ଜ ଅଧୀନ ଭାଲିଆପଦା ଜଙ୍ଗଲ ନିକଟସ୍ଥ ବିଲରୁ ଉଦ୍ଧାର ହୋଇଥିବା ଏକ ଅସୁସ୍ଥ ଛୁଆ ହାତୀର ମୃତ୍ୟୁ ଘଟିଛି। ଛୁଆଟି ଅସୁସ୍ଥ ହୋଇପଡ଼ିବାରୁ ଶନିବାର ହାତୀପଲ ତାକୁ ଛାଡ଼ି ଚାଲିଯାଇଥିଲେ। ରବିବାର ସକାଳେ ବନବିଭାଗ ଉଦ୍ଧାର କରି ଚିକିତ୍ସା ଚଳାଇଥିବା ବେଳେ ସନ୍ଧ୍ୟାରେ ତାର ମୃତ୍ୟୁ ଘଟିଥିବା ବନବିଭାଗ ସୂଚନା ଦେଇଛି। ମୃତ ହାତୀଛୁଆର ବୟସ ବୟସ ଦେଢରୁ ଦୁଇ ବର୍ଷ ହେବ।



ଅସୁସ୍ଥ ହାତୀ ଛୁଆର ଚିକିତ୍ସା କରାଯାଉଛି।

ବାରିପଦା ଡିଏଫଓ ସ୍ୱୟମ ମଲ୍ଲିକ, ଅବୈତନିକ ବନ୍ୟପ୍ରାଣୀ ସଂରକ୍ଷକ ଭାନୁମିତ୍ର ଆଚାର୍ଯ୍ୟ, ରାସଗୋବିନ୍ଦପୁର ବନଖଣ୍ଡ ଅଧିକାରୀ ପ୍ରଶାନ୍ତ କୁମାର ବେହେରା, ବନ୍ୟପ୍ରାଣୀ ଚିକିତ୍ସକ ଡା.ପିୟୂଷ ସୋରେନ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ଛୁଆ ହାତୀକୁ ଉଦ୍ଧାର କରି ବଳଦିଆ ନର୍ସରିକୁ ଆଣି ଚିକିତ୍ସା ଜାରି ରଖିଥିଲେ। ସୋମବାର ମୃତଶରୀର ବ୍ୟବଚ୍ଛେଦ କରାଯିବ। ଉଲ୍ଲେଖଯୋଗ୍ୟ ଯେ, ଗତ କିଛି ଦିନ ହେଲା ଏହି ରେଞ୍ଜ ଅଞ୍ଚଳରେ ଝାଡ଼ଖଣ୍ଡ ହାତୀ ପଲ ରହି ଆସୁଛନ୍ତି।

## ପୋଖରୀରେ ବୁଡ଼ି ଯୁବକ ମୃତ

**ଟାଙ୍ଗୀ, ୨୩।୮ (ଡି.ଏନ୍.ଏ.):** ଖୋର୍ଦ୍ଧା ଜିଲା ଟାଙ୍ଗୀ ଥାନା ଅନ୍ତର୍ଗତ ଜରିପଡ଼ା ଗ୍ରାମରେ ରବିବାର ପୋଖରୀରେ ବୁଡ଼ି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଉକ୍ତ ଗ୍ରାମର ଚନ୍ଦ୍ରକାନ୍ତ ସାହୁ। ଗ୍ରାମର ଏକ ପୋଖରୀରେ ଚନ୍ଦ୍ରକାନ୍ତ ଗାଧୋଉଥିବା ବେଳେ ଅସାବଧାନତାରୁ ପାଣିରେ ବୁଡ଼ିଯାଇଥିଲେ।

## ସ୍ତ୍ରୀ, ଝିଅଙ୍କୁ ବିଷ ପିଆଇ ସ୍ୱାମୀର ଆତ୍ମହତ୍ୟା

**ବିଜେପୁର, ୨୩।୮ (ଡି.ଏନ.ଏ.)**

ବରଗଡ଼ ଜିଲା ବିଜେପୁର ଥାନା ବେନିଆଁଚାଲ ଗାଁରେ ପାରିବାରିକ କଳହକୁ କେନ୍ଦ୍ର କରି ଜଣେ ବ୍ୟକ୍ତି ସ୍ତ୍ରୀ ଓ ୧୨ବର୍ଷର ଝିଅକୁ ବିଷ ପିଆଇବା ପରେ ନିଜେ ବିଷ ପିଇ ଆତ୍ମହତ୍ୟା କରିଛନ୍ତି। ମୃତକ ହେଲେ ରଥ ମହାନନ୍ଦ (୪୫), ସ୍ତ୍ରୀ କୁମୁଦିନୀ (୪୦) ଓ ଝିଅ କବିତା (୧୨)। ପୋଲିସ ମୃତଦେହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଗୋଟିଏ ଜୁଇରେ ୩ ମୃତଦେହକୁ ଦାହ କରାଯାଇଛି। ପୋଲିସ ସୂଚନା ଅନୁଯାୟୀ, ଶନିବାର ରଥ ମହାନନ୍ଦଙ୍କ ପରିବାରରେ କୌଣସି କଥାକୁ ନେଇ ପାଟିତୁଣ୍ଡ ହୋଇଥିଲା। ସେହି କଳି ଉଗ୍ରରୂପ ଧାରଣ କରିଥିଲା। ଫଳରେ ରଥ ନିଜ ମାନସିକ ଭାରସାମ୍ୟ ହରାଇ କୁମୁଦିନୀଙ୍କୁ ବିଷ ପିଆଇ ଦେଇଥିଲେ। ଏପରି ଘଟଣା ଦେଖି ଝିଅ କବିତା ବାପାଙ୍କୁ ବାରଣ କରିଥିଲେ। ହେଲେ ରଥ ଏତେ ଉତ୍ତେଜିତ ହୋଇପଡିଥିଲେ ଯେ, କବିତାଙ୍କୁ ବି ବିଷ ପିଆଇ ଦେଇଥିଲେ। ଏହାର କିଛି ସମୟ ପରେ ବିଷକ୍ରିୟାରେ ମା' ଝିଅ ଛଟପଟ ହୋଇଥିଲେ। ନିଜ ଆଖି ସାମ୍ନାରେ ଏହି ଦୃଶ୍ୟ ଦେଖି ରଥ କ'ଣ କରିବେ କିଛି ଚିନ୍ତା କରି ପାରି ନ ଥିଲେ। ଶେଷରେ ସେ କୌଣସି ଉପାୟ ନ ପାଇ ନିଜେ ବିଷ ପିଇ ଦେଇଥିଲେ। ଆତ୍ମୀୟସ୍ୱଜନ ସେମାନଙ୍କୁ ବିଜେପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ଡାକ୍ତର କବିତାଙ୍କୁ ମୃତ ଘୋଷଣା କରିଥିଲେ। ଗୁରୁତର ଅବସ୍ଥାରେ ରଥ ଓ କୁମୁଦିନୀଙ୍କୁ ଜିଲା ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ପରେ ଉଭୟଙ୍କୁ ଭିମ୍‌ସାର ପଠାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ଶନିବାର ବିଳମ୍ବିତ ରାତିରେ ଉଭୟଙ୍କ ମୃତ୍ୟୁ ଘଟିଥିଲା। ଦିଲୀପ ମହାନନ୍ଦଙ୍କ ଏତଲା ଆଧାରରେ ପୋଲିସ ଏକ ହତ୍ୟା ମାମଲା ରୁଜୁ କରିଛି।

# ପିସିସି ସଭାପତି ବଦଳିବା ଚର୍ଚ୍ଚା

**ଭୁବନେଶ୍ୱର, ୨୩।୮ (ବ୍ୟୁରୋ)**

- ସଭାପତି ପଦ ମିଳିଲେ ଛାଡ଼ିବିନି: ତାରା
- ତାରାଙ୍କ ଘରେ ଏକାଠି ହେଲେ ୬ ନେତା

ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ପରିବର୍ତ୍ତନ ନେଇ ଚର୍ଚ୍ଚା ଜୋର ଧରିଛି। ଯଦିଓ ସୋମବାର ନୂଆଦିଲ୍ଲୀରେ ବସିବାକୁ ଥିବା ସିଡବ୍ଲ୍ୟୁସି ବୈଠକରେ ଏନେଇ ଆଲୋଚନା ହୋଇ ନ ପାରେ ବୋଲି ଜଣାଅଛି, ତଥାପି ଓଡିଶା ପ୍ରସଙ୍ଗ ଉଠୁ ବୋଲି ରାଜ୍ୟସ୍ତରରେ ପରୋକ୍ଷରେ ମତ ପ୍ରକାଶ ପାଉଛି। ଅନ୍ୟପଟେ ବିଧାୟକ ତାରା ପ୍ରସାଦ ବାହିନୀପତି ପିସିସି ସଭାପତି ପଦ ମିଳିଲେ ଛାଡିବେ ନାହିଁ ବୋଲି କହିଛନ୍ତି। ରବିବାର ତାରାଙ୍କ ଘରେ ଦୁଇ ବିଧାୟକଙ୍କ ସମେତ, ଆଉ ୩ ଜଣ ନେତା ଏକାଠି ବସିଥିଲେ। ସେମାନଙ୍କ ଏକାଠିକୁ ନେଇ ସଭାପତି ପରିବର୍ତ୍ତନ ଲାଗି ଆଲୋଚନା ହେଉଥିବା ଚର୍ଚ୍ଚା ହେଉଛି।

ସୂଚନାନୁସାରେ, ସିଡବ୍ଲ୍ୟୁସି ବୈଠକରେ କରୋନାର ସାମ୍ପ୍ରତିକ ସ୍ଥିତି, ଦେଶର ଅର୍ଥନୀତି, ଦଳର ସାଙ୍ଗଠନିକ ସ୍ଥିତି ବିଷୟରେ ଆଲୋଚନା ହେବାକୁ ରହିଛି। ପିସିସି ସଭାପତି କଥାକୁ ଅଧିକ ଗୁରୁତ୍ୱ ଦିଆଯିବ ବୋଲି ବରିଷ୍ଠ ନେତା ରାମଚନ୍ଦ୍ର ଖୁଣ୍ଟିଆ କହିଛନ୍ତି। ରାଜ୍ୟସ୍ତରରେ କିନ୍ତୁ ସିଡବ୍ଲ୍ୟୁସି ବୈଠକ ଆଳରେ ସଭାପତି ପରିବର୍ତ୍ତନ କଥା ଜୋର ଧରିବାରେ ଲାଗିଛି। ଦୀର୍ଘଦିନରୁ ରାଜ୍ୟ କଂଗ୍ରେସରେ ସଭାପତି ପରିବର୍ତ୍ତନ କଥା ଉଠୁଥିବା ବେଳେ କୌଣସି ସମୟରେ ଏହା କରାଯାଇପାରେ ବୋଲି ଚର୍ଚ୍ଚା ହେଉଛି। ପୂର୍ବତନ ପିସିସି ସଭାପତି ଜୟଦେବ ଜେନା କହିଛନ୍ତି, ପିସିସି ସଭାପତି ପରିବର୍ତ୍ତନ ଲାଗି ସମସ୍ତେ ଚାହୁଁଛନ୍ତି। ଦଳ ଭିତରେ କାହାରି ସହଯୋଗ ରହୁନାହିଁ।

ସେହିପରି ବରିଷ୍ଠ ନେତା ଶରତ ରାଉତ କହିଛନ୍ତି, ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ସ୍ଥାନ ନେବା ଭଳି କେହି ନେତା ଆଉ ନାହାନ୍ତି। ନିର୍ବାଚନ ଫଳ ଘୋଷଣା ହେବା ପରେ ପିସିସି ସଭାପତି ନିଜ ତରଫରୁ ଇସ୍ତଫା ଦେଇସାରିଛନ୍ତି। ତାଙ୍କ ସ୍ଥାନରେ କେବଳ ଜଣଙ୍କୁ ଦାୟିତ୍ୱ ନ ମିଳିବା ପର୍ଯ୍ୟନ୍ତ ସେ ସେହି ସ୍ଥାନରେ ରହିବେ।

ଅନ୍ୟପକ୍ଷରେ ନିରଞ୍ଜନଙ୍କୁ ପିସିସି ସଭାପତି କରାଇବାକୁ ସେତେବେଳେ ଦାବି କରି ଆସୁଥିବା କେତେଜଣ ନେତା ବର୍ତ୍ତମାନ ତାଙ୍କ ବିରୋଧରେ ଲାଗି ପଡିଛନ୍ତି। ସେହିପରି ଜୟପୁର ବିଧାୟକ ତାରା ବାହିନୀପତି ଯଦି ସଭାପତି ଦାୟିତ୍ୱ ମିଳେ ଛାଡିବେ ନାହିଁ ବୋଲି କହିଛନ୍ତି। ସେ କହିଛନ୍ତି, କନଷ୍ଟେବଲ ନମ୍ବର ୱାନ ଥିଲି, ବିଧାୟକ ନମ୍ବର ୱାନ ହେଲି, ସେହିପରି ସଭାପତି ପଦ ମିଳିଲେ ମଧ୍ୟ ସେହି ଫଳ ଆସିବ। ଲବି କରୁ ନାହିଁ କିନ୍ତୁ ମିଳିଲେ ଛାଡିବିନି। ଏଭଳି ସ୍ଥିତିରେ ମୋହନା ବିଧାୟକ ଏବଂ ସାନଖେମୁଣ୍ଡି ବିଧାୟକ ଉଭୟ ତାରା ସଭାପତି ପ୍ରସଙ୍ଗକୁ ସ୍ୱାଗତ କରିଛନ୍ତି। ସାନଖେମୁଣ୍ଡି ବିଧାୟକ ରମେଶ ଜେନା କହିଛନ୍ତି, ତାରା ସଭାପତି ହେଲେ ବିଧାୟକଙ୍କ ସଂଖ୍ୟା ୯ରୁ ୯୦ ହୋଇଯିବ।

ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ କହିଛନ୍ତି, ସିଡବ୍ଲ୍ୟୁସି ବୈଠକରେ ପିସିସି ସଭାପତି ପରିବର୍ତ୍ତନ କଥା ପଡିବନାହିଁ। ସଭାପତି ପରିବର୍ତ୍ତନ ଏଆଇସିସି ଅଧ୍ୟକ୍ଷ ଯେବେ ଚାହିଁବେ ସେବେ ହେବ। ୨ରୁ ୩ ବର୍ଷରେ ଥରେ ସଭାପତି ପରିବର୍ତ୍ତନ ହୋଇଥାଏ, ସେହି ଅନୁସାରେ ହେବ। ସେଥିଲାଗି ସେ ବ୍ୟସ୍ତ, ବିବ୍ରତ ନୁହନ୍ତି ବୋଲି କହିଛନ୍ତି।

CLASSIFIED DISPLAY

MORE SPACE • SAME PRICE

TARIFF — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ ମାମଲା, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିୟା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
7503449786
8800979262
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

BDFC Finance
(ରେଜିଷ୍ଟ୍ରେଡ କମ୍ପାନୀ)
ସମସ୍ତ ପ୍ରକାର ଲୋନ ନିଅନ୍ତୁ ମାତ୍ର ୧୦ ଦିନ ମଧ୍ୟରେ
ପ୍ରପୋର୍ଟି, ପର୍ସନାଲ୍, ମାର୍କସିଟ୍, ପଶୁପାଳନ, ବ୍ୟବସାୟ, ଗୃହ, ଶିକ୍ଷା, କୃଷି ଓ ଲଘୁଉଦ୍ୟୋଗ ପାଇଁ ଋଣ ନେବାକୁ ଯୋଗାଯୋଗ କରନ୍ତୁ
ସୁଧ ୧% ଘରେ ବସି ପାଆନ୍ତୁ
Ratanpur, Balbaspur, Sundergarh
8895873257
7656825247

ପାଠକଙ୍କ ପାଇଁ ସୂଚନା: ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ALL EDITION - B/W
(Every Day)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

## କୋଭିଡ୍ ପରୀକ୍ଷା ବେଳେ ଗଣ୍ଡଗୋଳ

ବାହାନଗା,(ଡି.ଏନ.ଏ.): ବାଲେଶ୍ୱର ଜିଲା ବାହାନଗା ବ୍ଲକ ଖରାସାହାପୁର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ କୋଭିଡ ପରୀକ୍ଷା କରିବାକୁ ଆସିଥିବା ସ୍ଥାନୀୟ ଅଞ୍ଚଳର କେତେକ ଯୁବକ ସ୍ୱାସ୍ଥ୍ୟ ବିଭାଗ କର୍ମଚାରୀଙ୍କ ସହ ଗଣ୍ଡଗୋଳ କରି ଅଟକ ରଖିଥିଲେ। ଖବରପାଇ ବାହାନଗା ବିଡିଓ, ତହସିଲଦାର ଓ ସୋର ଥାନା ଅଧିକାରୀଙ୍କ ସମେତ ପୋଲିସ୍ ଫୋର୍ସ ପହଞ୍ଚି ଗଣ୍ଡଗୋଳକାରୀ ଯୁବକଙ୍କୁ ଅଟକ ରଖିବା ସହିତ ଗ୍ରାମବାସୀଙ୍କ ସହିତ ଆଲୋଚନା କରିଥିଲେ। ପରେ ପଞ୍ଚାୟତର ୨ଟି ୱାର୍ଡକୁ ପ୍ରଶାସନ ପକ୍ଷରୁ କଣ୍ଟେନ୍‌ମେଣ୍ଟ ଜୋନ ଭାବେ ଘୋଷଣା କରାଯାଇଛି।

**ସଂକ୍ଷେପରେ**

## ନେତାଜୀ ସ୍ମାରକୀ ଯୁବକ ସଂଘ ପକ୍ଷରୁ ରକ୍ତଦାନ ଶିବିର

**ଖଇରା, ୨୩।୮(ଡି.ଏନ.ଏ.):** ବାଲେଶ୍ୱର ଜିଲା ଖଇରା ବ୍ଲକ ସାରୁଗାଁ ପଞ୍ଚାୟତ ଅଧୀନ ତିଳଦା ନେତାଜୀ ସ୍ମାରକୀ ଯୁବକ ସଂଘ ଆନୁକୂଲ୍ୟରେ ତିଳଦା ସ୍କୁଲ ପରିସରରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ସତ୍ୟସାଇ ଗ୍ରୁପ ଅଫ୍ ଇନ୍‌ଷ୍ଟିଚ୍ୟୁଶନର ଅଧକ୍ଷ ଡଃ ବେଣୁମାଧବ ପଣ୍ଡା ଉଦ୍‌ଘାଟନ କରି ରକ୍ତଦାନ କରୁଥିବା ପ୍ରତ୍ୟେକ ବ୍ୟକ୍ତି ଜଣେ ଜଣେ କରୋନା ଯୋଦ୍ଧା। କରୋନା ମହାମାରୀ ସମୟରେ ରକ୍ତଦାନ ଭଳି ମହତକର୍ମରେ ନିୟୋଜିତ ଏହି ସଂଘର ସଦସ୍ୟମାନଙ୍କ କାର୍ଯ୍ୟ ମଧ ପ୍ରଶଂସନୀୟ ବୋଲି କହିଥିଲେ। ସଂଘ ସଭାପତି ଜଗବନ୍ଧୁ ନାୟକ, ଉପସଭାପତି ନୀଳାମ୍ବର ପଣ୍ଡା ଓ କିଶୋର ମହାପାତ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ମୋଟ ୬୨ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। ସମ୍ପାଦକ ସୁରେଶ ଓଝା, ତନ୍ମୟ ରାଉଳ, ପ୍ରଦୀପ ଓଝା, ରାଜେନ୍ଦ୍ର ନାୟକ, ଉମାକାନ୍ତ ନାୟକ, ଭାଗିରଥି ନାୟକ, ନାରାୟଣ ବିନାତ, କୈଳାସ ବିନାତ, ବନମାଳୀ ଓଝା, ବିଜୟ କୁମାର ପରିଡା, କୁମୁଦିନୀ ନାୟକ, ମୀନାରାଣୀ ବିନାତ, ବିମ୍ବାଧର ପଣ୍ଡା, ସାବିତ୍ରୀ ସେନାପତି, ଶକୁନ୍ତଳା ସେଠୀ ପ୍ରମୁଖ ସହଯୋଗ କରିଥିଲେ।

## ଦେଶ ପାଇଁ ବଳିଦାନ ଉପରେ କ୍ଷୁଦ୍ର ସିନେମା

**କେନ୍ଦୁଝର, ୨୩।୮(ସ୍ୱ.ପ୍ର.):** ଭାରତୀୟ ସେନାଙ୍କ ଦେଶ ଓ ମା' ମାଟି ପାଇଁ ଦେଉଥିବା ବଳିଦାନ ଉପରେ ଆର ଏସ ଫିଲ୍ମ ପ୍ରଡକ୍ସନ ପକ୍ଷରୁ ଏକ କ୍ଷୁଦ୍ର ଚଳଚ୍ଚିତ୍ର ସୁଟିଂ ସମ୍ପୂର୍ଣ୍ଣ ହୋଇଛି। ଏହି ଚଳଚ୍ଚିତ୍ରର ନିର୍ଦ୍ଦେଶନା ଦେଇଛନ୍ତି ରଞ୍ଜନ ସାହୁ। ଏହି ଚଳଚ୍ଚିତ୍ରର କାହାଣୀ ଭାରତୀୟ ସୈନିକଙ୍କ ଉପରେ ଆଧାରିତ ହୋଇଛି। ଚଳଚ୍ଚିତ୍ରଟି ସମାଜକୁ ଜାଗ୍ରତ କରିବା ଉଦ୍ଦେଶ୍ୟରେ ନିର୍ମାଣ କରାଯାଇଛି। ଏଥିରେ ଅଭିନୟ କରିଥିବା କଳାକାରମାନେ ହେଲେ ଭୂମିକା ସିଂ, ପୂଜା ଯାଦବ, ସବନମ ଗୋପ, ନୀଲମ ନାୟକ, ପ୍ରିତିନନ୍ଦା ଦାସ, ପ୍ରିୟଙ୍କା ଗୋପ ପ୍ରମୁଖ। ଚଳଚ୍ଚିତ୍ରଟି ଲୋକମାନେ ବେଶ୍ ପସନ୍ଦ କରିବେ ବୋଲି ଏହାର ନିର୍ଦ୍ଦେଶକ କହିଛନ୍ତି।

## ୫ ଛେଳି ପୋଡ଼ିମଲେ, ୩ ଗୋରୁ ଗୁରୁତର

**ଭଦ୍ରକ ଅଫିସ, ୨୩।୮:** ଭଦ୍ରକ ବ୍ଲକ କାଉପୁର ପଞ୍ଚାୟତ ଅନ୍ତର୍ଗତ ବେଲଗଡ଼ିଆ ଗ୍ରାମର ଅଜୟ ସାହୁଙ୍କ ଗୁହାଳ ଘରେ ଶନିବାର ବିଳମ୍ବିତ ରାତିରେ ନିଆଁ ଲାଗି ୫ ଛେଳି ପୋଡ଼ି ମରିବା ସହ ୩ ଗୋରୁ ଗୁରୁତର ହୋଇଛନ୍ତି। ଭଦ୍ରକ ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା। ରବିବାର ସକାଳେ ସ୍ଥାନୀୟ ଆର୍‌ଆଇ ଘଟଣାସ୍ଥଳରେ ପହଁଞ୍ଚି ତଦନ୍ତ କରି ଫେରିଛନ୍ତି।

## ୯୨ ସ୍ଥାନୀୟ ସଂକ୍ରମଣ ଚିହ୍ନଟ

**ଭଦ୍ରକ ଅଫିସ, ୨୩।୮:** ଭଦ୍ରକ ଜିଲାରେ ରବିବାର ୯୨ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ସମସ୍ତେ ସ୍ଥାନୀୟ ସଂକ୍ରମଣ ବୋଲି କୁହାଯାଇଛି। ଜିଲାରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୨୦୯୯ ଛୁଇଁଛି। ଗତ ଏକ ସପ୍ତାହ ହେଲା ବହୁ ସଂଖ୍ୟକ ସ୍ଥାନୀୟ ସଂକ୍ରମଣ ଚିହ୍ନଟ ହେଉଥିବାରୁ ଜିଲାବାସୀ ଆତଙ୍କିତ ହୋଇପଡ଼ିଛନ୍ତି। ଆକ୍ରାନ୍ତଙ୍କ ମଧରୁ ୧୧୦୮ ଜଣ ସୁସ୍ଥ ହୋଇଥିବା ବେଳେ ୯୮୫ ଜଣ ଚିକିତ୍ସାଧୀନ ଅଛନ୍ତି। ୬ ଜଣଙ୍କ ମୃତ୍ୟୁ ହୋଇଛି। ଅଦ୍ୟାବଧି ୪୦, ୮୦୯ ଜଣଙ୍କ ସ୍ୱାବ୍ ପରୀକ୍ଷା କରାଯାଇଥିବା ଜିଲାପାଳ ଡ଼. ଜ୍ଞାନରଞ୍ଜନ ଦାସ ସୂଚନା ଦେଇଛନ୍ତି।

## ପ୍ରଶିକ୍ଷଣ ନେଲେ ମହିଳା ଗୋଷ୍ଠୀ

**ଭଦ୍ରକ ଅଫିସ, ୨୩।୮:** ଆଦାନୀ ଧାମରା ବନ୍ଦରର ନିକଟବର୍ତ୍ତୀ ଅଞ୍ଚଳରେ ଆଦାନୀ ଫାଉଣ୍ଡେଶନ୍ ଦ୍ୱାରା ୨୦୧୯-୨୦ ମସିହାରେ ସଙ୍ଗଠିତ ହୋଇଥିବା ଦୁଇଟି ମହିଳା ଉତ୍ପାଦକ ଗୋଷ୍ଠୀ ମହାମାରୀର ପ୍ରଭାବରେ ପ୍ରଭାବିତ ହୋଇଛନ୍ତି। ଏହି ଗୋଷ୍ଠୀର ଉତ୍ସାହ, ବିଶ୍ୱାସ ଏବଂ ଶକ୍ତିକୁ ପୁନଃଜୀବିତ କରିବା ପାଇଁ ଆଦାନୀ ଫାଉଣ୍ଡେଶନ୍ ସହଯୋଗରେ ଭଦ୍ରକ ଜିଲା ଚାନ୍ଦବାଲି ଶାଖା ଓଡ଼ିଶା ଜୀବିକା ମିଶନ ପକ୍ଷରୁ କୋଇଥଖୋଲା ପଞ୍ଚାୟତର ଗୌରପ୍ରସାଦ ଗ୍ରାମରେ ମହିଳା ଉତ୍ପାଦକ ଗୋଷ୍ଠୀର ଗଠନ ଏବଂ କାର୍ଯ୍ୟକାରିତା ଉପରେ ଏକ ଦିନିକିଆ ପ୍ରାରମ୍ଭିକ ତାମିଲ ଶିବିର ଆୟୋଜନ କରାଯାଇଥିଲା। ଗୌରପ୍ରସାଦ ଏବଂ ପୂର୍ଣ୍ଣପ୍ରସାଦ ଗ୍ରାମରୁ ଛତୁ ଉତ୍ପାଦନରେ ନିୟୋଜିତ ମହିଳା ଉତ୍ପାଦକ ଗୋଷ୍ଠୀର ୬୦ ସଦସ୍ୟା ଏହି ପ୍ରଶିକ୍ଷଣରେ ଅଂଶଗ୍ରହଣ କରିଥିଲେ।

# ହାତୀ ସ୍ମୃତିରେ 'ହାତୀମିନାର'

**କେନ୍ଦୁଝର, ୨୩।୮ (ସ୍ୱ.ପ୍ର.)**

ହାତୀ ସୁରକ୍ଷା ଲାଗି ବନ ବିଭାଗ ପକ୍ଷରୁ ବ୍ୟାପକ ପଦକ୍ଷେପ ନିଆଯାଇ ସଚେତନତା କାର୍ଯ୍ୟକ୍ରମ କରାଯାଉଛି। ହେଲେ କେନ୍ଦୁଝର ଜିଲା ଚମ୍ପୁଆ ବ୍ଲକ ଅଞ୍ଚଳର ଜଣେ ଅବସରପ୍ରାପ୍ତ ବରିଷ୍ଠ ଅଧ୍ୟାପକ ଏକ ହାତୀର ସ୍ମୃତିରେ ହାତୀମିନାର ପ୍ରତିଷ୍ଠା କରି ଅନ୍ୟମାନଙ୍କ ପାଇଁ ଉଦାହରଣ ପାଲଟିଛନ୍ତି। ଉକ୍ତ ଅଧ୍ୟାପକ ହେଲେ ଡକ୍ଟର କୃଷ୍ଣଚନ୍ଦ୍ର ନାୟକ ଓ ଘର ଜାଳି ଗ୍ରାମରେ। ହାତୀମିନାର ଲାଗି ସେ ୫ ଏକର ଜମି ଦାନ କରି ବନୀକରଣ କରିଛନ୍ତି। ଆଗାମୀ ଦିନରେ ଶିଶୁ ପାର୍କ ପ୍ରତିଷ୍ଠା କରିବା ପାଇଁ ସ୍ଥାନୀୟ ଲୋକଙ୍କ ସହଯୋଗରେ ଉଦ୍ୟମ ଜାରି ରଖିଛନ୍ତି। ବନ ବିଭାଗ ପକ୍ଷରୁ କିଛି ସହଯୋଗ ମିଳୁ ନ ଥିବାରୁ ସ୍ଥାନୀୟ ଲୋକ ଅସନ୍ତୋଷ ପ୍ରକାଶ କରିଛନ୍ତି। ଏହାକୁ ପର୍ଯ୍ୟଟନର ମାନ୍ୟତା ମିଳିଲେ ସଚେତନତା ବୃଦ୍ଧି ପାଇବା ସହ ଏହି ସ୍ଥାନ ପ୍ରତି ପର୍ଯ୍ୟଟକମାନେ ଆକୃଷ୍ଟ ହୋଇପାରନ୍ତେ ବୋଲି ଡକ୍ଟର କୃଷ୍ଣ ଚନ୍ଦ୍ର ନାୟକ କହିଛନ୍ତି।



ଜଙ୍ଗଲରେ ଖାଦ୍ୟାଭାବ ଯୋଗୁ ହାତୀପଲ ଗ୍ରାମମୁହାଁ ହେଉଛନ୍ତି। କେତେବେଳେ ବିଦ୍ୟୁତ

### ପର୍ଯ୍ୟଟନ ମାନ୍ୟତାକୁ ଅପେକ୍ଷା

ଆଘାତରେ ତ କେତେବେଳେ ରେଳ ଓ ରାସ୍ତା ଦୁର୍ଘଟଣାର ଶିକାର ହୋଇ ଜୀବନ ହରାଉଛନ୍ତି। ୧୦ବର୍ଷ ତଳେ ଏଭଳି ଏକ ଦୁର୍ଘଟଣା ଘଟିଥିଲା। ୨୦୦୯ ସେପ୍ଟେମ୍ବର ୭ ତାରିଖରେ ଧାନ ଖାଇବାକୁ ଆସିଥିବା ଏକ ହାତୀ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଡକ୍ଟର ନାୟକଙ୍କ ଜମିରେ ଟଳିପଡ଼ିଥିଲା। ବନ ବିଭାଗ ହାତୀର ମୁହଁ କାଟି ଦାନ୍ତ ନେଇଯାଇଥିଲେ ଏବଂ ସେଠାରେ ପୋତି ଦେଇଥିଲେ। ସେହି ସମୟରେ କୃଷ୍ଣଚନ୍ଦ୍ରଙ୍କ ମା' ଅତ୍ୟନ୍ତ ବିବ୍ରତ ହେବା ସହ ଦୁଃଖରେ ଭାଙ୍ଗିପଡ଼ିଥିଲେ। ହାତୀ ମୃତ୍ୟୁ ସ୍ମୃତିରେ କିଛି କରିବାକୁ କହିଥିଲେ। ତେବେ ମା'ଙ୍କ ଶେଷ ଇଚ୍ଛା ପୂରଣ କରିବାକୁ ଯାଇ କୃଷ୍ଣଚନ୍ଦ୍ର ୨୦୧୯ରେ ନିଜ ଗ୍ରାମରେ ପ୍ରାୟ ୩୫ ଫୁଟ ଉଚ୍ଚତାର ହାତୀମୀନାର ନିଜ ଉଦ୍ୟମରେ ନିର୍ମାଣ କରିଥିଲେ। ଏହା ଭୂମିରେ ୫ ଫୁଟ ଲମ୍ବା ଓ ୫ ଫୁଟ ଓସାର କଂକ୍ରିଟ ଚଟାଣ ଉପରେ ନିର୍ମିତ। ଏହାକୁ ସେହିବର୍ଷ ମକର ସଂକ୍ରାନ୍ତିରେ ଉଦ୍‌ଘାଟନ କରାଯାଇଥିଲା। ଏହାକୁ ସେ ସମୟରେ ପ୍ରଥମେ ଧରିତ୍ରୀ ଲୋକଲୋଚନକୁ ଆଣିଥଲା। କେନ୍ଦୁଝର ସହରଠାରୁ ପ୍ରାୟ ୪୫ କି.ମି. ଦୂରରେ ରହିଛି ଏହି ସ୍ଥାନ। ଏହାକୁ ଦେଖିବାକୁ ଆଖପାଖ ଲୋକ ଆସୁଛନ୍ତି। ଅଧିକ ପ୍ରଚାର ପ୍ରସାର ହେଲେ ଏବଂ ଏହାକୁ ଉନ୍ନତୀକରଣ କରାଗଲେ ପର୍ଯ୍ୟଟକମାନେ ଅଧିକ ଆକୃଷ୍ଟ ହୋଇପାରନ୍ତେ ଏବଂ ଉକ୍ତ ଅଞ୍ଚଳର ବିକାଶ ହୋଇପାରନ୍ତା ବୋଲି ସ୍ଥାନୀୟ ଲୋକେ କହିଛନ୍ତି।

କେନ୍ଦୁଝର ବନଖଣ୍ଡରେ ଏବେ ୧୦୦ରୁ ଉର୍ଦ୍ଧ୍ୱ ହାତୀ ବିଚରଣ କରୁଛନ୍ତି। ଚଳିତବର୍ଷ ୪ହାତୀର ଅସ୍ୱାଭାବିକ ମୃତ୍ୟୁ ହାତୀମାନଙ୍କ ସୁରକ୍ଷାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି। ବ୍ୟାପକ ଜଙ୍ଗଲ ନଷ୍ଟ ଯୋଗୁ ହାତୀମାନେ ବାସହରା ହେବା ସହ ସେମାନଙ୍କ ଚଳପ୍ରଚଳ ଅଞ୍ଚଳ ସଙ୍କୁଚିତ ହେବାକୁ ବସିଛି। ହାତୀ ଚଲାପଥ ନଷ୍ଟ ହୋଇଯାଇଛି। ସେସବୁର ସୁରକ୍ଷା ଜରୁରୀ ବୋଲି ପରିବେଶବିତ୍ ରମେଶ ଚନ୍ଦ୍ର ମିଶ୍ର ମତବ୍ୟକ୍ତ କରୁଛନ୍ତି।

## ମହାଲକ୍ଷ୍ମୀ ପୂଜା ଲାଗି ମାଟି ଅନୁକୂଳ

**କେନ୍ଦୁଝର,୨୩।୮(ସ୍ୱ.ପ୍ର.)**

କେନ୍ଦୁଝର ସଦର ବ୍ଲକ ଅନ୍ତର୍ଗତ ପଦ୍ମପୁର ପ୍ରସିଦ୍ଧ ମହାଲକ୍ଷ୍ମୀ ପୂଜା ପାଇଁ ରବିବାର ମାଟି ଅନୁକୂଳ ପାଇଁ ପୂଜାର୍ଚ୍ଚନା କରାଯାଇଛି। ଗୋବର୍ଦ୍ଧନ ନିକଟସ୍ଥ ଅରଡ଼େଇ ନଦୀ କୂଳରୁ ମାଟି ପୂଜା ହୋଇ ଆସିଲା ପରେ ମୂର୍ତ୍ତି ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି। କରୋନା କଟକଣାକୁ ଦୃଷ୍ଟିରେ ରଖି କୁଳ ପୁରୋହିତ ହୃଦାନନ୍ଦ ମିଶ୍ର ପୂଜାକାର୍ଯ୍ୟ ସମ୍ପନ୍ନ କରିଥିଲେ।

## ୪ ଗୋରୁ ଜବତ, ଜଣେ ଅଟକ

**ଧାମନଗର,୨୩।୮(ଡି.ଏନ.ଏ.)**

ଭଦ୍ରକ ଜିଲା ଧାମନଗର-ଦୋବଲ ରାସ୍ତାରେ ଯାଞ୍ଚ ବେଳେ ପୋଲିସ ୪ ଗୋରୁ ଜବତ କରିଛି। ଏହି ଘଟଣାରେ ଗୋରୁ ବୋଝେଇ ଗାଡ଼ିର ଡ୍ରାଇଭରଙ୍କୁ ଥାନାରେ ଅଟକ ରଖାଯାଇଛି। ଏନେଇ ଥାନାରେ ଏକ ମାମଲା(ନଂ. ୧୭୯/୨୦) ରୁଜୁ ହୋଇଛି।

## ବିଲ ହିଡ଼ରେ ଯାଉଛନ୍ତି କର୍ମଚାରୀ

**ଚମ୍ପୁଆ, ୨୩।୮(ଡି.ଏନ.ଏ)**

ସରକାର ରାସ୍ତାଘାଟର ଉନ୍ନତି ପାଇଁ କୋଟି କୋଟି ଟଙ୍କା ଅର୍ଥ ବିନିଯୋଗ କରୁଛନ୍ତି ସତ, ମାତ୍ର ୩୫ବର୍ଷ ପରେ ବି ଖୋଦ୍ ସରକାରୀ କାର୍ଯ୍ୟାଳୟକୁ ରାସ୍ତା ନାହିଁ। ଚମ୍ପୁଆ ଉପଖଣ୍ଡ ସଦର ମହକୁମାରେ ଥିବା କୃଷି ଜିଲା ଅଧିକାରୀଙ୍କ କାର୍ଯ୍ୟାଳୟକୁ ଯିବା ଲାଗି କର୍ମଚାରୀମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହି କାର୍ଯ୍ୟାଳୟ ଯୋଡା, ଚମ୍ପୁଆ ଓ ଝୁମ୍ପୁରା ବ୍ଲକର ଚାଷୀ ଓ ଚାଷ ସମ୍ବନ୍ଧୀୟ ସହଯୋଗ ଯୋଗାଇ ଆସୁଛି। ରାସ୍ତାଟିଏ ନ ଥିବା ହେତୁ କର୍ମଚାରୀମାନେ ବିଲ ହିଡ଼ରେ କାର୍ଯ୍ୟାଳୟ ଯାଉଛନ୍ତି।

ଚମ୍ପୁଆ, ଝୁମ୍ପୁରା ଓ ଯୋଡା ବ୍ଲକର ଚାଷୀଙ୍କ ଉନ୍ନତି ପାଇଁ ୧୯୮୫ରେ ପାଞ୍ଚପୋଖରିଆ ନିକଟରେ ଜିଲା କୃଷି ଅଧିକାରୀଙ୍କ କାର୍ଯ୍ୟାଳୟରେ କାର୍ଯ୍ୟକ୍ଷମ କରାଯାଇଥିଲା। ଉକ୍ତ ସମୟରେ ଏହି କାର୍ଯ୍ୟାଳୟକୁ ଯିବା ଲାଗି କର୍ମଚାରୀ ଓ ଅଧିକାରୀମାନେ ଗ୍ରାମ୍ୟ ଉନ୍ନୟନ କାର୍ଯ୍ୟାଳୟ ପାର୍ଶ୍ୱସ୍ଥ ରାସ୍ତାକୁ ବ୍ୟବହାର କରୁଥିଲେ। ୧୯୯୯ରେ ଗ୍ରାମ୍ୟ ଉନ୍ନୟନ ବିଭାଗ କାର୍ଯ୍ୟାଳୟ ପାର୍ଶ୍ୱରେ ପାଚେରି ନିର୍ମାଣ କରିବାରୁ ଉକ୍ତ ରାସ୍ତା ଏକ ପ୍ରକାର ବନ୍ଦ ହୋଇଯାଇଥିଲା। ତତ୍କାଳୀନ ଜିଲା କୃଷି ଅଧିକାରୀ

### ୩୫ ବର୍ଷ ହେଲା ରାସ୍ତା ନାହିଁ



ଚୈତନ୍ୟ ଚରଣ ପଣ୍ଡା ସ୍ୱର ଉତ୍ତୋଳନ କରିବାରୁ ବର୍ତ୍ତମାନ ରହିଥିବା ବ୍ଲକ ରାସ୍ତା ଦେଇ ଉକ୍ତ କାର୍ଯ୍ୟାଳୟକୁ ରାସ୍ତା ବାହାର କରାଯାଇଥିଲା। ମାତ୍ର ୨୦୧୭ରେ ଜଣେ ଲୋକ ପ୍ରତିନିଧି ବ୍ଲକ ଚାରିପଟେ ପାଚେରି ନିର୍ମାଣ କରିଦେବାରୁ ଉକ୍ତ ରାସ୍ତା ବନ୍ଦ ହୋଇଯାଇଥିଲା। ପରେ ବୁଝାମଣା ଭିତ୍ତିରେ କୃଷି ଜିଲା କାର୍ଯ୍ୟାଳୟକୁ ଯାଆସ ପାଇଁ ସାମାନ୍ୟ ରାସ୍ତା ଖୋଲାଯିବା ସହିତ ଏକ ଗେଟ୍ ନିର୍ମାଣ କରାଯାଇଥିଲା। ମାତ୍ର ପ୍ରାୟ ଦେଢ ବର୍ଷ ହେବ ଉକ୍ତ ଗେଟ ବନ୍ଦ ରହୁଥିବରୁ ଅଫିସ୍ କାର୍ଯ୍ୟ ପାଇଁ କର୍ମଚାରୀ ଓ ଅଧିକାରୀମାନେ ବିଲ ହିଡ଼ ଦେଇ ଯାଆସ କରୁଛନ୍ତି। ତେବେ ଉପରିସ୍ଥ ଅଧିକାରୀମାନଙ୍କୁ ରାସ୍ତା ସମ୍ବନ୍ଧରେ ଅବଗତ କରାଯାଇଥିବା ଜିଲା କୃଷି ଅଧିକାରୀ ଗଜେନ୍ଦ୍ରନାଥ ଗୋଚ୍ଛାୟତ ସୂଚନା ଦେଇଛନ୍ତି।

## ୮ ପାଣି ପଞ୍ଚାୟତ ନିର୍ବାଚନ ଶେଷ

**ଖଇରା, ୨୩।୮(ଡି.ଏନ.ଏ.)**

ବାଲେଶ୍ୱର ଜିଲା ଖଇରା ଜଳସେଚନ ଉପଖଣ୍ଡ ଗୋପାଳପୁର ରାଣୀତାଲ ଡିଷ୍ଟ୍ରିବ୍ୟୁଟାରୀ ଓ ଚରମ୍ପା ଶାଖା କେନାଲ ଅଧୀନସ୍ଥ ୮ ପାଣି ପଞ୍ଚାୟତର ନିର୍ବାଚନ ୨୦ ଓ ୨୧ତାରିଖ ଦୁଇଦିନ ଧରି ଅନୁଷ୍ଠିତ ହୋଇଯାଇଛି। ଏଥିମଧ୍ୟରେ ମା' ତାରିଣୀ, ମା' ଭଦ୍ରକାଳୀ, ମା' ଘଟବାସୁଳି, ମା' ସାହାଡାଶୁଣୀ, ମା' ଦୁର୍ଗା, ମା' ବୁଢିଜାଗୁଳାଇ, ମା' ଚଣ୍ଡୀ, ମାଶ୍ରୀରାଧା ପାଣି ପଞ୍ଚାୟତର କର୍ମକର୍ତ୍ତାଙ୍କ ନାମ ଘୋଷଣା କରାଯାଇଛି। ଜଳସେଚନ ବିଭାଗର ନିର୍ବାହୀଯନ୍ତ୍ରୀ ଆର୍ତ୍ତତ୍ରାଣ ସାହୁଙ୍କ ନିର୍ଦ୍ଦେଶକ୍ରମେ ଉପନିର୍ବାହୀଯନ୍ତ୍ରୀ ସୁମନ୍ତ ସେଠୀ, ସହକାରୀ ଯନ୍ତ୍ରୀ ବସନ୍ତ ମହାଳିକ, କନିଷ୍ଠଯନ୍ତ୍ରୀ ଦେବୀ ପ୍ରସାଦ ମହାନ୍ତି, ବାଣିଶ୍ରୀ ନାୟକ ଓ ହିରାଲାଲ ମାଝି ପ୍ରମୁଖ ନିର୍ବାଚନରେ ସହଯୋଗ କରିଥିଲେ।

## ବୃଦ୍ଧଙ୍କ ଆତ୍ମହତ୍ୟା

**କପ୍ତିପଦା,୨୩।୮(ଡ଼ି.ଏନ୍.ଏ.)**

ମୟୂରଭଞ୍ଜ ଜିଲା କପ୍ତିପଦା ରଥଦାଣ୍ଡ ସାହିରେ ରସାନନ୍ଦ ମହାପାତ୍ର (୬୦) ନାମକ ବୃଦ୍ଧ ଏକ ପଣସ ଗଛରେ ଲୁଙ୍ଗି ଦ୍ୱାରା ଫାଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ.୨୮/୨୦) ରୁଜୁ ହୋଇଛି।

# ମୂର୍ତ୍ତି ତିଆରି ନିଶାରେ ଶୁଭଶ୍ରୀ

**ହରିନାରାୟଣ ମହାନ୍ତି**
**ବନ୍ତ, ୨୩।୮**

ପାଠ ପଢିବା ସହିତ ଚିତ୍ର ଆଙ୍କିବା ଓ ମୂର୍ତ୍ତି ତିଆରି କରିବାରେ ନିଜକୁ ହଜାଇ ଦେଇଛନ୍ତି ଶୁଭଶ୍ରୀ ସୋନମ ରାଜ। ତାଙ୍କର ପ୍ରତିଭାକୁ ବିକାଶ କରାଇବା ଲାଗି ଲକ୍‌ଡାଉନ ସୁଯୋଗ ଆଣିଦେଇଛି ବୋଲି ସେ କୁହନ୍ତି। ଶୁଭଶ୍ରୀଙ୍କ ଘର ଭଦ୍ରକ ଜିଲା ବନ୍ତ ବ୍ଲକ ନିଳୋକ ଗ୍ରାମରେ। ଶ୍ରୀଧର ରାଜଙ୍କ ଝିଅ ଶୁଭଶ୍ରୀ ଚଳିତବର୍ଷ ମାଟ୍ରିକ୍ ପରୀକ୍ଷାରେ ୪୨୦ ନମ୍ବର ରଖି ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି।

ସେ ମାଟିରେ ବିଭିନ୍ନ ଦେବାଦେବୀଙ୍କ ମୂର୍ତ୍ତି ଓ ବିଭିନ୍ନ ଫଳ, ପନିପରିବା ଆକୃତି ତିଆରି କରି ଘରେ ରଖିଛନ୍ତି। ଆଖପାଖ ଗ୍ରାମରୁ ଲୋକମାନେ ତାଙ୍କ ଘରକୁ ଆସି ଏସବୁ ମୂର୍ତ୍ତି ଓ ସାମଗ୍ରୀ ଆସି ନେଉଛନ୍ତି। ପିଲାବେଳୁ ଚିତ୍ର ଆଙ୍କିବା ପ୍ରତି ତାଙ୍କର ଆଗ୍ରହ ଥିଲା। ପରେ ନିଜେ ମୂର୍ତ୍ତି ତିଆରି କରିବା ଆରମ୍ଭ କରିଥିଲେ। ୬ଷ୍ଠ ଶ୍ରେଣୀରୁ ଚିତ୍ର ଆଙ୍କିବା ଓ ମୂର୍ତ୍ତି ତିଆରି କରିବା ତାଙ୍କ ନିଶା ପାଲଟି ଯାଇଥିଲା। ସେ ବିଭିନ୍ନ ଦେବାଦେବୀ, ଦୃଶ୍ୟପଟ, ବିଦ୍ୟାଳୟ, ସ୍ୱଚ୍ଛ ଭାରତ ସମ୍ପର୍କିତ ବିଭିନ୍ନ ଚିତ୍ର ଅଙ୍କନ କରିଛନ୍ତି। ସେ ଧାନରେ ଆକର୍ଷଣୀୟ ଜଗନ୍ନାଥଙ୍କ ଚିତ୍ରପଟ୍ଟ ପ୍ରସ୍ତୁତ କରିଛନ୍ତି। ଚିତ୍ରାଙ୍କନ ପାଇଁ ସେ ବହୁ ପ୍ରତିଯୋଗିତାରେ



ମୂର୍ତ୍ତି ତିଆରିରେ ମଗ୍ନ ଶୁଭଶ୍ରୀ ସୋନମ।

### ପ୍ରତିଭା ବିକାଶ ଲାଗି ସୁଯୋଗ ଦେଲା ଲକ୍‌ଡାଉନ

ପୁରସ୍କୃତ ହୋଇଛନ୍ତି। ସେ ୨୦୧୬ରେ ଭଦ୍ରକସ୍ଥିତ ନେତାଜୀ ସୁବାଷ ବାହିନୀ ପକ୍ଷରୁ ଆୟୋଜିତ ଜିଲାସ୍ତରୀୟ ପ୍ରତିଯୋଗିତାରେ ଭାଗ ନେଇ ପୁରସ୍କୃତ ହୋଇଥିଲେ। ସେହିପରି ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ସୁରଭି, ତିଳୋତ୍ତମା ପହି ସ୍ମାରକୀ ଶିଶୁ ମହୋତ୍ସବ, ଓଷ୍ଟା ପକ୍ଷରୁ ଆୟୋଜିତ ବ୍ଲକସ୍ତରୀୟ ଶିଶୁ ଉତ୍ସବ, କେନ୍ଦୁଆପଦାସ୍ଥିତ ମାଳିରାମ ମେମୋରିଆଲ ଆୱାର୍ଡ ପ୍ରତିଯୋଗିତା, ଆଞ୍ଚଳିକ ସାଧନ କେନ୍ଦ୍ରସ୍ତରୀୟ ପ୍ରତିଯୋଗିତା, ନିଳୋକ ହାଇସ୍କୁଲର ବାର୍ଷିକ କ୍ରୀଡା ଉତ୍ସବ ଆଦିରେ ଭାଗ ନେଇ ପୁରସ୍କୃତ ହୋଇଛନ୍ତି। ପିଲାଟି ବେଳୁ ତାଙ୍କ ଭିତରେ ଥିବା ପ୍ରତିଭା ଏବେ ତାଙ୍କ ପାଇଁ ନିଶାରେ ପରିଣତ ହୋଇଛି। ନିଜର ପ୍ରଗାଢ ଇଚ୍ଛାଶକ୍ତି ଓ ମାତା ପିତା, ଗୁରୁଜନଙ୍କ ଆଶୀର୍ବାଦରେ ସେ ଆକର୍ଷଣୀୟ ଚିତ୍ର ଆଙ୍କିବା ସହ ମୂର୍ତ୍ତି ତିଆରି କରିପାରୁଛନ୍ତି। ଉପଯୁକ୍ତ ପ୍ରଶିକ୍ଷଣ ଓ ପ୍ରୋତ୍ସାହନ ମିଳିଲେ ଆହୁରି ଆଗକୁ ଯାଇପାରିବେ ବୋଲି ସେ କହିଛନ୍ତି।

# ଉପଦ୍ରବ ଚଳାଇଛନ୍ତି ହାତୀପଲ



ହାତୀ ପଲ ଚାଷ ଜମିକୁ ଯାଉଛନ୍ତି।

**ପାଟଣା,୨୩।୮(ସ୍ୱ. ପ୍ର.)**

କେନ୍ଦୁଝର ଜିଲା ପାଟଣା ରେଞ୍ଜରେ ୨୨ଟିକିଆ ହାତୀ ପଲଙ୍କ ଉପଦ୍ରବ ଜାରି ରହିଛି। ହାତୀପଲ ଶନିବାର ରାତିରେ କରଞ୍ଜିଆ ରେଞ୍ଜ୍‌ରୁ ଆସି ପାଟଣା ରେଞ୍ଜର ଗୋରାଣ୍ଡି ଯୋଡି ବିଟ୍ ଅଧୀନ ଗୋଜିଟାଙ୍ଗିରି, ବାଲିତୋଟା, ତଣ୍ଡ ଓ ବାଇକଳା ଗ୍ରାମରେ ୬୦ରୁ ୭୦ ଜଣ ଚାଷୀଙ୍କ ଏକର ଏକର ଧାନ ଫସଲ ଖାଇବା ସହ ମାଡିଦଳି ନଷ୍ଟ କରିଛନ୍ତି। ବନ ବିଭାଗ ହାତୀପଲଙ୍କୁ ପାଟଣା ରେଞ୍ଜରୁ ଘଉଡାଇବା ସହ କ୍ଷୟକ୍ଷତି ଆକଳନ କରି କ୍ଷତିଗ୍ରସ୍ତ ଚାଷୀଙ୍କୁ କ୍ଷତିପୂରଣ ଦେବାକୁ ଚାଷୀମାନେ ଦାବି କରିଛନ୍ତି।

## ଫାଶି ଦେଇ ଯୁବକଙ୍କ ଆତ୍ମହତ୍ୟା

**ଯୋଡ଼ା, ୨୩।୮(ଡି.ଏନ.ଏ.)**

କେନ୍ଦୁଝର ଜିଲା ଯୋଡା ଥାନା ଅନ୍ତର୍ଗତ ବାଂଶପାଣି ପାଢି ଖଣି ହଟିଂଠାରେ ରବିବାର ଜଣେ ଯୁବକ ଫାଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ଯୁବକ ଜଣକ ହେଲେ ଟୁନୁ ମୁଣ୍ଡା। ରବିବାର ସକାଳେ ଟୁନୁ ତାଙ୍କ ଶୋଇବା ଘରୁ ନ ବାହାରିବାରୁ ତାଙ୍କ ପରିବାର ଲୋକେ ସନ୍ଦେହ କରି କବାଟ ଭାଙ୍ଗି ଖୋଲିଥିଲେ। ତାଙ୍କୁ ଫାଶି ଲଗାଇ ଝୁଲୁଥିବା ଅବସ୍ଥାରେ ଦେଖିବାକୁ ପାଇ ପରିବାର ଲୋକେ ତୁରନ୍ତ ପୋଲିସକୁ ଜଣାଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇବା ସହିତ ଘଟଣାର ତଦନ୍ତ ଆରମ୍ଭ କରିଛି। ତେବେ ମୃତ୍ୟୁର କାରଣ ଅସ୍ପଷ୍ଟ ରହିଛି।

## ରକ୍ତ ପୃଥକୀକରଣ କେନ୍ଦ୍ର କାର୍ଯ୍ୟକ୍ଷମ ଦାବି

**ବାଲେଶ୍ୱର ଅଫିସ, ୨୩।୮**

ବାଲେଶ୍ୱର ସରକାରୀ ମେଡିକାଲ କଲେଜ କ୍ରିୟାନୁଷ୍ଠାନ କମିଟିର ସ୍ୱତନ୍ତ୍ର ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ପ୍ରଫେସର ଅନନ୍ତ କୁମାର ପ୍ରଧାନ ଅଧ୍ୟକ୍ଷତା କରି ବାଲେଶ୍ୱରରେ ପ୍ଲାଜ୍‌ମା ବ୍ୟାଙ୍କ ପ୍ରତିଷ୍ଠା ନିଷ୍ପତ୍ତିକୁ ସ୍ୱାଗତ ଜଣାଇ ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟବିଭାଗ ଓ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଦିଆଯାଇଛି। ପ୍ଲାଜ୍‌ମା ସଂଗ୍ରହ ପାଇଁ ବାଲେଶ୍ୱରରେ ରକ୍ତ ପୃଥକୀକରଣ କେନ୍ଦ୍ର ଅଦ୍ୟାବଧି କାର୍ଯ୍ୟକ୍ଷମ ହୋଇନାହିଁ। ଏଥିପାଇଁ ଆବଶ୍ୟକ ଯନ୍ତ୍ରପାତି ଆସିଯାଇଥିବା ବେଳେ ରକ୍ତ ପୃଥକୀକରଣ ପାଇଁ ବିଶେଷଜ୍ଞ ଡାକ୍ତର ଓ ଟେକ୍ନିସିଆନ୍‌ଙ୍କ ଅଭାବରୁ ଏହି କେନ୍ଦ୍ର କାର୍ଯ୍ୟକ୍ଷମ ହୋଇପାରିନାହିଁ। ପ୍ଲାଜ୍‌ମା ଦାନ ପାଇଁ ଇଚ୍ଛୁକ ବ୍ୟକ୍ତିମାନେ କଟକ କିମ୍ବା ଭୁବନେଶ୍ୱର ଯାଇ ରକ୍ତଦାନ କରିବା ପରେ ସେଠାରୁ ପୃଥକୀକରଣ ହୋଇ ପ୍ଲାଜ୍‌ମା ବାଲେଶ୍ୱରକୁ ସଂରକ୍ଷଣ ପାଇଁ ଅଣାଯିବ। କ୍ରିୟାନୁଷ୍ଠାନ କମିଟି ସମେତ ଜିଲା ରକ୍ତଦାତା ସଂଘ ଓ ବହୁ ସାମାଜିକ ସଙ୍ଗଠନ ଏହି କେନ୍ଦ୍ର କାର୍ଯ୍ୟକ୍ଷମ ପାଇଁ ଦୀର୍ଘଦିନ ଧରି ଦାବି କରିଆସୁଛନ୍ତି। ତେଣୁ ବାଲେଶ୍ୱରରେ ଶୀଘ୍ର ରକ୍ତ ପୃଥକୀକରଣ କେନ୍ଦ୍ର କାର୍ଯ୍ୟକ୍ଷମ କରିବାକୁ ଦାବି କରାଯାଇଛି। ବୈଠକରେ କ୍ରିୟାନୁଷ୍ଠାନ କମିଟି ପୃଷ୍ଠପୋଷକ ସଦସ୍ୟ ପଦ୍ମଲୋଚନ ଦେ'ଙ୍କ ଦେହାନ୍ତରେ ଶ୍ରଦ୍ଧାଞ୍ଜଳି ପ୍ରଦାନ କରାଯାଇଛି। ସାଧାରଣ ସମ୍ପାଦକ ନିରଞ୍ଜନ ପରିଡ଼ାଙ୍କ ସମେତ ନିରଞ୍ଜନ ରାଉତ, ପ୍ରଫୁଲ୍ଲ କୁମାର ଦାସ, ଡା. ତାରାକାନ୍ତ ନନ୍ଦ, ସରସ୍ୱତୀ ପଣ୍ଡା, ପ୍ରଭାକର ସାହୁ, ଇଂ. ବନମାଳୀ ନାୟକ, ଗୌରାଙ୍ଗ ପାଣିଗ୍ରାହୀ, ପ୍ରସନ୍ନ ପାଢ଼ି, ସୁରେଶ ଦେ ପ୍ରମୁଖ ବୈଠକରେ ଉପସ୍ଥିତ ଥିଲେ।

## ଆତ୍ମନିର୍ଭରଶୀଳ ହେବାକୁ ପ୍ରବାସୀଙ୍କୁ ତାଲିମ

**ଚାନ୍ଦବାଲି,୨୩।୮(ଡି.ଏନ.ଏ.)**

ପ୍ରବାସୀଙ୍କ ପାଇଁ ଗରିବ କଲ୍ୟାଣ ରୋଜଗାର ଯୋଜନାରେ ତିନି ଦିନିଆ ଛତୁ ଉତ୍ପାଦନ ସମ୍ପର୍କୀୟ ଦକ୍ଷତା ବିକାଶ ଶିବିର ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକ ଅଣ୍ଡିଆପାଟ ଗାଁରେ ଅନୁଷ୍ଠିତ ହୋଇଛି। ନିଜ ଗାଁ ଛାଡି ଅନ୍ୟ ରାଜ୍ୟରେ କାମଧନ୍ଦା କରୁଥିବା ପ୍ରବାସୀମାନେ ଏଥିରେ ପ୍ରଶିକ୍ଷଣ ନେଇ ଆତ୍ମନିର୍ଭରଶୀଳ ହେବା ସହିତ ନିଜର ଆର୍ଥୀକ ଅଭିବୃଦ୍ଧି ଘଟାଇ ପାରିବେ। ଏହି ଦକ୍ଷତା ବିକାଶ ଶିବିରରେ ବିଭିନ୍ନ କାର୍ଯ୍ୟକ୍ରମରେ ବରିଷ୍ଠ କୃଷି ଅଧିକାରୀମାନେ ଯୋଗଦେଇ ଆଗ୍ରହୀ ପ୍ରବାସୀଙ୍କୁ ତାଲିମ ଦେବା ସହିତ ସେମାନଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତର ଦେଇଥିଲେ। ସ୍ଥାନୀୟ ଅଞ୍ଚଳର କେତେକ ଆଗ୍ରହୀ ପ୍ରବାସୀ ଏଠାରେ ତାଲିମ ଗ୍ରହଣ କରିଛନ୍ତି। କୃଷି ବିଜ୍ଞାନ କେନ୍ଦ୍ର ରାଣିତାଲର ପରିଚାଳନା ଓ ଗ୍ରାମସାଥୀ ସଂଘର କର୍ମକର୍ତା ଲକ୍ଷ୍ମୀଧର ବିଶ୍ୱାଳଙ୍କ ସହଯୋଗରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। କୃଷିବିଜ୍ଞାନକେନ୍ଦ୍ର ରାଣିତାଲର ମୁଖ୍ୟ ବୈଜ୍ଞାନିକ ଡ. ଅରବିନ୍ଦ ଦାସ, ବୈଜ୍ଞାନିକ ଡ. ରୋଜାଲିନ୍ ମହାନ୍ତି, ଚାନ୍ଦବାଲି ବ୍ଲକ ଅତିରିକ୍ତ ଉଦ୍ୟାନବିତ୍ ସାଧନା ପଣ୍ଡା, ରୋଗପୋକ ବିଶେଷଜ୍ଞ ମଣ୍ଟୁ ଚୌଧୁରୀ, ଗୟାଧର ବିଶ୍ୱାଳ ପ୍ରମୁଖ ପ୍ରଶିକ୍ଷାର୍ଥୀଙ୍କୁ ଚାଷ, ବ୍ୟାଙ୍କରୁ ସହାୟତା, ବଜାର ଭଳି ପ୍ରସଙ୍ଗ ସହିତ ଯୋଜନାର ବିଭିନ୍ନ ଦିଗ ସମ୍ପର୍କରେ ସୂଚନା ଦେଇଥିଲେ। ଜିତେନ୍ଦ୍ର ନାୟକ ନିରାକାର ମହାଳିକ, ମୁକ୍ତିକାନ୍ତ ମହାଳିକ, ହରିହର ନାଥ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ନଦୀବନ୍ଧ ମୁକୁଳା, କ୍ଷତି ସହୁଛନ୍ତି ଚାଷୀ

**ବାଲିଆପାଳ, ୨୩।୮(ସ୍ୱ.ପ୍ର.)**

ବାଲେଶ୍ୱର ଜିଲା ବାଲିଆପାଳ ବ୍ଲକରେ ବିଭିନ୍ନ ସ୍ଥାନରେ ସୁବର୍ଣ୍ଣରେଖା ନଦୀ ବନ୍ଧ ମୁକୁଳା ପଡିଥିବାରୁ ଅନାୟସରେ ବନ୍ୟାଜଳ ଚାଷ ଜମିରେ ମାଡ଼ି ଯାଉଛି। ଫଳରେ ଚାଷୀଙ୍କୁ ବହୁ କ୍ଷତି ସହିବାକୁ ପଡୁଛି। ଏଭଳି ଘଟଣା ଦେଖିବାକୁ ମିଳିଛି ବାଲିଆପାଳ ପଞ୍ଚାୟତର କୁଦମାନସିଂ ଗ୍ରାମ ଦେଇ ବୋହିଯାଇଥିବା ଏକ ଶାଖା ନଦୀରେ। ଏହି ନୀ ସୁବର୍ଣ୍ଣରେଖା ନଦୀରୁ କୁଦମାନସିଂ ଠାରୁ ବାହାରି ବିଷ୍ଣୁପୁର ପଞ୍ଚାୟତ ଅଭିମୁଖେ ପ୍ରବାହିତ ହେଉଛି। ଏହି ଶାଖା ନଦୀର ବନ୍ଧ କୁଦମାନସିଂ ପୋଲଠାରେ ପ୍ରାୟ ଏକଶହ ମିଟର ଲମ୍ବାର ନଦୀବନ୍ଧ ମୁକୁଳା



କୁଦମାନସିଂ ଗ୍ରାମ ନିକଟରେ ମୁକୁଳା ନଦୀବନ୍ଧ।

ହୋଇପଡ଼ିରହିଛି। ଫଳରେ ନଦୀରେ ଅଳ୍ପ ପରିମାଣରେ ବନ୍ୟା ଜଳ ଆସିଲେ ବାଲିଆପାଳ, ସୁଙ୍ଗମୂହଁ, ନୟାବାଲି, ବିଷ୍ଣୁପୁର, ଇକଡ଼ପାଲ୍, କୁହଲାଚଡ଼, ତାଳପଦା, ଜାମକୁଣ୍ଡା, ପଞ୍ଚରୁଖି, ଚରବସ୍ତକାଲରୁଇ, ଚୌଧୁରୀକୁଦ ଆଦି ତଳିଆ ଅଞ୍ଚଳରେ ଶହଶହ ଏକର ଚାଷଜମିରେ ଅନାୟସରେ ବନ୍ୟା ଜଳ ମାଡ଼ି ଯାଇ ଫସଲ ନଷ୍ଟ କରିଦେଉଛି। ଅପରପକ୍ଷରେ ରାଜଘାଟଠାରେ ସୁବର୍ଣ୍ଣରେଖା ନଦୀର ବିପଦସଙ୍କେତ ସ୍ତର ୧୦.୩୬ ମିଟର ରହିଛି। ବିପଦ ସଙ୍କେତ ତଳେ ଜଳ ପ୍ରବାହିତ ହେଲେ କେବଳ ବନ୍ୟା ଜଳ ଯାଇ ସମୁଦ୍ରରେ ମିଶିଯିବା କଥା। ମାତ୍ର ୯.୨୯ମିଟର ଜଳ ପ୍ରବାହରେ ବାଲିଆପାଳ ବ୍ଲକ ତଳିଆ ଅଞ୍ଚଳରେ ବନ୍ୟା ଜଳ ଜମିରେ ମାଡ଼ିଯାଉଛି। ଏ ନେଇ ଚାଷୀମାନେ ବାରମ୍ବାର ପ୍ରଶାସନକୁ ଜଣାଇଥିଲେ ମଧ୍ୟ ଆଜି ଯାଏ କିଛି ସୁଫଳ ମିଳୁ ନାହିଁ। ବିଭାଗୀୟ ଅଧିକାରୀମାନଙ୍କର ଉଦାସୀନତା ପାଇଁ କେବଳ ଚାଷୀମାନେ କ୍ଷତି ସହୁଛନ୍ତି।

## ଆଇଆଇପିଏମ୍ ନିର୍ଦ୍ଦେଶକ ଗିରଫ

ସିଜିଏସ୍‌ଟି ଦକ୍ଷିଣ ଦିଲ୍ଲୀ କମିଶନରେଟ ଇଣ୍ଡିଆନ ଇନଷ୍ଟିଚ୍ୟୁଟ ଅଫ୍ ପ୍ଲାନିଂ ଆଣ୍ଡ ମ୍ୟାନେଜମେଣ୍ଟ(ଆଇଆଇପିଏମ୍)ର ନିର୍ଦ୍ଦେଶକ ଅରିନ୍ଦମ ଚୌଧୁରୀଙ୍କୁ ଗିରଫ କରିଛି। ତାଙ୍କ ସହ କମ୍ପାନୀର ଅନ୍ୟ ଜଣେ ନିର୍ଦ୍ଦେଶକ ଏହି ମାମଲାରେ ଗିରଫ ହୋଇଛନ୍ତି। ଜିଏସ୍‌ଟି ପୂର୍ବରୁ ଲାଗୁ ହେଉଥିବା ସେବା ଟିକସ ରିଫଣ୍ଡ ମାମଲାରେ ବେଆଇନ ଭାବେ ସେ ଟାକ୍ସ ରିଫଣ୍ଡ କ୍ଲେମ୍ କରିଥିବା ଅଭିଯୋଗ ତାଙ୍କ ବିରୋଧରେ ରହିଛି।

## ସଂକ୍ଷେପରେ

### ବିଶ୍ୱ ବଜାରକୁ ସେବା ସମ୍ପ୍ରସାରିତ କରିବ ଏନ୍‌ପିସିଆଇ

**ନୂଆଦିଲ୍ଲୀ,୨୩।୮:** ନ୍ୟାଶନାଲ ପେମେଣ୍ଟସ କର୍ପୋରେଶନ ଅଫ୍ ଇଣ୍ଡିଆ(ଏନ୍‌ପିସିଆଇ) ବିଶ୍ୱ ବଜାରକୁ ଏହାର ସେବା ସମ୍ପ୍ରସାରଣ ନେଇ ଯୋଜନା କରିଛି। ଏହାକୁ ଧ୍ୟାନରେ ରଖି ଏହାର ସହଯୋଗୀ ସଂସ୍ଥା ଏନ୍‌ପିସିଆଇ ଇଣ୍ଟରନ୍ୟାଶନାଲ ପେମେଣ୍ଟସ ଲିମିଟେଡ(ଏନ୍ ଆଇପିଏଲ) ଶୁଭାରମ୍ଭ କରିଛି। ରିତେଶ ଶୁକ୍ଲା ଏନ୍‌ଆଇପିଏଲ୍ ନୂଆ ସିଇଓ ଭାବେ କାର୍ଯ୍ୟ କରିବେ। ବିଶ୍ୱ ବଜାରରେ ପେମେଣ୍ଟ ସିଷ୍ଟମକୁ ଉତ୍ସାହିତ କରିବା ଦିଗରେ ଏଭଳି ପଦକ୍ଷେପ ସହାୟକ ହେବ ବୋଲି କମ୍ପାନୀ ପକ୍ଷରୁ ସୂଚନା ରହିଛି। ଏହା ଦେଶଗୁଡ଼ିକୁ କୋକ୍ରିଟଏ ପେମେଣ୍ଟ ସିଷ୍ଟମ ପ୍ରଦାନରେ କାମ କରିବ ବୋଲି ଜଣାପଡିଛି। ଏନ୍‌ପିସିଆଇ ପକ୍ଷରୁ ପ୍ରଦାନ କରାଯାଉଥିବା ବିଭିନ୍ନ ଅଫରିଂ ସହ ରୁପେ ଏବଂ ୟୁପିଆଇକୁ ବିଶ୍ୱ ବଜାରକୁ ନେବାରେ ନୂଆ କାର୍ଯ୍ୟକ୍ରମ ବେଶ ଉଦ୍ଦିଷ୍ଟ ହେବ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି।

### ନୂଆ ପଲିସି ଆଣିଲା ଏସ୍‌ବିଆଇ ଜେନେରାଲ

**ନୂଆଦିଲ୍ଲୀ,୨୩।୮:** ଏସ୍‌ବିଆଇ ଜେନେରାଲ ପକ୍ଷରୁ ନୂଆ ପଲିସି ସଗୁନ୍ ଗିଫ୍ଟ ଆନ୍ ଇନ୍‌ସ୍ୟୁରାନ୍ସ ଶୁଭାରମ୍ଭ ଘୋଷଣା କରାଯାଇଛି। ବ୍ୟକ୍ତିଗତ ଦୁର୍ଘଟଣା ପଲିସି ଲାଗି ଏହା ବିଶେଷ ଭାବେ କାର୍ଯ୍ୟ କରିବ। ଏହି ଉତ୍ପାଦକୁ ଏସ୍‌ବିଆଇ ଜେନେରାଲ ଦ୍ୱାରା ଇନ୍‌ସ୍ୟୁରାନ୍ସ ରେଗୁଲେଟୋରି ଆଣ୍ଡ ଡେଭଲପ୍‌ମେଣ୍ଟ ଅଥରିଟି ସ୍ୟାଣ୍ଡବକ୍ସ ରେଗୁଲେଶନ ଦ୍ୱାରା ଫାଇଲ କରାଯାଇଛି। ସଗୁନ ବ୍ୟକ୍ତିଗତ ଦୁର୍ଘଟଣା ବୀମାକୁ କଭର କରିଥାଏ। ବୀମାକାରୀଙ୍କୁ ଦୁର୍ଘଟଣା ଜନୀତ ମୃତ୍ୟୁ ଆଂଶିକ ବା ସମ୍ପୂର୍ଣ୍ଣ ଭିନ୍ନକ୍ଷମତା ଓ ସ୍ଥାୟୀ ତଥା ସାମୟିକ ଭିନ୍ନକ୍ଷମତାରୁ ସମ୍ପୂର୍ଣ୍ଣ ଆର୍ଥିକ ସୁରକ୍ଷା ପ୍ରଦାନ କରିଥାଏ। ସଗୁନ୍ ଏସ୍‌ବିଆଇ ଜେନେରାଲର ଏକ ସ୍ୱତନ୍ତ୍ର ଅଫର ବୋଲି କମ୍ପାନୀର ଏମ୍‌ଡି ପି.ସି କାଣ୍ଡପାଲ୍ ସୂଚନା ଦେଇଛନ୍ତି।

# ୩୦ ହଜାର କୋଟି କ୍ଷତି ସହିବ ବିମାନ ଶିଳ୍ପ



■ ୬୦% ଖସିବ ବିମାନ ଯାତ୍ରୀ ଟ୍ରାଫିକ୍

■ ସହାୟତା ନ ମିଳିଲେ ସ୍ଥିତି ବିଗିଡିବ

**ମୁମ୍ବାଇ,୨୩।୮**

ଚଳିତ ବର୍ଷ ଘରୋଇ ବଜାରରେ ବିମାନଯାତ୍ରୀ ଟ୍ରାଫିକ୍ ୬୦% ଖସିବା ନେଇ ଆଶଙ୍କା କରାଯାଇଛି। ୨୦୧୯-୨୦ ଆର୍ଥିକ ବର୍ଷରେ ଦେଶ ମଧ୍ୟରେ ୧୩୭ ନିୟୁତ ଲୋକ ବିମାନ ଯାତ୍ରା କରିଥିଲେ। ଏହା ଚଳିତ ଆର୍ଥିକ ବର୍ଷରେ ୪୦ରୁ ୫୦ ନିୟୁତକୁ ଖସିପାରେ ବୋଲି ଗ୍ଲୋବାଲ କନସଲଟାନ୍ସି ଫାର୍ମ ସେଣ୍ଟର ଫର ଏସିଆ ପାସିଫିକ ଆଭିଏଶନ(କାପା) ପକ୍ଷରୁ ଏକ ରିପୋର୍ଟରେ ଉଲ୍ଲେଖ କରାଯାଇଛି।

ଆର୍ଥିକବର୍ଷ ୨୦୨୦-୨୧ରେ ବିମାନ କମ୍ପାନୀଗୁଡ଼ିକ ପ୍ରାୟ ୩୦ ହଜାର କୋଟି କ୍ଷତି ସହିବେ ବୋଲି ରିପୋର୍ଟରେ ଉଲ୍ଲେଖ କରାଯାଇଛି। ବର୍ତ୍ତମାନ ରାଜ୍ୟଗୁଡ଼ିକ ସ୍ତରରେ କରୋନା ସଂକ୍ରମଣ ନିୟନ୍ତ୍ରଣକୁ ଆସିପାରିନାହିଁ। ଏହାକୁ ଧ୍ୟାନରେ ରଖି ରାଜ୍ୟଗୁଡ଼ିକ ସ୍ତରରେ ଜାରି ହୋଇଥିବା କଟକଣା ସମ୍ପୂର୍ଣ୍ଣ ଭାବେ ଉଠିପାରିନାହିଁ। ମାମଲା ବଢୁଥିବା ଅଞ୍ଚଳଗୁଡ଼ିକରେ ପୁଣି ଥରେ ଲକ୍‌ଡାଉନ ଜାରି ହେଉଛି। ଏହା ଚାହିଦା ଉପରେ ଗଭୀର ଭାବେ ପ୍ରଭାବ ପକାଉଛି ଏଥିରେ ଉଲ୍ଲେଖ କରାଯାଇଛି।

ସେହିଭଳି ହୋଟେଲ ଶିଳ୍ପ ପୂର୍ଣ୍ଣ କ୍ଷମତା ସହ ଚାଲିପାରୁ ନ ଥିବା ବେଳେ ପରିବହନ ଶିଳ୍ପରେ ବିଭିନ୍ନ ସମସ୍ୟା ଦେଖାଯାଉଛି। ଏହା ମଧ୍ୟ ଚାହିଦା ଉପରେ ଗଭୀର ପ୍ରଭାବ ପକାଇଛି। ଏଭଳି ସ୍ଥିତିରେ ବିମାନ ଚଳାଚଳ ଶିଳ୍ପକୁ ସହାୟତା ଯୋଗାଣ ଦିଗରେ ସରକାର କିଛି ପଦକ୍ଷେପ ନେବାର ଆବଶ୍ୟକତା ରହିଛି ବୋଲି କାପା ଏହାର ରିପୋର୍ଟରେ ପରାମର୍ଶ ଦେଇଛି। ଶିଳ୍ପକୁ ପୁଣି ଥରେ ଟ୍ରାକ୍‌କୁ ଆଣିବା ଲାଗି ସରକାର ଏଭଳି ପଦକ୍ଷେପ ନେବାକୁ ଏହା ମତ ରଖିଛି। ଏଭଳି ସରକାର ବିମାନ ଶିଳ୍ପକୁ ସହାୟତା ଯୋଗାଣ କରିବା ସହ ବିଭିନ୍ନ ପ୍ୟାକେଜ ଘୋଷଣା କରିପାରିବେ। କୋଭିଡ୍ ସମୟରେ ଆମେରିକାର ବିମାନ କମ୍ପାନୀଗୁଡ଼ିକ ବିଭିନ୍ନ ସମସ୍ୟା ସାମ୍ନା କରିଥିଲେ। ସେଠାକାର ସରକାର କମ୍ପାନୀଗୁଡ଼ିକୁ ସହାୟତା କରିବାକୁ ଆଗେଇ ଆସିବା ସହ ପ୍ୟାକେଜ ଘୋଷଣା କରିଛନ୍ତି। ଏହା ବିମାନ କମ୍ପାନୀଗୁଡ଼ିକ ଲାଗି ଲାଭକରୀ ହୋଇଛି। ସୂଚନାଯୋଗ୍ୟ,ଭାରତୀୟ ବିମାନ ଶିଳ୍ପ କୋଭିଡ୍ ଦ୍ୱାରା ବିଭିନ୍ନ ସମସ୍ୟା ସାମ୍ନା କରୁଛି। ଏଥି ଯୋଗୁ କମ୍ପାନୀଗୁଡ଼ିକରେ ଦରମା କାଟ ଏବଂ ବଡ ଧରଣର ଛଟେଇ ଭଳି ଘଟଣା ଦେଖିବାକୁ ମିଳିଛି।

# ବିନା ଟିକେଟ ଯାତ୍ରାରୁ ରେଲୱେକୁ ୧୯ଶହ କୋଟି



**ନୂଆଦିଲ୍ଲୀ,୨୩।୮**

ଭାରତୀୟ ରେଳ ଗତ ୪ବର୍ଷ (୨୦୧୬-୨୦) ମଧ୍ୟରେ ପ୍ରାୟ ୧୯୩୮.୭୧ କୋଟି ଟଙ୍କାର ରାଜସ୍ୱ ଜରିମାନା ଆକାରରେ ଆଦାୟ କରିଥିବା ଏକ ଆର୍‌ଟିଆଇ ରିପୋର୍ଟରୁ ସୂଚନା ମିଳିଛି। ମଧ୍ୟପ୍ରଦେଶର ସୂଚନା ଅଧିକାର କର୍ମୀ ଚନ୍ଦ୍ର ଶେଖର ଗୌର ଆର୍‌ଟିଆଇରେ ରେଳବାଇଠାରୁ ଏ ସଂକ୍ରାନ୍ତରେ ରିପୋର୍ଟ ମାଗିଥିଲେ। ଏହି ତଥ୍ୟ ପ୍ରଦାନ କରି ରେଲୱେ ପକ୍ଷରୁ କୁହାଯାଇଛି ଯେ, ୨୦୧୬-୧୭ରେ ୪୦୫.୩୦ କୋଟି ଟଙ୍କା, ୨୦୧୭-୧୮ରେ ୪୪୧.୬୨ କୋଟି ଟଙ୍କା, ୨୦୧୮-୧୯ରେ ୫୩୦.୦୬ କୋଟି ଟଙ୍କା ଏବଂ ୨୦୧୯-୨୦ରେ ୫୬୧.୭୩ କୋଟି ଟଙ୍କା ଜରିମାନା ଆଦାୟ କରାଯାଇଛି। ପ୍ରତିବର୍ଷ ଏହି ବାବଦକୁ ଆଦାୟ ହେଉଥିବା ଅର୍ଥର ପରିମାଣ ବୃଦ୍ଧି ପାଉଛି। ୨୦୧୮-୧୯ ବର୍ଷ ଠାରୁ ୨୦୧୯-୨୦ରେ ଜରିମାନା ପରିମାଣ ପ୍ରାୟ ୬% ବୃଦ୍ଧି ଘଟିଛି। ୨୦୧୯-୨୦ରେ ପ୍ରାୟ ୧.୧୦ କୋଟି ଯାତ୍ରୀ ବିନା ଟିକେଟରେ ଯାତ୍ରା କରି ଧରାପଡିଥିବା ରିପୋର୍ଟରେ ଦର୍ଶାଯାଇଛି।

# ଭେଞ୍ଚର କାଟାଲିଷ୍ଟସ୍ ସହ ଯୋଡିହେଲେ ରିତେଶ



**ନୂଆଦିଲ୍ଲୀ,୨୩।୮**

ଦେଶର ଛୋଟଛୋଟ ସହରଗୁଡ଼ିକରେ ଗଢି ଉଠୁଥିବା ଷ୍ଟାର୍ଟଅପ୍‌ଗୁଡ଼ିକୁ ମାର୍ଗଦର୍ଶନ କରାଇବା ଲାଗି ଇନ୍‌କ୍ୟୁବେଟର ସଂସ୍ଥା ଭେଞ୍ଚର କାଟାଲିଷ୍ଟସ୍ ସହ ଓୟୋ ହୋଟେଲ୍ସର ପ୍ରତିଷ୍ଠାତା ରିତେଶ ଅଗ୍ରୱାଲ ଯୋଡି ହୋଇଛନ୍ତି। ଏହି ସଂସ୍ଥା ପାଇଁ ରିତେଶ ପରାମର୍ଶଦାତା ଭୂମିକା ନିର୍ବାହ କରିବେ। ତାଙ୍କ ସହ ଡକ୍ଟର ଅପୂର୍ବ ଶର୍ମା ମଧ୍ୟ ଯୋଡି ହୋଇଛନ୍ତି। ସେ ରିତେଶଙ୍କ ଉଦ୍ୟମକୁ ସମର୍ଥନ କରିଥିଲେ। ରିତେଶ ୨୦୧୨ରେ ଓରାଲ ଷ୍ଟେଜ ଏବଂ ୨୦୧୩ରେ ଓୟୋ ସ୍ଥାପନ କରିଥିଲେ। ଓଡ଼ିଶାର ରାୟଗଡାରୁ ନିଜର ଯାତ୍ରା ଆରମ୍ଭ କରିଥିବା ରିତେଶ ଷ୍ଟାର୍ଟଅପ୍ କ୍ଷେତ୍ରରେ ପରିଚିତ ଚେହେରା। ଷ୍ଟାର୍ଟଅପ୍‌ଗୁଡ଼ିକୁ ପରାମର୍ଶ ଆବଶ୍ୟକତାକୁ ସେ ଉପଲବ୍ଧି କରିଛନ୍ତି। ଏହି ପରିପ୍ରେକ୍ଷୀରେ ସେ କହିଛନ୍ତି ଯେ, ଓୟୋ ଆରମ୍ଭ ସମୟରେ ଷ୍ଟାର୍ଟଅପ୍ ପରିବେଶ ବିକଶିତ ହୋଇ ନ ଥିଲା। ଡକ୍ଟର ଅପୂର୍ବ ଶର୍ମା ଏବଂ ବେଜଲ ସୋମାଲଙ୍କ ଭଳି ମେଣ୍ଟରଙ୍କ ପରାମର୍ଶ ମୋ ଜୀବନରେ ବେଶ ଉପାଦେୟ ହୋଇଛି। ନୂଆ ଉଦ୍ୟୋଗୀଙ୍କୁ ପରାମର୍ଶ ପ୍ରଦାନ କ୍ଷେତ୍ରରେ ନିଜର ଯୋଗଦାନ ଦେବାକୁ ପ୍ରସ୍ତୁତ ରହିଛି।

### ବନ୍ଧନ ବ୍ୟାଙ୍କକୁ ୫ ବର୍ଷ

**ନୂଆଦିଲ୍ଲୀ,୨୩।୮:** ଅଗଷ୍ଟ ୨୩ରେ ବନ୍ଧନ ବ୍ୟାଙ୍କ ୫ ବର୍ଷ ସଫଳ ଭାବେ ପୂରଣ କରିବାକୁ ସକ୍ଷମ ହୋଇଛି। ୨୦୧୫ ଜୁନରେ ଏହାକୁ ରିଜର୍ଭ ବ୍ୟାଙ୍କ ପକ୍ଷରୁ ଚୂଡାନ୍ତ ମଞ୍ଜୁରୀ ପ୍ରଦାନ କରାଯାଇଥିଲା। ଗ୍ରାମାଞ୍ଚଳ ଏବଂ ଅର୍ଦ୍ଧସହରାଞ୍ଚଳରେ ସେବା ଯୋଗାଣକୁ ବ୍ୟାଙ୍କ ସର୍ବଦା ଧ୍ୟାନ କେନ୍ଦ୍ରିତ କରିଛି। ଠିକ୍ ସମୟରେ ଲୋକଙ୍କ ନିକଟରେ ଋଣ ପହଞ୍ଚାଇବା, ଦେଶର ଆର୍ଥିକ ଦୁର୍ବଳ ବର୍ଗର ଲୋକଙ୍କ ନିକଟରେ ସେବା ପହଞ୍ଚାଇବା ଲାଗି ଏହା ଗତ ୨ ଦଶନ୍ଧି ଧରି ନିଜର ଯୋଗଦାନ ରଖି ଆସିଛି। ବ୍ୟାଙ୍କିଙ୍ଗ୍ ଲାଇସେନ୍ସ ମିଳିବା ପରେ ଏହା ରିଟେଲ ବ୍ୟାଙ୍କିଙ୍ଗ୍ ଫ୍ରାଞ୍ଚାଇଜିରେ ନିଜକୁ ରୂପାନ୍ତରିତ କରିଛି। ଦ୍ରୁତ ହାରରେ ଖୁଚୁରା ଜମା ସଂଗ୍ରହ, ଗ୍ରାହକଙ୍କ ମଧ୍ୟରେ ଆର୍ଥିକ ସଞ୍ଚୟ ଅଭ୍ୟାସ ସୃଷ୍ଟି ଏବଂ ସୁଧ ହାର ଉପରେ ବ୍ୟାଙ୍କ କାମ କରି ଆସୁଥିବା ସିଇଓ ଚନ୍ଦ୍ର ଶେଖର ଘୋଷ ସୂଚନା ଦେଇଛନ୍ତି। ୪,୫୯୫ଟି ବ୍ୟାଙ୍କିଙ୍ଗ ଆଉଟ୍‌ଲେଟ ଏବଂ ୪୮୫ ଏଟିଏମ୍ ଦ୍ୱାରା ଏହା ସେବା ଯୋଗାଣ କରୁଛି।

# ଟୟୋଟା ଅର୍ବାନ କ୍ରୁଇଜରର ବୁକିଂ




**ନୂଆଦିଲ୍ଲୀ,୨୩।୮**

ଟୟୋଟା କିର୍ଲୋସ୍କାର ମୋଟର୍ସ ପକ୍ଷରୁ ଏହାର ନୂଆ ମଡେଲ ଅର୍ବାନ କ୍ରୁଇଜରର ବୁକିଂ ଆରମ୍ଭ କରାଯାଇଛି। ଏହା କମ୍ପାନୀର ବହୁ ପ୍ରତୀକ୍ଷିତ କମ୍ପାକ୍ଟ ଏସ୍‌ୟୁଭି। ଯୁବବର୍ଗଙ୍କ ଚାହିଦାକୁ ଧ୍ୟାନରେ ରଖି ଏହି ମଡେଲଟିକୁ ପ୍ରସ୍ତୁତ କରାଯାଇଛି। ଏଥିରେ ୪ ସିଲିଣ୍ଡର ବିଶିଷ୍ଟ ଶକ୍ତିଶାଳୀ କେସିରିଜ ୧.୫ ଲିଟର ଇଞ୍ଜିନ ରହିଛି। ଏହା ଉଭୟ ଅଟୋମେଟିକ ଏବଂ ମାନୁଆଲ ଟ୍ରାନ୍ସମିଶନ ବର୍ଗରେ ଆସୁଛି। ଅଟୋମେଟିକ ଟ୍ରାନ୍ସମିଶନରେ ଲିଥିୟମ ଆୟନ ବ୍ୟାଟେରି ସହ ଫୁଏଲ ଏଫିସିଏନ୍ସି ଲାଗି ଆଇଏସ୍‌ଜି ବୈଶିଷ୍ଟ୍ୟ ଏଥିରେ ରହିଛି। ଡିଷ୍ଟିଂକ୍ଟ ଆଣ୍ଡ ଡାଇନାମିକ ବୋଲ୍ଡ ଗ୍ରୀଲ ଏଥିରେ ରହିଛି। ସେହିଭଳି ଟ୍ରାପିଜୋଡିଆଲ ଫଗ୍ ଲ୍ୟାମ୍ପ, ଡୁଆଲ ଟୋନ ଡାର୍କ ବ୍ରାଉନ ପ୍ରିମିୟମ ଇଣ୍ଟେରିୟର, ଡୁଆଲ ଚାମ୍ବର ଏଲ୍‌ଇଡି ପ୍ରୋଜେକ୍ଟର ହେଡ୍ ଲ୍ୟାମ୍ପ, ଡୁଆଲ ଫଙ୍କସନ ଏଲ୍‌ଇଡି ଡିଆର୍‌ଏଲ୍ କମ୍ ଇଣ୍ଡିକେଟର, ସ୍ମାର୍ଟ ପ୍ଲେକାଷ୍ଟ ଟଚ୍ ସ୍କ୍ରିନ ଅଡିଓ, ଆଣ୍ଡ୍ରଏଡ ଅଟୋ, ଆପଲ୍ କାର୍ ପ୍ଲେ, ସ୍ମାର୍ଟଫୋନ ଭିତ୍ତିକ ନାଭିଗେଶନ, ପୁଶ୍ ଷ୍ଟାର୍ଟ, ଷ୍ଟପ୍ ବଟନ ଏବଂ ଅଟୋଏସି ଭଳି ବୈଶିଷ୍ଟ୍ୟ ଏଥିରେ ରହିଛି। ୧୧ ହଜାର ଟଙ୍କା ପଇଠ କରି ଗ୍ରାହକ ଏହାର ବୁକିଂ କରିପାରିବେ। ଏହାବାଦ ଟୟୋଟା ଡିଲରଶିପ ସହ ଟୟୋଟା ଭାରତ ଡଟକମ୍‌ରେ ମଧ୍ୟ ଗ୍ରାହକ ଅନ୍‌ଲାଇନରେ ଏହାର ବୁକିଂ କରିବା ସୁବିଧା ପାଇବେ। ପାର୍ବଣ ଋତୁରେ ନୂଆ ମଡେଲ ବଜାର ପ୍ରବେଶ କରାଇ ଅତ୍ୟନ୍ତ ଖୁସି ବୋଲି ସେଲ୍‌ସ ଆଣ୍ଡ ସର୍ଭିସ ବିଭାଗ ବରିଷ୍ଠ ଉପସଭାପତି ନବୀନ ସୋନି ସୂଚନା ଦେଇଛନ୍ତି।

## ଖେଳ ଖବର

### ଧ୍ୟାନଚାନ୍ଦଙ୍କୁ ଭାରତରତ୍ନ ଦାବି

**ନୂଆଦିଲ୍ଲୀ,୨୩।୮(ପି.ଟି.):** କିମ୍ବଦନ୍ତୀ ହକି ଖେଳାଳି ମେଜର ଧ୍ୟାନଚାନ୍ଦଙ୍କ ପାଇଁ ଏକାଠି ହୋଇଛନ୍ତି କେତେଜଣ ପୂର୍ବତନ ଓ ଏବେକାର ହକି ଖେଳାଳି। ଧ୍ୟାନଚାନ୍ଦଙ୍କ ପାଇଁ ଭାରତର ସର୍ବୋଚ୍ଚ ନାଗରିକ ସମ୍ମାନ ଭାରତରତ୍ନ ଦାବି କରିଛନ୍ତି ଏହି ଖେଳାଳିମାନେ। ଆସନ୍ତା ସପ୍ତାହରେ ଧ୍ୟାନଚାନ୍ଦଙ୍କର ୧୧୫ତମ ଜନ୍ମଦିବସ ପାଳନ କରାଯିବ। ଫଳରେ ଏହି ଦାବିର ପ୍ରାସଙ୍ଗିକତା ରହୁଛି। ଧ୍ୟାନଚାନ୍ଦଙ୍କ ଜନ୍ମଦିନ ଅଗଷ୍ଟ ୨୯ରେ ଜାତୀୟ ସ୍ପୋର୍ଟ୍ସ ଦିବସ ପାଳନ କରାଯାଇଥାଏ। ଏହି ଦିନ ପାଖେଇ ଆସୁଥିବାରୁ ଧ୍ୟାନଚାନ୍ଦଙ୍କ ପାଇଁ ଭାରତରତ୍ନ ଦାବି କରିଛନ୍ତି ଗୁରବକ୍ସ ସିଂ, ହରବିନ୍ଦର ସିଂ, ଅଶୋକ କୁମାର ଓ ଏବେକାର ଖେଳାଳି ଯୁବରାଜ ବାଲ୍ମିକୀ। ଶନିବାର ଏମାନେ ଏକ ଭର୍ଚୁଆଲ ବୈଠକରେ ଅଂଶଗ୍ରହଣ କରିଥିଲେ ଏବଂ ଧ୍ୟାନଚାନ୍ଦଙ୍କ ଜୀବନ ଓ କ୍ୟାରିୟର ନେଇ ଆଲୋଚନା କରିଥିଲେ। ଏହି ଆଲୋଚନା ପୂର୍ବତନ କ୍ରିକେଟର ସୌରଭ ଗାଙ୍ଗୁଲିଙ୍କ ଦ୍ୱାରା ଲଞ୍ଚ୍ କରାଯାଇଥିବା ଡିଜିଟାଲ କ୍ୟାମ୍ପେନର ଅଂଶବିଶେଷ। ଧ୍ୟାନଚାନ୍ଦଙ୍କ ପାଇଁ ଓଡ଼ିଆ ଅଭିନେତା ଓ ରାଜେଲ ହ୍ୱାଇଟ୍ ମଧ୍ୟ ଭାରତରତ୍ନ ଦାବି କରିଛନ୍ତି।

# ଚେସ୍ ଅଲିମ୍ପିଆଡ କ୍ୱାର୍ଟରରେ ଭାରତ



ଦିବ୍ୟା ଦେଶମୁଖ



ଆର. ପ୍ରଜ୍ଞାନାନନ୍ଦ

**ଚେନ୍ନାଇ, ୨୩।୮(ପି.ଟି.)**

ଆର. ପ୍ରଜ୍ଞାନାନନ୍ଦ ଏବଂ ଦିବ୍ୟା ଦେଶମୁଖଙ୍କ ଆକର୍ଷଣୀୟ ପ୍ରଦର୍ଶନ ବଳରେ ଭାରତ ୯ମ ତଥା ଅନ୍ତିମ ରାଉଣ୍ଡରେ ଶକ୍ତିଶାଳୀ ଚାଇନାକୁ ୪-୨ ବ୍ୟବଧାନରେ ପରାସ୍ତ କରି ଫିଡେ ଅନଲାଇନ୍ ଚେସ୍ ଅଲମ୍ପିଆଡର ପୁଲ୍ 'ଏ' ଡିଭିଜନର କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ଚଳିତ ମାସ ୨୮ ତାରିଖରେ ଭାରତ କ୍ୱାର୍ଟର ଫାଇନାଲ ଖେଳିବ। ୪ଟି ଡ୍ର ଏବଂ ୨୦ ବର୍ଷରୁ କମ୍ ବୋର୍ଡରେ ୨ଟି ବିଜୟ ଭାରତକୁ ବିଜୟୀ କରାଇଥିଲା। ୧୫ ବର୍ଷୀୟ ପ୍ରଜ୍ଞାନାନନ୍ଦ ପ୍ରତିପକ୍ଷ ଲିଉ ୟାନ୍‌ଙ୍କୁ ଏବଂ ପୂର୍ବତନ ବିଶ୍ୱ ୧୦ ଓ ୧୨ ବର୍ଷରୁ କମ୍ ଚାମ୍ପିୟନ ଦିବ୍ୟା ଦେଶମୁଖ ଚାଇନାର ଜିନେର ଝୁଙ୍କୁ ହରାଇ ଦେଇଥିଲେ। ଭାରତୀୟ ଦଳର ଅଧିନାୟକ ଭିଦିତ ଗୁଜରାଟୀ ବିଶ୍ୱର ୩ ନମ୍ବର ଖେଳାଳି ଡିଙ୍ଗ ଲିରେନଙ୍କ ସହ ପଏଣ୍ଟ ଭାଗ କରିଥିବାବେଳେ ପି. ହରିକ୍ରିଷ୍ଣା ଓ ୟାଙ୍ଗୟି ୟୁ ମ୍ୟାଚ ଡ୍ର ରହିଥିଲା। ଭାରତୀୟ ମହିଳା ଚେସ୍ ତାରକା କୋନେରୁ ହମ୍ପି ବିଶ୍ୱର ନମ୍ବର ୱାନ ୟିଫାନ ହୋଉଙ୍କ ବିପକ୍ଷରେ ଏବଂ ଡି. ହାରିକା ସାମ୍ପ୍ରତିକ ବିଶ୍ୱ ଚାମ୍ପିୟନ ୱେନଜୁନ ଜୁଙ୍କ ବିପକ୍ଷ ମ୍ୟାଚକୁ ସାହସିକତାର ସହ ଡ୍ର ରଖିଥିଲେ। ପୁଲ୍'ଏ'ରେ ୧୭ ପଏଣ୍ଟ(୩୯.୫ ବୋର୍ଡ ପଏଣ୍ଟ) ସହିତ ଭାରତ ଶୀର୍ଷସ୍ଥାନ ଅଧିକାର କରିବା ସହ ପ୍ରଥମ ଦଳଭାବେ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। "ଚାଇନା ବିପକ୍ଷ ବିଜୟରେ ଆମେ ଅତ୍ୟନ୍ତ ଖୁସି। ଏଥିପାଇଁ ଦୁଇ ଯୁବ ଖେଳାଳି ପ୍ରଜ୍ଞାନାନନ୍ଦ ଓ ଦିବ୍ୟାଙ୍କୁ ପ୍ରଶଂସା କରିବାକୁ ପଡ଼ିବ" ବୋଲି ଭାରତର ୨ ନମ୍ବର ଖେଳାଳି ହରିକ୍ରିଷ୍ଣା କହିଛନ୍ତି। ନିୟମ ଅନୁସାରେ ପ୍ରତି ପୁଲ୍‌ର ଶୀର୍ଷ ଦଳ ସିଧାସଳଖ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିବ। ୪ଟି ପଲ୍‌ର ଦ୍ୱିତୀୟ ଏବଂ ତୃତୀୟ ସ୍ଥାନୀୟ ଦଳ ନକ୍‌ଆଉଟରେ ପ୍ରବେଶ କରିବେ। ପୂର୍ବରୁ ୮ମ ରାଉଣ୍ଡରେ ଭାରତ ୪.୫-୧.୫ ପଏଣ୍ଟରେ ଜର୍ମାନୀକୁ ଏବଂ ୭ମ ରାଉଣ୍ଡରେ ୪-୨ରେ ଜର୍ଜିଆକୁ ପରାସ୍ତ କରିଥିଲା। ୯ ରାଉଣ୍ଡ ଶେଷରେ ପୁଲ୍'ଏ'ରେ ଭାରତ ୧୭, ଚାଇନା ୧୬, ଜର୍ମାନୀ ୧୧, ଇରାନ ୯, ମଙ୍ଗୋଲିଆ ୮, ଜର୍ଜିଆ ୮, ଇଣ୍ଡୋନେସିଆ ୮, ଉଜବେକିସ୍ତାନ ୭, ଭିଏତନାମ ୬ ପଏଣ୍ଟ ପାଇଥିବାବେଳେ ଜିମ୍ବାୱେ କୌଣସି ପଏଣ୍ଟ ପାଇନାହିଁ।

**ପ୍ରଜ୍ଞାନାନନ୍ଦ, ଦିବ୍ୟାଙ୍କ ଆକର୍ଷଣୀୟ ପ୍ରଦର୍ଶନ**

# କୋହଲିଙ୍କ ଟେଷ୍ଟ ଦଳ ସର୍ବକାଳୀନ ଶ୍ରେଷ୍ଠ: ଗାଭାସ୍କର

**ନୂଆଦିଲ୍ଲୀ,୨୩।୮(ପି.ଟି.)**

ବିରାଟ କୋହଲିଙ୍କ ନେତୃତ୍ୱାଧୀନ ଟେଷ୍ଟ ଦଳ ସର୍ବକାଳୀନ ଶ୍ରେଷ୍ଠ ବୋଲି କିମ୍ବଦନ୍ତୀ ବ୍ୟାଟ୍ସମ୍ୟାନ ସୁନୀଲ ଗାଭାସ୍କର କହିଛନ୍ତି। ଉଚ୍ଚକୋଟୀର ବୋଲିଂ ବିଭାଗ ଦଳକୁ ଆହୁରି ଅଧିକ ସନ୍ତୁଳିତ କରିଛି। କୋହଲିଙ୍କ ନେତୃତ୍ୱରେ ଭାରତ ଅନ୍ତର୍ଜାତୀୟ କ୍ରିକେଟ କାଉନସିଲ (ଆଇସିସି) ଟେଷ୍ଟ ର୍‍ୟାଙ୍କିଙ୍ଗ୍‌ର ଶୀର୍ଷସ୍ଥାନ ଅଧିକାର କରିଛି। ଏଥି ସହିତ ଭାରତ ବିଶ୍ୱ ଟେଷ୍ଟେ ଚାମ୍ପିୟନଶିପ୍ ପଏଣ୍ଟ ତାଲିକାରେ ମଧ୍ୟ ଶୀର୍ଷ ସ୍ଥାନ ବଜାୟ ରଖିଛି। ୨୦୧୮-୧୯ରେ ଅଷ୍ଟ୍ରେଲିଆରେ ଭାରତର ସିରିଜ ବିଜୟ ସବୁଠାରୁ ଉଲ୍ଲେଖନୀୟ ଘଟଣା ସାବ୍ୟସ୍ତ ହୋଇଛି।

ସନ୍ତୁଳନ, କୌଶଳ, ସ୍ୱଭାବ ଦୃଷ୍ଟିକୋଣରୁ ବିଚାର କଲେ ଏହି ଦଳ ସର୍ବକାଳୀନ ଶ୍ରେଷ୍ଠ ଟେଷ୍ଟ ଦଳ। ଏହାଠାରୁ ଏକ ଉନ୍ନତ ଭାରତୀୟ ଦଳ ଗଠନ ସମ୍ଭବ ହେବ ବୋଲି ଚିନ୍ତା କରିପାରୁନାହିଁ ବୋଲି ଇଣ୍ଡିଆ ଟୁଡେ ଇ- କନକ୍ଲେଭ ଇନ୍ସପିରେଶନ ସିରିଜ୍‌ରେ ଗାଭାସ୍କର କହିଛନ୍ତି। ବୋଲିଂରେ ବିବିଧତା ଦଳକୁ ସ୍ୱତନ୍ତ୍ର କରି ଗଢି ତୋଳିଛି। ଭାରତ ଏବେ ବିଶ୍ୱର ଯେକୌଣସି ସ୍ଥାନ, ପିଚ୍ ଓ ପରିସ୍ଥିତିରେ ମ୍ୟାଚ ଜିତିବାକୁ ସକ୍ଷମ। ଯେକୌଣସି ପ୍ରକାର ଉଇକେଟରେ ଭାରତ ବିଜୟୀ ହୋଇପାରିବ। ତେଣୁ କୌଣସି ସ୍ଥିତିର ସହାୟତା ଜରୁରୀ ନାହିଁ। ତେବେ ବ୍ୟାଟିଂ ଦୃଷ୍ଟିକୋଣରୁ ଦେଖିବାକୁ ଗଲେ ୧୯୮୦ର ଦଳଗୁଡ଼ିକ ସହ ଏହି ଦଳର ସମାନତା ରହିଛି। ତେବେ ସେତେବେଳେ କୋହଲିଙ୍କ ଦଳ ଭଳି ବୋଲର ନ ଥିଲେ ବୋଲି ଗାଭାସ୍କର କହିଛନ୍ତି। ଭାରତୀୟ ଦଳରେ ଏବେ ବିଶ୍ୱସ୍ତରୀୟ ବୋଲର ରହିଛନ୍ତି। ବୋଲିଂରେ ମଧ୍ୟ ଭିନ୍ନତା ରହିଛି। ଟେଷ୍ଟ ଫର୍ମାଟ୍‌ରେ ଏକ ପ୍ରବାଦ ରହିଛି ଯେ, ଯଦି ୨୦ ଉଇକେଟ ଅକ୍ତିଆର ନ କରିବ ତା'ହେଲେ ମ୍ୟାଚ୍ ଜିତିବା ସମ୍ଭବ ନୁହେଁ।

### ପୂର୍ବତନ କ୍ରିକେଟର ସରଦେନ୍ଦୁଙ୍କ ପରଲୋକ

**ଭୁବନେଶ୍ୱର, ୨୩।୮(ସ୍ପୋର୍ଟ୍ସ ବ୍ୟୁରୋ):** ଓଡ଼ିଶାର ପୂର୍ବତନ କ୍ରିକେଟର ସରଦେନ୍ଦୁ ଶେଖର ମିଶ୍ରଙ୍କର ଶନିବାର ପରଲୋକ ଘଟିଛି। ମୃତ୍ୟୁ ବେଳକୁ ତାଙ୍କୁ ୭୮ ବର୍ଷ ହୋଇଥିଲା। ସେ ୧୯୬୦-୬୧ରେ ବିହାର ବିପକ୍ଷରେ ଜାମସେଦପୁରଠାରେ ଜୀବନର ପ୍ରଥମ ରଣଜୀ ଟ୍ରଫି ମ୍ୟାଚ ଖେଳିଥିଲେ। ୧୯୭୩ ପର୍ଯ୍ୟନ୍ତ ସେ କ୍ରିକେଟରେ ସକ୍ରିୟ ଥିଲେ। କ୍ୟାରିୟରରେ ସେ ମୋଟ ୧୫ଟି ମ୍ୟାଚ ଖେଳିଛନ୍ତି। ଜଣେ ଦକ୍ଷ ଉଇକେଟ କିପର ଭାବରେ ପରିଚିତ ଥିବା ସରଦେନ୍ଦୁ ପାକିସ୍ତାନ ବିପକ୍ଷ ଏକ ମ୍ୟାଚରେ ଇଷ୍ଟଜୋନ୍ ପକ୍ଷରୁ ପ୍ରତିନିଧିତ୍ୱ କରିଥିଲେ। ତାଙ୍କ ମୃତ୍ୟୁରେ ଓଡ଼ିଶା କ୍ରିକେଟ ଆସୋସିଏଶନ ପକ୍ଷରୁ ଗଭୀର ଶୋକ ପ୍ରକାଶ କରାଯାଇଛି।

# ଦୁବାଇରେ ଦିଲ୍ଲୀ, ହାଇଦ୍ରାବାଦ ଦଳ



ଦୁବାଇ ଯାତ୍ରା ଅବସରରେ ଦିଲ୍ଲୀ କ୍ୟାପିଟାଲ୍ସ ଖେଳାଳିମାନେ।

**ଦୁବାଇ, ୨୩।୮ (ପି.ଟି.):** ଆଇପିଏଲ୍ ଖେଳିବା ପାଇଁ ଶେଷ ଦଳ ଭାବେ ଦିଲ୍ଲୀ କ୍ୟାପିଟାଲ୍ସ ଓ ସନରାଇଜର୍ସ ହାଇଦ୍ରାବାଦ ଦୁବାଇରେ ପହଞ୍ଚିଛନ୍ତି। ଦୁଇ ଦଳର ସମସ୍ତ ସଦସ୍ୟ ମାସ୍କ ଓ ଫେସ୍ ଶିଲ୍ଡ ପରିଧାନ କରିଥିଲେ। କୋଭିଡ୍-୧୯ ଯୋଗୁ ବିଶ୍ୱର ସବୁଠାରୁ ବଡ଼ ଟି୨୦ ଲିଗ୍ ସେପ୍ଟେମ୍ବର ୧୯ରୁ ନଭେମ୍ବର ୧୦ ପର୍ଯ୍ୟନ୍ତ ତିନୋଟି ଭେନ୍ୟୁ ଦୁବାଇ, ଆବୁଧାବି ଓ ଶାରଜାରେ ଖେଳାଯିବ। ସହରରେ ପ୍ରଥମେ ହାଇଦ୍ରାବାଦ ଭିତ୍ତିକ ଫ୍ରାଞ୍ଚାଇଜ୍ ପହଞ୍ଚିଥିଲା। ପରେ ଦିଲ୍ଲୀ କ୍ୟାପିଟାଲ୍ସ ମୁମ୍ବାଇ ବାଟ ଦେଇ ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ)ରେ ପହଞ୍ଚିଥିଲା। ବିସିସିଆଇ ଦ୍ୱାରା ଜାରି ଏସ୍‌ପିଓ (ଷ୍ଟାଣ୍ଡାର୍ଡ ଅପରେଟିଂ ପ୍ରୋସିଜିଓର) ଅନୁସାରେ ଦଳର ସମସ୍ତ ସଦସ୍ୟ ୬ ଦିନ କ୍ୱାରାଣ୍ଟାଇନରେ ରହିବେ। କ୍ୱାରାଣ୍ଟାଇନ୍‌ର ୧ମ, ୩ୟ ଓ ୬ଷ୍ଠ ଦିବସରେ ସମସ୍ତଙ୍କର ଆର୍‌ଟି-ପିସିଆର୍ ଟେଷ୍ଟ ହେବ। ସମସ୍ତ ତିନୋଟି ଟେଷ୍ଟରେ ନେଗେଟିଭ୍ ଆସିବା ପରେ ଟ୍ରେନିଂ ଆରମ୍ଭ କରିପାରିବେ। ଟୁର୍ନାମେଣ୍ଟର ପ୍ରତି ୫ମ ଦିବସରେ ଖେଳାଳି ଓ ସପୋର୍ଟ ଷ୍ଟାଫଙ୍କର କୋଭିଡ୍-୧୯ ଟେଷ୍ଟ ହେବ।

# କାଲିସ୍, ଆବାସ, ଷ୍ଟାଲେକର ସାମିଲ



ହଲ୍ ଅଫ୍ ଫେମ୍‌ରେ ସାମିଲ ହୋଇଥିବା ଜ୍ୟାକ୍ କାଲିସ୍, ଲିସା ଷ୍ଟାଲେକର ଓ ଜାହିର ଆବାସ।

**ଦୁବାଇ,୨୩।୮(ପି.ଟି.)**

ଅନ୍ତର୍ଜାତୀୟ କ୍ରିକେଟ କାଉନସିଲ (ଆଇସିସି) ହଲ୍ ଅଫ୍ ଫେମ୍‌ରେ ଆଉ ୩ ଜଣ ପୂର୍ବତନ ଅନ୍ତର୍ଜାତୀୟ କ୍ରିକେଟର ସାମିଲ ହୋଇଛନ୍ତି। ଦକ୍ଷିଣ ଆଫ୍ରିକା କିମ୍ବଦନ୍ତୀ ଅଲ୍‌ରାଉଣ୍ଡର ଜ୍ୟାକ୍ କାଲିସ୍, ପାକିସ୍ତାନ ପୂର୍ବତନ ବ୍ୟାଟ୍ସମ୍ୟାନ ଜାହିର ଆବାସ ଓ ପୁଣେ ଜନ୍ମିତ ପୂର୍ବତନ ଅଷ୍ଟ୍ରେଲିଆ ଅଧିନାୟିକା ଲିସା ଷ୍ଟାଲେକରଙ୍କୁ ରବିବାର ଆଇସିସି ହଲ୍ ଅଫ୍ ଫେମ୍‌ରେ ସାମିଲ କରାଯାଇଛି।

କାଲିସ୍‌ଙ୍କୁ ବିଶ୍ୱର ଅନ୍ୟତମ ଶ୍ରେଷ୍ଠ ଅଲ୍‌ରାଉଣ୍ଡର ବିବେଚନା କରାଯାଏ। କାଲିସ୍ ଦକ୍ଷିଣ ଆଫ୍ରିକା ତରଫରୁ ୧୯୯୫ରୁ ୨୦୧୪ ମଧ୍ୟରେ ୧୬୬ ଟେଷ୍ଟ, ୩୨୮ ଦିନିକିଆ ଓ ୨୫ଟି ଅନ୍ତର୍ଜାତୀୟ ଟି୨୦ ମ୍ୟାଚ୍ ଖେଳିଛନ୍ତି। ୪୪ ବର୍ଷୀୟ କାଲିସ୍ ଟେଷ୍ଟ ଓ ଦିନିକିଆ ଫର୍ମାଟ୍‌ରେ ଦକ୍ଷିଣ ଆଫ୍ରିକାର ସର୍ବାଧିକ ରନ୍ ସଂଗ୍ରହକାରୀ ବ୍ୟାଟ୍ସମ୍ୟାନ ସାବ୍ୟସ୍ତ ହୋଇଛନ୍ତି। ସେ ଟେଷ୍ଟରେ ୧୩,୨୮୯ ଓ ଦିନିକିଆରେ ୧୧,୫୭୯ ରନ ସଂଗ୍ରହ କରିଛନ୍ତି। ସେହିପରି ସେ ଦୁଇଟି ଫର୍ମାଟ୍‌ରେ ଯଥାକ୍ରମେ ୨୯୨ ଓ ୨୭୩ଟି ଉଇକେଟ ଅକ୍ତିଆର କରିଛନ୍ତି।

କୋଭିଡ୍-୧୯ ମହାମାରୀ କାରଣରୁ ରବିବାର ଆଇସିସି ଏକ ଭର୍ଚୁଆଲ ଉତ୍ସବର ଆୟୋଜନ କରିଥିଲା। ଏଥିରେ କାଲିସଙ୍କ ଦୀର୍ଘଦିନର ବନ୍ଧୁ ଶନ୍ ପୋଲକ ଓ ଭାରତୀୟ କିମ୍ବଦନ୍ତୀ ସୁନୀଲ ଗାଭାସ୍କର ଯୋଗ ଦେଇଥିଲେ। ହଲ୍ ଅଫ୍ ଫେମ୍‌ରେ ସ୍ଥାନ ପାଇବା ପାଇଁ କାଲିସ୍ ଯୋଗ୍ୟ ବୋଲି ଗାଭାସ୍କର କହିଛନ୍ତି। ଉଲ୍ଲେଖଥାଉ କି, ଗାଭାସ୍କର ୨୦୦୯ରେ ହଲ୍ ଅଫ୍ ଫେମ୍‌ରେ ସାମିଲ ହୋଇଥିଲେ। ମହିଳା କ୍ରିକେଟର ଷ୍ଟାଲେକରଙ୍କୁ ମଧ୍ୟ ସେ ପ୍ରଶଂସା କରିଛନ୍ତି। ହଲ୍ ଅଫ୍ ଫେମ୍‌ରେ ଆଉଜଣେ କର୍ ସାମିଲ ହେବା ବଡ଼କଥା। ଷ୍ଟାଲେକର କେବଳ ଅଷ୍ଟ୍ରେଲିଆ ପାଇଁ ନୁହେଁ ଭାରତ ଲାଗି ମଧ୍ୟ ପ୍ରେରଣା ସୃଷ୍ଟି କରିଛନ୍ତି। ଷ୍ଟାଲେକର ଭାରତର ପୁଣେରେ ଜନ୍ମଗ୍ରହଣ କରିଥିଲେ। ଷ୍ଟାଲେକର ଅଷ୍ଟ୍ରେଲିଆ ତରଫରୁ ପ୍ରତିନିଧିତ୍ୱ କରି ୮ ଟେଷ୍ଟ, ୧୨୫ ଦିନିକିଆ ଓ ୫୪ଟି ଅନ୍ତର୍ଜାତୀୟ ଟି୨୦ ମ୍ୟାଚ୍ ଖେଳିଛନ୍ତି। ସେହିପରି ତୃତୀୟ କ୍ରିକେଟର ଭାବେ କିମ୍ବଦନ୍ତୀ ପାକିସ୍ତାନ ବ୍ୟାଟ୍ସମ୍ୟାନ ଜାହିର ଆବାସ୍ ହଲ୍ ଅଫ୍ ଫେମ୍‌ରେ ସାମିଲ କରାଯାଇଥିବାରୁ ଗାଭାସ୍କାର ଖୁସି ଜାହିର କରିଛନ୍ତି। ଆବାସଙ୍କୁ ଏସିଆର ଡନ୍ ବ୍ରାଡ୍‌ମ୍ୟାନ କୁହାଯାଇଥାଏ। ସେ ଏହି କ୍ଲବ୍‌ରେ ସାମିଲ ହେବା ପାଇଁ ସବୁଠାରୁ ଯୋଗ୍ୟ ବ୍ୟକ୍ତି।

**ଆଇସିସି ହଲ୍ ଅଫ୍ ଫେମ୍**

## ଥାନାରେ ମଦ ପିଇବା ମହଙ୍ଗା ପଡ଼ିଲା

ଥାନାରେ ବସି ମଦ ପିଇବା ଜଣେ ପୋଲିସ ବାବୁଙ୍କୁ ମହଙ୍ଗା ପଡ଼ିଛି। ଏବେ ସୋସିଆଲ୍ ମିଡ଼ିଆରେ ମଦ ପିଉଥିବା ଥାନାବାବୁ ଜେ.ପି. ସିଂ ପରିହାରଙ୍କ ଭିଡିଓ ଭାଇରାଲ ହେବାରେ ଲାଗିଛି। ଉତ୍ତରପ୍ରଦେଶ କାନପୁରର ଘାଟମ୍ପୁର ଥାନାରେ ଏଭଳି ଘଟଣା ଘଟିଛି। ଭିଡିଓ ଭାଇରାଲ ହେବା ପରେ ଏସ୍‌ଏସ୍‌ପି ପ୍ରତିବିନ୍ଦର ସିଂ ଥାନାବାବୁଙ୍କୁ ନିଲମ୍ବିତ କରିଛନ୍ତି। ଡ୍ୟୁଟିରେ ମଦ ପିଇବା ଥାନାବାବୁଙ୍କ ଅଭ୍ୟାସ ବୋଲି ଲୋକେ ଅଭିଯୋଗ କରିଛନ୍ତି। ବହୁ ଥର ସେ ମଦନିଶାରେ ନାଳରେ ପଡ଼ିଥିବା କୁହାଯାଉଛି। ଭିଡିଓ ଭାଇରାଲ ପରେ ତାଙ୍କ ଉପରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି।




ବାଣୀ କପୁର

# ପ୍ରାଣୀ ପ୍ରେମରେ ବାଣୀ

**ମୁମ୍ବାଇ:** ବଲିଉଡ୍ ସୁନ୍ଦରୀ ବାଣୀ କପୁରଙ୍କୁ କିଏ ନ ଜାଣେ। ନିଜର ହଟ୍ ଲୁକ୍ସ ଏବଂ ବୋଲ୍ଡ ଅନ୍ଦାଜ ପାଇଁ ସମସ୍ତେ ଦିୱାନା। ରବିବାର ବାଣୀ ୩୨ ବର୍ଷରେ ପଦାର୍ପଣ କରିଛନ୍ତି। ଜନ୍ମଦିନ ପାଇଁ ବାଣୀ ଖୁବ୍ ଏକ୍ସାଇଟେଡ୍। କରୋନା ପାଇଁ ବର୍ତ୍ତମାନ ସେ ଘରେ ରହି ସମୟ ବିତାଉଛନ୍ତି। ଏହି ବାର୍ଥଡେ'ରେ ସେ ନିଜ ଫ୍ୟାମିଲି ମେମ୍ବରଙ୍କ ସହିତ କଟାଉଥିବାରୁ ବହୁତ ଖୁସି। ଏହି ନାୟିକା ଏବେ କିଛି ନା କିଛି କାରଣ ପାଇଁ ଆସି ଯାଉଛନ୍ତି ଚର୍ଚ୍ଚାକୁ। ଦିଲ୍ଲୀରେ ଜନ୍ମ ନେଇଥିବା ବାଣୀ ଟୁରିଜମ୍‌ରେ ବ୍ୟାଚଲର ଡିଗ୍ରୀ ହାସଲ କରିଛନ୍ତି। ପୂର୍ବରୁ ଏକ ସାକ୍ଷାତ୍‌କାରରେ ବାଣୀ କହିଥିଲେ, ତାଙ୍କ ପିଲାଦିନ ଏକ ଫାର୍ମ ହାଉସରେ କଟିଛି। ଏହା ଏକ ଛୋଟ ଚିଡିଆଖାନା ଥିଲା। ତାଙ୍କ ଘରେ ପାଖାପାଖି ୭୦ କୁକୁର ଥିଲେ। ଏହାସହ ବିଲେଇ, ଘୋଡ଼ା, ଠେକୁଆ, ମାଙ୍କଡ଼ ଆଦି ରହୁଥିଲେ। ତାଙ୍କୁ ପଶୁପକ୍ଷୀ ବହୁତ ପସନ୍ଦ। ସେମାନେ ନିରୀହ ହୋଇଥିବାରୁ ମୁଁ ବହୁତ ଭଲ ପାଇଥାଏ ବୋଲି ନିକଟରେ ଇନ୍‌ଷ୍ଟାରେ ଏକ ଷ୍ଟୋରି ମାଧ୍ୟମରେ ଜଣାଇଥିଲେ। ସମସ୍ତେ ମଧ୍ୟ ପଶୁପକ୍ଷୀଙ୍କୁ ଭଲ ପାଇବା ଦରକାର ବୋଲି ସେ ନିବେଦନ କରିଛନ୍ତି। ସେମାନଙ୍କ ସହିତ କେତେବେଳେ ସମୟ କଟିଯାଏ ଜଣାପଡ଼େନି। ସେମାନଙ୍କ ସହିତ ଖେଳିଲେ ନିଜର ଯେତେ ଅବସାଦ ଥିଲେ ବି ତାହା ଦୂର ହୋଇଯାଏ ବୋଲି ବାଣୀ କହିଛନ୍ତି। ଏକ ରକ୍ଷଣଶୀଳ ପରିବାରରୁ ଆସିଥିବା ବାଣୀ ୨୦୧୬ରେ ରଣବୀର ସିଂଙ୍କ ସହ ଫିଲ୍ମ 'ବେଫିକ୍ରେ'ରେ ବୋଲ୍ଡ ଅନ୍ଦାଜରେ ଦେଖାଦେଇଥିଲେ। ଏହି ଫିଲ୍ମରେ ସେ ନାୟକ ରଣବୀର ସିଂଙ୍କ ସହ କିଛି କିସିଂ ସିନ୍‌ରେ ନଜର ଆସି ୟଙ୍ଗଷ୍ଟାରଙ୍କ ମନ ମଧ୍ୟ କିଣିଥିଲେ। ଅଭିନେତ୍ରୀ ବାଣୀ ଜୟପୁରରେ ଓବରୟ ହୋଟେଲ ଆଣ୍ଡ ରିସର୍ଟରେ ଇଣ୍ଟର୍ନ କରିଛନ୍ତି। ଏହାସହ ସେ ଆଇଟିସି ହୋଟେଲରେ କାମ ମଧ୍ୟ କରୁଥିଲେ। ବାଣୀ ତାଙ୍କ ମଡେଲିଂ କ୍ୟାରିୟର ଏଲିଟ୍ ମଡେଲ ମ୍ୟାନେଜମେଣ୍ଟ କମ୍ପାନୀରୁ ଆରମ୍ଭ କରିଛନ୍ତି।

# ବରଫରୁ ବାହାରିବ ବିଜୁଳି

**ବର୍ଷ କେଇଟା ଭିତରେ ସରିଯିବ ପାରମ୍ପରିକ ଶକ୍ତିର ଉତ୍ସ। ଅଣପାରମ୍ପରିକ ବା ଅକ୍ଷୟ ଶକ୍ତି ହିଁ ଭବିଷ୍ୟତ ବୋଲି ବୈଜ୍ଞାନିକମାନେ ସତର୍କ କରାଇସାରିଲେଣି। ଏହାପରେ ନୂଆ ପଦ୍ଧତିରେ ବିଜୁଳି ଶକ୍ତି ଉତ୍ପାଦନ କରିବାକୁ ଜାରି ରହିଛି ଗବେଷଣା। ସୂର୍ଯ୍ୟ, ପବନ, ଜଳକୁ ବ୍ୟବହାର କରି ସଫଳତାର ସହ ବିଦ୍ୟୁତ୍ ଶକ୍ତି ଉତ୍ପାଦନ ହୋଇସାରିଥିବାବେଳେ ଏବେ ବରଫ ଉପରେ ନଜର ପକାଇଛନ୍ତି ବୈଜ୍ଞାନିକ। ଏଥିପାଇଁ ସିଲିକନକୁ ଉପଯୋଗ କରି ସେମାନେ ନିର୍ମାଣ କରିଛନ୍ତି 'ସ୍ନୋ-ଟେଙ୍ଗ୍'।**



**ଶକ୍ତିକ୍ଷେତ୍ରରେ ବୈପ୍ଳବିକ ପରିବର୍ତ୍ତନ ଆଣିବ 'ସ୍ନୋ-ଟେଙ୍ଗ୍'**

**ନୂଆଦିଲ୍ଲୀ:** ଦୀର୍ଘଦିନର ଗବେଷଣା ପରେ ବିଭିନ୍ନ ଉତ୍ସରୁ ବିଦ୍ୟୁତ୍ ଶକ୍ତି ଉତ୍ପାଦନ କରିବାରେ ସଫଳ ହୋଇଛି ମଣିଷ। ତଥାପି ବଢୁଥିବା ଆବଶ୍ୟକତା ମେଣ୍ଟାଇବା ଲାଗି ବିଦ୍ୟୁତ୍ ସ୍ରୋତର ନୂଆ ଉତ୍ସ ଉପରେ ଅନୁଧ୍ୟାନ ଜାରି ରହିଥିବାବେଳେ ବିପୁଳ ସମ୍ଭାବନା ସୃଷ୍ଟି କରିଛି ଅକ୍ଷୟ ଶକ୍ତି। ଏବେ ବରଫପାତ ବିଦ୍ୟୁତ୍ ଶକ୍ତି ଉତ୍ପାଦନର ମାଧ୍ୟମ ପାଲଟିବ ବୋଲି ଜୋର୍ ଦେଇ କହିଛନ୍ତି ଆମେରିକାର ବୈଜ୍ଞାନିକ। ଏଥିଲାଗି ସେମାନେ ପ୍ରସ୍ତୁତ କରିଛନ୍ତି ଏକ ଥ୍ରୀ-ଡି ପ୍ରିଣ୍ଟ ଉପକରଣ। ଲସ୍‌ଏଞ୍ଜେଲେସ୍‌ସ୍ଥିତ କାଲିଫର୍ନିଆ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ବରଫପାତରୁ ବିଦ୍ୟୁତ୍ ଶକ୍ତି ଉତ୍ପାଦନ କରିବା ଲାଗି ଏହି ସ୍ୱତନ୍ତ୍ର ଉପକରଣ ନିର୍ମାଣ କରିଛନ୍ତି, ଯାହାର ନାମ ରହିଛି 'ଟ୍ରାଇବୋ ଇଲେକ୍ଟ୍ରିକ୍ ନାନୋ ଜେନେରେଟର' ବା 'ସ୍ନୋ ଟେଙ୍ଗ୍'।

ଏ କ୍ଷେତ୍ରରେ ଅଧ୍ୟୟନ କରୁଥିବା ବରିଷ୍ଠ ଲେଖକ ତଥା ଗବେଷକ ରିଚାର୍ଡ କାନେର ନାନୋ ଏନର୍ଜି ଜର୍ନାଲରେ ଏହି ଉପକରଣ ସମ୍ପର୍କରେ ବିସ୍ତୃତ ତଥ୍ୟ ଦେଇଛନ୍ତି। ସେ କହିଛନ୍ତି, ଏହି ଉପକରଣ ଶସ୍ତା, ଆକାରରେ ଛୋଟ ଏବଂ ନମନୀୟ। ଦୁର୍ଗମ ବରଫାବୃତ୍ତ ଅଞ୍ଚଳରେ ରହୁଥିବା ଲୋକଙ୍କ ଲାଗି ଏହା ବେଶ୍ ଉପଯୋଗୀ ସାବ୍ୟସ୍ତ ହେବ। ଏହି ଉପକରଣ ବିନା ବ୍ୟାଟେରିରେ ଶକ୍ତି ଉତ୍ପାଦନ କରିବାକୁ ସକ୍ଷମ। କେବଳ ଏତିକି ନୁହେଁ,ଅଞ୍ଚଳରେ କେତେ ପରିମାଣରେ ବରଫପାତ ହେଉଛି, କେଉଁ ଦିଗରେ ହେଉଛି ଏବଂ ବାୟୁର ଦିଗ ସମ୍ପର୍କରେ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ସୂଚନା ଦେବ। 'ସ୍ନୋ ଟେଙ୍ଗ୍' ଷ୍ଟାଟିକ୍ ଇଲେକ୍ଟ୍ରିକ୍‌ରୁ ଚାର୍ଜ ଉତ୍ପନ୍ନ କରିଥାଏ। ଏହାପରେ ଇଲେକ୍ଟ୍ରନ୍‌ର ଅଦଳବଦଳ କରି ଏହାକୁ ବିଦ୍ୟୁତ୍ ଶକ୍ତିରେ ରୂପାନ୍ତରିତ କରିଥାଏ ବୋଲି କାନେର କହିଛନ୍ତି। ଏହାକୁ ବିସ୍ତୃତ ଭାବେ ବୁଝାଇବାକୁ ଯାଇ କାନେର ଆହୁରି ମଧ୍ୟ କହିଛନ୍ତି ଯେ, ଖସୁଥିବା ବରଫ ଯୁକ୍ତାତ୍ମକ ଚାର୍ଜରେ ଭରପୂର ହୋଇଥାଏ। ଏହା ଇଲେକ୍ଟ୍ରନ୍‌ର ପ୍ରମୁଖ ଉତ୍ସ। ଉପକରଣରେ ସିନ୍ଥେଟିକ୍ ରବର ଭଳି ଅକ୍ସିଜେନ ପରମାଣୁ ମିଶ୍ରିତ ସିଲିକନ୍ ରଖାଯାଇଛି। ଏଥିରେ କାର୍ବନ-ହାଇଡ୍ରୋଜେନ ଏବଂ ଅନ୍ୟ କେତେକ ପଦାର୍ଥ ମଧ୍ୟ ମିଶାଯାଇଛି। ମୋଟ ଉପରେ କହିବାକୁ ଗଲେ ଏହା ବିଯୁକ୍ତ ଚାର୍ଜ ମାଧ୍ୟମ। 'ସ୍ନୋ-ଟେଙ୍ଗ୍' ଉପରେ ବରଫ ପଡ଼ିବା ପରେ ସେଥିରେ ଥିବା ଚାର୍ଜକୁ ସିଲିକନ ପଟି ଧରି ରଖେ ଏବଂ ବିଦ୍ୟୁତ୍ ଶକ୍ତି ଉତ୍ପନ୍ନ ହୋଇଥାଏ। ବରଫରୁ ବିଦ୍ୟୁତ୍ ଶକ୍ତି ଉତ୍ପାଦନ କରିବା ଲାଗି ବିଶେଷଜ୍ଞମାନେ ଭିନ୍ନ ଭିନ୍ନ ପଦାର୍ଥକୁ ଯାଞ୍ଚ କରିଥିଲେ, ଯେଉଁଥିରେ ଆଲୁମିନିୟମ ଫଏଲ୍, ଟେଫ୍ଲନ ସାମିଲ ଥିଲା। ହେଲେ ଚାର୍ଜ ସୃଷ୍ଟି କରିବାରେ ସିଲିକନ ଆଗରେ ରହିଥିଲା।

ବୈଜ୍ଞାନିକମାନେ କହିଛନ୍ତି ଯେ, ଶୀତଦିନେ ପୃଥିବୀର ୩୦% ଅଞ୍ଚଳ ବରଫରେ ଢାଙ୍କି ହୋଇଯାଇଥାଏ। ସମ୍ପୃକ୍ତ ଅଞ୍ଚଳରେ ଲାଗିଥିବା ସୋଲାର ପ୍ୟାନେଲଗୁଡ଼ିକ ବରଫରେ ଘୋଡ଼େଇ ହୋଇଯିବା ପରେ ଏହା ଉପରେ ସୂର୍ଯ୍ୟକିରଣ ପଡ଼ିପାରେ ନାହିଁ। ଫଳରେ ଶକ୍ତି ଉତ୍ପାଦନ ବାଧାପ୍ରାପ୍ତ ହୋଇଥାଏ। 'ସ୍ନୋ-ଟେଙ୍ଗ୍'କୁ ସୋଲାର ପ୍ୟାନେଲ ସହ ଯୋଡ଼ାଯାଇପାରିବ। ଫଳରେ ତୁଷାରପାତ ସମୟରେ ବିଦ୍ୟୁତ୍ ଶକ୍ତିର ଅଭାବ ରହିବନାହିଁ।

# ଦୁନିଆର ଆଲୋକ ଦେଖିପାରିବେନି ୬୮ ଲକ୍ଷ କନ୍ୟା

**ୱାଶିଂଟନ/ନୂଆଦିଲ୍ଲୀ:** ଦେଶରେ କନ୍ୟା ଭ୍ରୁଣ ହତ୍ୟା ଜାରି ରହିଛି। ସରକାରୀ ଆଇନ ଏକ୍ଷେତ୍ରରେ ବିଶେଷ ସଫଳ ହେଉ ନ ଥିବା କୁହାଯାଉଛି। ଏଭଳି ଧାରା ଜାରି ରହିଲେ ୨୦୩୦ ସୁଦ୍ଧା ୬୮ ଲକ୍ଷ କନ୍ୟା ଦୁନିଆର ଆଲୋକ ଦେଖିବାରୁ ବଞ୍ଚିତ ହେବେ। ମାତୃଗର୍ଭରେ ସେମାନଙ୍କୁ ହତ୍ୟା କରାଯିବ ବୋଲି ଏକ ରିପୋର୍ଟରେ ଉଲ୍ଲେଖ କରାଯାଇଛି। ସୌଦି ଆରବର କିଙ୍ଗ୍ ଅବଦୁଲା ୟୁନିଭରସିଟି ଅଫ୍ ସାଇନ୍ସ ଆଣ୍ଡ୍ ଟେକ୍ନୋଲୋଜି ପକ୍ଷରୁ ଏହି ସର୍ଭେ ରିପୋର୍ଟ ପ୍ରସ୍ତୁତ କରାଯାଇଛି। ଲିଙ୍ଗ ନିରୂପଣ ଦ୍ୱାରା କେବଳ ଉତ୍ତରପ୍ରଦେଶରେ ୨୦୧୭ରୁ ୨୦୨୦ ମଧ୍ୟରେ ୨୦ ଲକ୍ଷ କନ୍ୟା ଭ୍ରୁଣ ହତ୍ୟା କରାଯିବ ବୋଲି ରିପୋର୍ଟରେ ପ୍ରକାଶ ପାଇଛି। ପୁତ୍ର ସନ୍ତାନ ଆଶାରେ ଏଭଳି କାର୍ଯ୍ୟ କରାଯାଉଥିବା ବେଳେ ଆଗାମୀ ୧୦ ବର୍ଷ ଧରି ମଧ୍ୟ ଏହା ଜାରି ରହିବ। ଲିଙ୍ଗ ନିରୂପଣ ଆଇନ ଅନୁସାରେ ଅପରାଧ ବୋଲି ୧୯୯୪ରେ ସରକାର ଘୋଷଣା କରିଥିଲେ। ତେବେ ବି ଦେଶର ୧୭ଟି ରାଜ୍ୟରେ ପୁତ୍ର ସନ୍ତାନ ପ୍ରତି ଦମ୍ପତିଙ୍କ ମଧ୍ୟରେ ଅଧିକ ଆଶା ରହିଥିବା ରିପୋର୍ଟରେ ପ୍ରକାଶ ପାଇଛି। ଉତ୍ତରଭାରତରେ ଏଭଳି ସ୍ଥିତି ଭୟାନକ ରହିଛି। ଏହି ରିପୋର୍ଟ ପ୍ଲୋସ୍ ୱାନ୍ ପତ୍ରିକାରେ ମଧ୍ୟ ପ୍ରକାଶିତ ହୋଇଛି।



# ପର୍ନ ଷ୍ଟାରଙ୍କୁ ୩୩ ଲକ୍ଷ ଟଙ୍କା ଦେବେ ଟ୍ରମ୍ପ୍

**ୱାଶିଂଟନ:** ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଏବେ ପର୍ନ ଷ୍ଟାର ଷ୍ଟୋର୍ମି ଡାନିଏଲ୍‌ଙ୍କୁ ୩୩ ଲକ୍ଷ ଟଙ୍କା(୪୪,୧୦୦ ଡଲାର) ଦେବେ। ଏନେଇ ଆମେରିକାର ଏକ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଟ୍ରମ୍ପ୍‌ଙ୍କ ସହିତ ସମ୍ପର୍କ ଥିଲା ବୋଲି ଷ୍ଟୋର୍ମି ଦାବି କରିଛନ୍ତି। ତେବେ ଏହାକୁ ଟ୍ରମ୍ପ୍ ଖଣ୍ଡନ କରିଛନ୍ତି। ୪୧ ବର୍ଷ ବୟସ୍କା ଷ୍ଟୋର୍ମି ଟମ୍ପ୍‌ଙ୍କ ବିରୋଧରେ ମାମଲା ଦାଏର କରିଥିଲେ। ପରବର୍ତ୍ତୀ ସମୟରେ ଏହା ରଦ୍ଦ ହୋଇଯାଇଥିଲା। ତେଣୁ ଷ୍ଟୋର୍ମିଙ୍କର ଖର୍ଚ୍ଚ ହୋଇଥିବା ଟଙ୍କାର ଭରଣା ଟ୍ରମ୍ପ୍ କରିବେ ବୋଲି କାଲିଫର୍ନିଆର ଏକ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। କୋର୍ଟ ନିର୍ଦ୍ଦେଶ ପରେ ଷ୍ଟୋର୍ମି ଟୁଇଟ୍ କରି ପୁଣି ଏକ ବିଜୟ ବୋଲି ସୂଚନା ଦେଇଛନ୍ତି। ମାମଲା ଦାଏର କରିବା ପରେ ଷ୍ଟୋର୍ମି ଏକ ପୁସ୍ତକ ମଧ୍ୟ ଲେଖିଥିଲେ।





ସେ ଏଥିରେ ଟ୍ରମ୍ପ୍ ଙ୍କ ସହିତ ସମ୍ପର୍କ ଥିବା ବିଷୟରେ ଉଲ୍ଲେଖ କରିଥିଲେ। ୨୦୦୬ରେ ଟ୍ରମ୍ପ୍‌ଙ୍କ ସହିତ ଷ୍ଟୋର୍ମିଙ୍କର ସମ୍ପର୍କ ଥିବା ପୁସ୍ତକରେ ଦର୍ଶାଯାଇଛି। ଏଥିପାଇଁ ଚୁପ୍ ରହିବା ଲାଗି ଷ୍ଟୋର୍ମିଙ୍କୁ ଟ୍ରମ୍ପ୍‌ଙ୍କ ଆଇନଜୀବୀଙ୍କ ପକ୍ଷରୁ ୯୭ ଲକ୍ଷ ଟଙ୍କା ଦିଆଯାଇଥିବା ପୁସ୍ତକରେ ପ୍ରକାଶ ପାଇଛି। ଏହି ପୁସ୍ତକ ବେଶ୍ ଚର୍ଚ୍ଚାରେ ରହିଛି।

# ସମ୍ପର୍କରେ ଦୂରତା ଆଣୁଛି କରୋନା

**ୱାଶିଂଟନ:** କରୋନା ମହାମାରୀ ସଂକ୍ରମଣ ଯୋଗୁ ଏବେ ଦାମ୍ପତ୍ୟ ଜୀବନ ବିପର୍ଯ୍ୟସ୍ତ ହେବାରେ ଲାଗିଛି। ଦମ୍ପତିଙ୍କ ମଧ୍ୟରେ ଶାରୀରିକ ସମ୍ପର୍କ ରକ୍ଷା କରିବାକୁ ବିଶେଷଜ୍ଞମାନେ ବାରଣ କରିଛନ୍ତି। କରୋନା ଶାରୀରିକ ସମ୍ପର୍କ ଦ୍ୱାରା ବ୍ୟାପି ନ ଥାଏ। ମାତ୍ର ଆକ୍ରାନ୍ତ ହୋଇଥିବା ସାଥୀଙ୍କ ନିକଟକୁ ଗଲେ ସଂକ୍ରମଣର ଆଶଙ୍କା ରହିଥାଏ। ଯଦି କୌଣସି ଲକ୍ଷଣ ପ୍ରକାଶ ପାଉଛି ତେବେ ଘରେ ଦମ୍ପତିମାନେ ପରସ୍ପର ମଧ୍ୟରେ ୨ ମିଟର ଦୂରତା ବଜାୟ ରଖିବା ଆବଶ୍ୟକ। ଅପରପକ୍ଷରେ ନମୁନା ରିପୋର୍ଟ କରୋନା ପିଜିଟିଭ୍ ଆସିଲେ ତୁରନ୍ତ ନିଜକୁ ଆଇସୋଲେଶନ କରିନେବା ଉଚିତ୍। ଏହାଦ୍ୱାରା ଅନ୍ୟ ସାଥୀଙ୍କୁ କରୋନା ଭୂତାଣୁ ସଂକ୍ରମଣ ହେବାର ଆଶଙ୍କା ଆଉ ରହି ନ ଥାଏ ବୋଲି ବିଶେଷଜ୍ଞ ମତପୋଷଣ କରିଛନ୍ତି। ପରିଷ୍କାର ପରିଚ୍ଛନ୍ନତା, ମାସ୍କ ବ୍ୟବହାର ଏବଂ ଆକ୍ରାନ୍ତଙ୍କଠାରୁ ଦୂରତା ବଜାୟ ରଖିଲେ କରୋନା ସହିତ ଲଢ଼େଇରେ ମଣିଷ ସମାଜ ବିଜୟୀ ହୋଇପାରିବ ବୋଲି ବିଶେଷଜ୍ଞ କହିଛନ୍ତି।



# ଛାତ ଉପରେ କୃଷ୍ଣ ବାଟିକା

**ଚଣ୍ଡିଗଡ଼:** କଥାରେ ଅଛି ମନର ମୂଳେ ଏ ଜଗତ। ମନ ଥିଲେ ଗାଡ଼ିଆ ଗଙ୍ଗାରେ ବି ପରିଣତ ହୋଇପାରେ। ଠିକ୍ ଏମିତି ଏକ ଉଦାହରଣ ପାଲଟିଛନ୍ତି ହରିୟାଣା ପାନିପତର ସୀମା ବଜ୍ଜର। କୃଷ୍ଣ ଭକ୍ତିର ନିଦର୍ଶନ ସ୍ୱରୂପ ସେ ଛାତ ଉପରେ ତିଆରି କରିଛନ୍ତି କୃଷ୍ଣ ବାଟିକା। ଭଗବାନ କୃଷ୍ଣଙ୍କ ପ୍ରିୟ ସମସ୍ତ ପ୍ରକାର ଫୁଲ ଓ ଫଳ ଗଛ ଲଗାଇଛନ୍ତି।

ଛୋଟବେଳୁ ସୀମା କୃଷ୍ଣ ଭକ୍ତ ଥିଲେ। ସେଥିପାଇଁ ନିଜ ଶ୍ରଦ୍ଧା ଓ ଭକ୍ତିର ନିଦର୍ଶନ ଦେବାକୁ ଯାଇ ସେ ଛାତ ଉପରେ ବିଭିନ୍ନ ଗଛ ଲଗାଇଥିଲେ। ୨୦୧୫ରୁ ସେ ତୁଳସୀ ଗଛରୁ ଆରମ୍ଭ କରି ଅଁଳା, ଚମ୍ପା, ମାଳତି, ମଲ୍ଲୀ ଆଦି ବିଭିନ୍ନ ପ୍ରକାରର ଗଛ ଲଗାଇଥିଲେ। ପ୍ରଥମେ ପ୍ରଥମେ ସାଧାରଣ କୁଣ୍ଡରେ ହିଁ ସେ ଛୋଟ ଛୋଟ ଗଛ ଲଗାଉଥିଲେ। କିନ୍ତୁ ପରେ ବଡ଼ କୁଣ୍ଡ ଆଣି ଛାତ ଉପରେ ଅନ୍ୟ ବଡ଼ ଗଛ ଲଗାଇଥିଲେ। ଏବେ ଛାତ ଉପରେ ତାଙ୍କର ଛୋଟ ବଡ଼ ହୋଇ ଏକ ହଜାରରୁ ଅଧିକ ସଂଖ୍ୟାରେ ଗଛ ରହିଛି।

ଛାତ ଉପରେ ଏତେ ସବୁ ଗଛ ଲଗାଇ ସେ ଭଗବାନ କୃଷ୍ଣଙ୍କୁ ଅନୁଭବ କରିଥାନ୍ତି ବୋଲି କହନ୍ତି ସୀମା। ସେଥିପାଇଁ ସେ ପ୍ରତିଦିନ ଗଛଗୁଡ଼ିକ ପାଖରେ ବସି ଗୀତାପାଠ ବି କରନ୍ତି। ଏହା ଦ୍ୱାରା ସେହି ସ୍ଥାନରେ ତାଙ୍କୁ ଏକ ଭିନ୍ନ ପ୍ରକାରର ଈଶ୍ୱରୀୟ ଅନୁଭବ ମିଳିଥାଏ। ଏହା ବ୍ୟତୀତ ଛାତ ଉପରେ ସେ ଭଗବାନ ଶିବଙ୍କର ଏକ ମୂର୍ତ୍ତି ମଧ୍ୟ ସ୍ଥାପନ କରିଛନ୍ତି। ସୀମାଙ୍କ ଛାତ ଉପରେ ଏଭଳି ଏକ ପବିତ୍ର ପରିବେଶ ଦେଖିବା ପାଇଁ ସ୍ଥାନୀୟ ଅଞ୍ଚଳର ଅଧିକାଂଶ ଲୋକ ଆସିଥାନ୍ତି।



# ମହାମାରୀ ସ୍ପାନିସ୍ ଫ୍ଲୁ




ନିକୁଞ୍ଜ ବିହାରୀ ସାହୁ

**ସ୍ପାନିସ୍ ଫ୍ଲୁ H1N1 ଇନ୍‌ଫ୍ଲୁଏଞ୍ଜା ଭାଇରସ ଦ୍ୱାରା ସୃଷ୍ଟି ହୋଇଥିବା ଦୁଇଟି ମହାମାରୀ ମଧ୍ୟରୁ ପ୍ରଥମ । ଏହି କ୍ରମରେ ଦ୍ୱିତୀୟ ମହାମାରୀଟି ହେଉଛି ୨୦୦୯ ମସିହାର ସ୍ୱାଇନ୍ ଫ୍ଲୁ । ସ୍ପାନିସ୍ ଫ୍ଲୁ ଆକ୍ରମଣ ଜନିତ ଅସୁସ୍ଥତାର ପ୍ରଥମ ପ୍ରମାଣ କେତେକ ପାଶ୍ଚାତ୍ୟ ଦେଶ ଯଥା ଯୁକ୍ତରାଷ୍ଟ୍ର ଆମେରିକା, ଫ୍ରାନ୍ସ, ଜର୍ମାନୀ ଏବଂ ବ୍ରିଟେନରେ ମିଳିଥିଲା । ମାତ୍ର ସେତେବେଳେ ଏହି ରାଷ୍ଟ୍ରସବୁ ପ୍ରଥମ ବିଶ୍ୱଯୁଦ୍ଧରେ ପକ୍ଷଭୁକ୍ତ ଥିବାରୁ ନିଜର ଯୁଦ୍ଧରତ ସୈନିକମାନଙ୍କୁ ନିରୁତ୍ସାହିତ ନ କରିବା ପାଇଁ ଏହି ମହାମାରୀକୁ ବିଶେଷ ପ୍ରଘଟ କରି ନ ଥିଲେ ...**

୧୯୧୮ ମସିହାରେ ସାରା ବିଶ୍ୱରେ ଆତଙ୍କ ଖେଳାଇ ଦେଇଥିବା ସ୍ପାନିସ୍ ଫ୍ଲୁ ଏବେ ଜନମାନସରୁ ବିସ୍ମୃତ ହୋଇଗଲାଣି । ଫେବୃୟାରୀ ୧୯୧୮ ମସିହାରୁ ଆରମ୍ଭ କରି ମାର୍ଚ୍ଚ ୧୯୨୦ ମସିହା ପର୍ଯ୍ୟନ୍ତ ତଥା ପ୍ରଥମ ବିଶ୍ୱଯୁଦ୍ଧର ଘନଘଟା ମଧ୍ୟରେ ପ୍ରାଦୁର୍ଭାବ ଘଟିଥିବା ଏହି ମହାମାରୀ ସମୁଦାୟ ଚାରୋଟି ପର୍ଯ୍ୟାୟରେ ଆସିଥିଲା ଏବଂ ସାରା ବିଶ୍ୱରେ ସମୁଦାୟ ୫୦ କୋଟି ଜନସଂଖ୍ୟା (ବିଶ୍ୱର ଏକ-ତୃତୀୟାଂଶ ଜନସଂଖ୍ୟା)କୁ ସଂକ୍ରମିତ କରିଥିଲା । ଏହି ଘାତକ ମହାମାରୀରେ ବିଶ୍ୱର ୧.୫ କୋଟିରୁ ୫ କୋଟି ଲୋକଙ୍କ ମୃତ୍ୟୁ ଘଟିଥିଲା ।

ସ୍ପାନିସ୍ ଫ୍ଲୁ H1N1 ଇନ୍‌ଫ୍ଲୁଏଞ୍ଜା ଭାଇରସ୍ ଦ୍ୱାରା ସୃଷ୍ଟି ହୋଇଥିବା ଦୁଇଟି ମହାମାରୀ ମଧ୍ୟରୁ ପ୍ରଥମ । ଏହି କ୍ରମରେ ଦ୍ୱିତୀୟ ମହାମାରୀଟି ହେଉଛି ୨୦୦୯ ମସିହାର ସ୍ୱାଇନ୍ ଫ୍ଲୁ । ସ୍ପାନିସ୍ ଫ୍ଲୁ ଆକ୍ରମଣଜନିତ ଅସୁସ୍ଥତାର ପ୍ରଥମ ପ୍ରମାଣ କେତେକ ପାଶ୍ଚାତ୍ୟ ଦେଶ ଯଥା ଯୁକ୍ତରାଷ୍ଟ୍ର ଆମେରିକା, ଫ୍ରାନ୍ସ, ଜର୍ମାନୀ ଏବଂ ବ୍ରିଟେନରେ ମିଳିଥିଲା । ମାତ୍ର ସେତେବେଳେ ଏହି ରାଷ୍ଟ୍ରସବୁ ପ୍ରଥମ ବିଶ୍ୱଯୁଦ୍ଧରେ ପକ୍ଷଭୁକ୍ତ ଥିବାରୁ ନିଜର ଯୁଦ୍ଧରତ ସୈନିକମାନଙ୍କୁ ନିରୁତ୍ସାହିତ ନ କରିବା ପାଇଁ ଏହି ମହାମାରୀକୁ ବିଶେଷ ପ୍ରଘଟ କରି ନ ଥିଲେ । ସ୍ପେନ୍‌ରେ ଏହି ମହାମାରୀ ପ୍ରାଦୁର୍ଭାବର ଖବର ପ୍ରଥମେ ପ୍ରକାଶିତ ହୋଇଥିବାରୁ ଐତିହାସିକ ଦୃଷ୍ଟିକୋଣରୁ ଏହାକୁ 'ସ୍ପାନିସ୍ ଫ୍ଲୁ' ବୋଲି ନାମିତ କରାଗଲା । ଅନ୍ୟ ମହାମାରୀ ସଂକ୍ରମଣର ଶିଖର ସମୟ ସାଧାରଣତଃ ଶୀତ ଋତୁ ହୋଇଥିଲାବେଳେ ଏହି ମହାମାରୀ ଗ୍ରୀଷ୍ମ ଋତୁରେ (ଉତ୍ତର ଗୋଲାର୍ଦ୍ଧରେ) ବେଶି ମାତ୍ରାରେ କାୟା ବିସ୍ତାର କରିଥିଲା ।

**ଚାରି ପର୍ଯ୍ୟାୟର ଆକ୍ରମଣ**

**ପ୍ରଥମ ମୃଦୁ ପର୍ଯ୍ୟାୟ:** ୧୯୧୮ ମସିହାର ପ୍ରାରମ୍ଭରୁ ସୂତ୍ରପାତ ହୋଇଥିବା ପ୍ରଥମ ପର୍ଯ୍ୟାୟରେ ମୃତ୍ୟୁହାର ବହୁତ ସ୍ୱଳ୍ପ ଥିଲା । ୧୯୧୮ ମସିହାର ପ୍ରଥମ ଛଅ ମାସ ମଧ୍ୟରେ ଯୁକ୍ତରାଷ୍ଟ୍ର ଆମେରିକାରେ ପୂର୍ବ ବର୍ଷ ତୁଳନାରେ ମାତ୍ର ୧୨,୦୦୦ ଅଧିକ ଫ୍ଲୁ ଜନିତ ସଂକ୍ରମଣର ବିବରଣୀ ପ୍ରକାଶିତ ହୋଇଥିଲା । ୧୯୧୮ ମସିହାର ପ୍ରଥମ ତିନି ମାସ ବେଳକୁ ଏହି ମହାମାରୀର ପ୍ରତିକାର ନିମନ୍ତେ କୌଣସି ସଙ୍ଗରୋଧ ଶିବିରର ବ୍ୟବସ୍ଥା ନ ଥିଲା । ମହାମାରୀର ପ୍ରଥମ ପର୍ଯ୍ୟାୟ ସେତେଟା ମାରାତ୍ମକ ନ ଥିଲେ ସୁଦ୍ଧା ଏହା ପ୍ରଥମ ବିଶ୍ୱଯୁଦ୍ଧର ଅଗ୍ରଗତିକୁ ବିଶେଷ ପ୍ରଭାବିତ କରିଥିଲା । ପ୍ରଥମ ପର୍ଯ୍ୟାୟରେ ଏହି ମହାମାରୀର ସଂକ୍ରମଣ ଯୁକ୍ତରାଷ୍ଟ୍ର ଆମେରିକାର ଅଳ୍ପ କିଛି ସାମରିକ ଶିବିରରୁ ଆରମ୍ଭ ହୋଇ ଘଟଣାକ୍ରମେ ବିଶ୍ୱର ଅନ୍ୟାନ୍ୟ ଅଞ୍ଚଳ ଯଥା ୟୁରୋପ, ଏସିଆ ଓ ଅଷ୍ଟ୍ରେଲିଆ ଆଦି ମହାଦେଶକୁ ବ୍ୟାପିଯାଇଥିଲା ।

**ଦ୍ୱିତୀୟ ଘାତକ ପର୍ଯ୍ୟାୟ:** ଏହି ମହାମାରୀର ଦ୍ୱିତୀୟ ପର୍ଯ୍ୟାୟ ୧୯୧୮ ମସିହା ଅଗଷ୍ଟ ମାସରୁ ଆରମ୍ଭ ହୋଇଥିଲା । ସେତେବେଳେ ଏହି ମହାମାରୀ ଯୁକ୍ତରାଷ୍ଟ୍ର ଆମେରିକାର ବୋଷ୍ଟନ୍ ଓ ଆଫ୍ରିକାର ଫ୍ରିଟାଉନ୍ ସହରକୁ ବ୍ୟାପିଯାଇଥିଲା । ଏହା ସମୟକ୍ରମେ ବ୍ରାଜିଲ୍ ଓ କାରିବିଆନ୍ ଦ୍ୱୀପସମୂହକୁ ଜାହାଜ ଦ୍ୱାରା ସମ୍ପ୍ରସାରିତ ହୋଇଥିଲା । ପରବର୍ତ୍ତୀ ସେପ୍ଟେମ୍ବର ମାସରେ ଦକ୍ଷିଣ ଆଫ୍ରିକା ଦେଶକୁ ଫ୍ରାନ୍ସର ମୂଳବାସିନ୍ଦା ଶ୍ରମିକମାନେ ଜାହାଜରେ ଫେରି ଆସିବା ଦ୍ୱାରା ଦକ୍ଷିଣ ଆଫ୍ରିକା ଓ ଜାମ୍ବେଜୀ ନଦୀ ଟପି ଇଥିଓପିଆ ଦେଶକୁ ମଧ୍ୟ ଏ ମହାମାରୀର ପ୍ରସାର ଘଟିଥିଲା ।

ଏହି ମହାମାରୀର ଦ୍ୱିତୀୟ ପର୍ଯ୍ୟାୟ ପ୍ରଥମ ପର୍ଯ୍ୟାୟ ଅପେକ୍ଷା ଅଧିକ ମାରାତ୍ମକ ଥିଲା । ୧୯୧୮ ମସିହା ଅକ୍ଟୋବର ମାସରେ ମହାମାରୀଜନିତ ସବୁଠାରୁ ଅଧିକ ମୃତ୍ୟୁ ଘଟିଥିଲା । ଭାରତର ବମ୍ବେରେ ୧ ଲକ୍ଷ ୧୦ ହଜାର ଜନସଂଖ୍ୟା ମଧ୍ୟରୁ ସମୁଦାୟ ୧୦,୦୦୦ ବ୍ୟକ୍ତି ଏହି ମହାମାରୀ ସଂକ୍ରମଣର ଶିକାର ହୋଇଥିଲେ । ପରବର୍ତ୍ତୀ ସମୟରେ ଏହି ମହାମାରୀ ରୁଷିଆ ଦେଶକୁ ସଞ୍ଚାରିତ ହୋଇଥିଲା, ଯେଉଁଠାରୁ ଏହା ରୁଷୀୟ ସିଭିଲ ଯୁଦ୍ଧ ଓ ଟ୍ରାନ୍ସ- ସାଇବେରିଆନ୍ ରେଳପଥ ଜରିଆରେ ସାରା ଏସିଆ ମହାଦେଶରେ ବ୍ୟାପିଯାଇଥିଲା । ପରବର୍ତ୍ତୀ ସେପ୍ଟେମ୍ବରରୁ ଅକ୍ଟୋବର ମାସ ମଧ୍ୟରେ ଏହା ଭାରତ, ଚାଇନା ଓ ଜାପାନ ଦେଶକୁ ସଂପ୍ରସାରିତ ହୋଇ ସାରିଥିଲା ।



**ତୃତୀୟ ମଧ୍ୟମ ପର୍ଯ୍ୟାୟ:** ୧୯୧୯ ମସିହା ଜାନୁୟାରୀ ମାସରେ ଏହି ମହାମାରୀ ପ୍ରଥମେ ଅଷ୍ଟ୍ରେଲିଆରେ ପ୍ରବେଶ କରି ୧୨,୦୦୦ ଲୋକଙ୍କ ମୃତ୍ୟୁର କାରଣ ସାଜିଥିଲା । ପରେ ଏହା ୟୁରୋପ ମହାଦେଶ ଦେଇ ଯୁକ୍ତରାଷ୍ଟ୍ର ଆମେରିକାକୁ ସଂପ୍ରସାରିତ ହୋଇଥିଲା, ଯାହାର ପ୍ରକୋପ ଜୁନ୍ ମାସ ପର୍ଯ୍ୟନ୍ତ ରହିଥିଲା । ଏହା ମୁଖ୍ୟତଃ ସ୍ପେନ୍, ସର୍ବିଆ, ମେକ୍ସିକୋ ଓ ବ୍ରିଟେନ୍ ଦେଶକୁ ପ୍ରଭାବିତ କରିଥିଲା । ଏହାଦ୍ୱାରା ହଜାର ହଜାର ଲୋକ ମୃତ୍ୟୁମୁଖରେ ପଡ଼ିଥିଲେ । ଏହି ପର୍ଯ୍ୟାୟ ଦ୍ୱିତୀୟ ପର୍ଯ୍ୟାୟ ତୁଳନାରେ କମ୍ ମାରାତ୍ମକ ଥିଲେ ହେଁ ପ୍ରଥମ ପର୍ଯ୍ୟାୟଠାରୁ ଅଧିକ ଭୟଙ୍କର ଥିଲା ।

**ଚତୁର୍ଥ ସଂକ୍ଷିପ୍ତ ପର୍ଯ୍ୟାୟ:** ୧୯୨୦ ମସିହା ମାର୍ଚ୍ଚ ମାସରେ ନ୍ୟୁୟର୍କ ସହର ଏବଂ ବ୍ରିଟେନ୍, ଅଷ୍ଟ୍ରିଆ, ସ୍କାଣ୍ଡିନେଭିଆ ଏବଂ ଦକ୍ଷିଣ ଆମେରିକାର କେତେକ ଦେଶରେ ଅତି ସଂକ୍ଷିପ୍ତ ସଂକ୍ରମଣର ଏକ ଢେଉ ଆସିଥିଲା । କିଛି ବିଳମ୍ବରେ ଏହି ମହାମାରୀ ପହଞ୍ଚିଥିବା ଦେଶଗୁଡ଼ିକ ହେଲା ପେରୁ (୧୯୨୦ ମସିହାର ପ୍ରଥମ ଭାଗ) ଓ ଜାପାନ (୧୯୧୯ ମସିହାର ଶେଷ ଭାଗରୁ ୧୯୨୦ ମସିହାର ପ୍ରଥମ ଭାଗ) । ୧୯୨୦ ମସିହାର ମାର୍ଚ୍ଚ ମାସରେ ଏହି ଘାତକ ମହାମାରୀର ଶେଷ ସଂକ୍ରମଣ ଲକ୍ଷ୍ୟ କରାଯାଇଥିଲା ।

**ଲକ୍ଷଣ:** ପ୍ରଥମ ପର୍ଯ୍ୟାୟରେ ଅଧିକାଂଶ ସଂକ୍ରମିତ ରୋଗୀଙ୍କଠାରେ ଗଳାରେ ଘା' ଓ ମୁଣ୍ଡବ୍ୟଥା ଭଳି ସାଧାରଣ ଲକ୍ଷଣ ପ୍ରକାଶ ପାଇଥିଲା । ମାତ୍ର ଦ୍ୱିତୀୟ ପର୍ଯ୍ୟାୟରେ ଏହା ଅଧିକ ଗୁରୁତର ହୋଇ ଘାତକ ରୂପ ନେଇଥିଲା । ଏହା ପୁଣି ବ୍ୟାକ୍ଟେରିଆ ଜନିତ ନିମୋନିଆ ରୋଗ ଭଳି ଦ୍ୱିତୀୟ ସଂକ୍ରମଣ ଦ୍ୱାରା ଆହୁରି ଜଟିଳ ହୋଇ ଅଧିକାଂଶ ସମୟରେ ମୃତ୍ୟୁର କାରଣ ହେଉଥିଲା । ଏହି ଭାଇରସ୍ ମଧ୍ୟ ସିଧାସଳଖ ସଂକ୍ରମଣ ଦ୍ୱାରା ଫୁସ୍‌ଫୁସ୍‌ର ପ୍ରଦାହ ଓ ଫୁଲା ଦ୍ୱାରା ମୃତ୍ୟୁର କାରଣ ହେଉଥିଲା । ଏହି ଗୁରୁତର ରୋଗରେ କେତେକ କ୍ଷେତ୍ରରେ ସାରା ଶରୀର କ୍ରମଶଃ ନୀଳ ଓ କଳା ରଙ୍ଗ ପାଲଟି ଯାଉଥିଲା । ତା'ସହ ଫୁସ୍‌ଫୁସରେ ପାଣି ଜମିଯିବା ଦ୍ୱାରା ରୋଗୀ ମୃତ୍ୟୁମୁଖରେ ପଡୁଥିଲା । ଏହି ରୋଗର ଅନ୍ୟ ଲକ୍ଷଣମାନ ମଧ୍ୟରେ ପାଟି ଓ ନାକରୁ ଅଚାନକ ରକ୍ତ ପଡ଼ିବା, ଗର୍ଭବତୀଙ୍କ କ୍ଷେତ୍ରରେ ଗର୍ଭପାତ, ଦାନ୍ତ ଓ କେଶ ଉପୁଡ଼ିବା, ମୁଣ୍ଡ ବୁଲାଇବା, ନିଦ୍ରାହୀନତା, ଆଖିକୁ ଝାପ୍ସା ଦେଖାଯିବା ଇତ୍ୟାଦି । ଏହି ରୋଗର ଏକ ମୁଖ୍ୟ ଲକ୍ଷଣ ଥିଲା ପାଟି, ପାକସ୍ଥଳୀ ଓ ଅନ୍ତନାଳୀର ଲାଳଗ୍ରନ୍ଥୀରୁ ରକ୍ତସ୍ରାବ ହେବା । ଏହାବ୍ୟତୀତ କାନ ଓ ଚର୍ମରୁ ମଧ୍ୟ ରକ୍ତସ୍ରାବ ହେଉଥିଲା । ଏହିସବୁ ଗୁରୁତର ଲକ୍ଷଣ ଶରୀର ମଧ୍ୟରେ ମାତ୍ରାଧିକ ରୋଗପ୍ରତିରୋଧକ ପଦାର୍ଥ ସୃଷ୍ଟି ହେବା ଦ୍ୱାରା ଉତ୍ପନ୍ନ ହେଉଥିବାର ବିଶ୍ୱାସ କରାଯାଏ ।

*-ଏଜୁକେଶନ୍ ଅଫିସର*
*ଆଞ୍ଚଳିକ ବିଜ୍ଞାନ କେନ୍ଦ୍ର, ଭୋପାଳ*
*ମୋ : ୮୦୧୮୭୦୮୮୫୮*

## ଡିଜିଟାଲ ଡ୍ରଗ ଡିଭାଇସ୍

କାର୍ଯ୍ୟବ୍ୟସ୍ତତା ଏବଂ ଅଧିକ କାର୍ଯ୍ୟ ଚାପ ଯୋଗୁଁ ଅନେକ ଆଜିକାଲି ମାନସିକ ଚାପ (ମେଣ୍ଟାଲ ପ୍ରେସର)ର ସମ୍ମୁଖୀନ ହେଉଛନ୍ତି । ଯଦି ଆପଣ ଏପରି ପରିସ୍ଥିତିର ସମ୍ମୁଖୀନ ହେଉଛନ୍ତି ତେବେ ସେଥିରୁ ରକ୍ଷା ପାଇବାର ଏକ ଉପାୟ ଖୋଜିପାଇଛନ୍ତି ଆମେରିକୀୟ ବିଶେଷଜ୍ଞମାନେ । ଏମାନେ ନିକଟରେ 'ଥାଇନିକ୍' ନାମକ ଏକ ଡିଜିଟାଲ ଡ୍ରଗ୍ ଡିଭାଇସ୍ ପ୍ରସ୍ତୁତ କରିଛନ୍ତି । ବିଶେଷଭାବରେ ଏହି ଡିଭାଇସ୍ ଖରାପ ମୁଡ୍‌କୁ ସଜାଡିବାରେ ସହାୟକ ହୋଇପାରିବ । ଏପରି ପରିସ୍ଥିତିର ସମ୍ମୁଖୀନ ହେଉଥିବା ବ୍ୟକ୍ତି ଉକ୍ତ ନୂଆ ଡିଭାଇସ୍‌କୁ ମୁଣ୍ଡରେ ପିନ୍ଧିବାକୁ ପଡିଥାଏ । ଏହାର ଗୋଟିଏ ପାର୍ଶ୍ୱ ମୁଣ୍ଡର ପଛ ପଟକୁ ରହିଥିବା ବେଳେ ଅନ୍ୟଟି କାନ ଉପରେ ରହିଥାଏ । ଏଥିରୁ ନିର୍ଗତ ଏକ ରଶ୍ମିର ସୁପ୍ରଭାବ ମସ୍ତିଷ୍କ ଉପରେ ପଡିଥାଏ, ଯାହାଦ୍ୱାରା ସଂପୃକ୍ତ ବ୍ୟକ୍ତିଙ୍କର ମାନସିକତା ପ୍ରାୟ ସକାରାତ୍ମକ ରହିଥାଏ ବୋଲି ରିପୋର୍ଟରେ ଉଲ୍ଲେଖ କରାଯାଇଛି ।



## ଉପକାରୀ କାଢ଼ା


ଡା. ବସନ୍ତ କୁମାର ଷଡ଼ଙ୍ଗୀ

ସାମ୍ପ୍ରତିକ ପରିସ୍ଥିତିରେ କରୋନା ଭୂତାଣୁର କୁପ୍ରଭାବ ଦ୍ୱାରା ବିଶ୍ୱବାସୀ ଆଶଙ୍କାରେ ଏକ ଦ୍ୱନ୍ଦ୍ୱ ମାନସିକତା ଦେଇ ଗତିକରୁଥିବା ବେଳେ, ବର୍ତ୍ତମାନ ସୁଦ୍ଧା 'କୋଭିଡ୍-୧୯' ଭୂତାଣୁକୁ ପ୍ରତିରୋଧ ପାଇଁ କୌଣସି ପ୍ରତିଷେଧକ ଟିକା କିମ୍ବା ଔଷଧ ପ୍ରସ୍ତୁତି ହୋଇପାରିନାହିଁ । ଏପରି ସ୍ଥଳେ ନିଜେ ନିଜ ଶରୀରରେ ରୋଗ ପ୍ରତିରୋଧକଶକ୍ତି ବୃଦ୍ଧି କରାଇ କୋଭିଡ୍-୧୯ ଭୂତାଣୁର ପ୍ରତିରୋଧ ନିମନ୍ତେ ସମସ୍ତେ ଚେଷ୍ଟା କରିବା ଜରୁରୀ ଅଟେ । ଭାରତୀୟ ଆୟୁର୍ବେଦ ଚିକିତ୍ସା ପଦ୍ଧତିରେ ବର୍ଣ୍ଣିତ ବିଭିନ୍ନ ପ୍ରାକୃତିକ ଚିକିତ୍ସା ପ୍ରଣାଳୀ ଦ୍ୱାରା ଶରୀରରେ ରୋଗ ପ୍ରତିରୋଧକଶକ୍ତି ବୃଦ୍ଧି ନିମନ୍ତେ କେତେକ ବ୍ୟବସ୍ଥା ରହିଛି ।

**କାଢ଼ା(କ୍ୱାଥ):** ଶରୀରରେ ରୋଗପ୍ରତିରୋଧକ ଶକ୍ତି ବୃଦ୍ଧି ନିମନ୍ତେ 'କାଢ଼ା' ସେବନ କରିବା ଜରୁରୀ । କାଢ଼ା ସେବନ ଦ୍ୱାରା ଶରୀରରେ ଏହା ଅମୃତ ତୁଲ୍ୟ କାର୍ଯ୍ୟ କରିଥାଏ । ଆୟୁର୍ବେଦ ଶାସ୍ତ୍ରରେ ବର୍ଣ୍ଣିତ ବିଭିନ୍ନ ଆୟୁର୍ବେଦ ଔଷଧିୟ ଦ୍ରବ୍ୟକୁ ସିଝାଇ ଛାଣି ଉଷୁମ ଥିବା ଅବସ୍ଥାରେ ଚା' ପରି ପିଇବାକୁ 'କାଢ଼ା' ସେବନବିଧି କୁହାଯାଏ । କିଛି ଅଦା(ଛେଚିକରି), ଗୋଲମରିଚ ଗୁଣ୍ଡ(୪-୬ଟି), ଲବଙ୍ଗ (୪-୫ଟି), ଡାଲଚିନି, ଗୁଜୁରାତି ଗୁଣ୍ଡ (୧-୨ଟି), ତେଜପତ୍ର(୧-୨ଟି), କିଛି ତୁଳସୀପତ୍ର, ଅଳ୍ପ କଳାଲୁଣ, କଞ୍ଚା ହଳଦୀ (ଛୋଟ ଖଣ୍ଡେ ବା ହଳଦୀ ଗୁଣ୍ଡ ଅଧା ଚାମଚ), ଗୁଡ଼ (୨ ଚାମଚ)ଆଦି ଦ୍ରବ୍ୟକୁ ୩ରୁ ୪କପ୍ ପାଣି ଦେଇ ଏହାକୁ ସିଝାଇ ଛାଣି ଦିନରେ ଥରେ କିମ୍ବା ଦୁଇଥର ଖାଲି ପେଟରେ ଚା' ପରି ପିଇବା ଉଚିତ । ଏହାଦ୍ୱାରା ଶରୀରରେ ଯଥେଷ୍ଟ ପରିମାଣରେ ରୋଗ ପ୍ରତିରୋଧକଶକ୍ତି ବୃଦ୍ଧି ପାଇ ଗଳାପ୍ରଦେଶରେ ବିଭିନ୍ନ ଜୀବାଣୁ ଓ ଭୂତାଣୁର ସଂକ୍ରମଣକୁ ଯଥାଶୀଘ୍ର ନଷ୍ଟ କରିଦେଇଥାଏ । ଉକ୍ତ କାଢ଼ା ଗରମ ଥିବା ଅବସ୍ଥାରେ ମୁହଁରେ କପଡ଼ା ଦେଇ ଏହାର ବାମ୍ଫ ନେଲେ ଥଣ୍ଡା, କାଶ, ଛିଙ୍କ, ମୁଣ୍ଡବ୍ୟଥାରୁ ତୁରନ୍ତ ଆରାମ ମିଳିଥାଏ । ତେଣୁ କାଢ଼ା ସେବନ ଦ୍ୱାରା କୋଭିଡ୍-୧୯ ଭୂତାଣୁର କୁପ୍ରଭାବକୁ ଅତି ସରଳ ଉପାୟରେ ପ୍ରତିରୋଧ କରି ମନୁଷ୍ୟକୁ ସୁସ୍ଥ କରାଇ ମୃତ୍ୟୁମୁଖରୁ ରକ୍ଷା କରିବାରେ ସାହାଯ୍ୟ କରିଥାଏ । ଉକ୍ତ 'କାଢ଼ା' ପ୍ରସ୍ତୁତି ଓ ସେବନ ପ୍ରଣାଳୀ ବିଜ୍ଞାନ ସମ୍ମତ ତଥା ଆୟୁଷ ବିଭାଗ ଦ୍ୱାରା ଅନୁମୋଦିତ ।



କାଢ଼ା ସେବନ ଶରୀର ପାଇଁ ଅତି ଲାଭଦାୟକ ହୋଇଥିଲେ ସୁଦ୍ଧା ଅତ୍ୟଧିକ ସେବନ ଦ୍ୱାରା ଏହା ଶରୀରରେ ପାର୍ଶ୍ୱ ପ୍ରତିକ୍ରିୟା କରାଇଥାଏ । କେତେକ ବ୍ୟକ୍ତି ଏହାକୁ ଦିନରେ ବହୁବାର ସେବନ କରିଥାନ୍ତି, ଯଦ୍ୱାରା ପେଟ ଗୋଳମାଳ ହୋଇ ଝାଡ଼ା ହେବାର ଆଶଙ୍କା ରହିଥାଏ । ଅତ୍ୟଧିକ ସେବନ ଦ୍ୱାରା ଲିଭର ଓ ଆମାଶୟରେ ଅଲ୍‌ସର ହେବାର ଆଶଙ୍କା ରହିଥାଏ । ତେଣୁ ଦିନରେ ଥରେ କିମ୍ବା ଦୁଇଥର ଏହାକୁ (ଏକ କପ୍ ପରିମାଣର) ପିଇବା ଉଚିତ । ରୋଗପ୍ରତିରୋଧକ ଶକ୍ତି ବୃଦ୍ଧି ନିମନ୍ତେ ବିଭିନ୍ନ ପ୍ରକାର ତଟକା ଫଳ, ସବୁଜ ପନିପରିବା, କ୍ଷୀର, କାଜୁ, କିସ୍‌ମିସ୍ ଆଦିକୁ ପ୍ରତିଦିନ ଖାଦ୍ୟ ରୂପେ ଖାଇବା ଉଚିତ । ତା' ସହ କୋଭିଡ୍-୧୯ ଭୂତାଣୁର କୁପ୍ରଭାବକୁ ପ୍ରତିରୋଧ କରିବା ନିମନ୍ତେ ଶରୀରରେ ରୋଗପ୍ରତିରୋଧକ ଶକ୍ତି ନିତାନ୍ତ ଆବଶ୍ୟକ । ତେଣୁ ଉପରୋକ୍ତ ପ୍ରଣାଳୀର ସଦୁପଯୋଗ କରି ଆମେ ନୀରୋଗ ଓ ଦୀର୍ଘାୟୁ ଜୀବନଯାପନ କରିପାରିବା ।

*-ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର*
*ଚନ୍ଦାହାଣ୍ଡି, ନବରଙ୍ଗପୁର*
*ମୋ : ୭୮୯୪୧୧୨୪୮୭*



## କାର୍ଯ୍ୟଦକ୍ଷତାକୁ ସକ୍ରିୟ କରେ ସନ୍ତୁଳିତ ଜୀବନଶୈଳୀ

ଆଜିକାଲିର ବ୍ୟସ୍ତମୟ ସମୟରେ ନିଜ ଜୀବନଶୈଳୀକୁ ସନ୍ତୁଳିତ ରଖିବା ଅନେକଙ୍କ ପାଇଁ ସମ୍ଭବ ହେଉନାହିଁ । କିନ୍ତୁ ସନ୍ତୁଳିତ ଜୀବନଶୈଳୀରୁ ଅନେକ ଉପକାର ମିଳିଥାଏ । ଯେଉଁମାନେ ସନ୍ତୁଳିତ ଜୀବନଶୈଳୀ ଅନୁସରଣ କରନ୍ତି ସେମାନଙ୍କର କାର୍ଯ୍ୟଦକ୍ଷତା ଆହୁରି ସକ୍ରିୟ ହୋଇଥାଏ ବୋଲି ଏକ ସଦ୍ୟତମ ସର୍ଭେରୁ ଜଣାପଡ଼ିଛି । 'କାର୍ଯ୍ୟଦକ୍ଷତା ଓ ଜୀବନଶୈଳୀ' ଶୀର୍ଷକ ବିଷୟବସ୍ତୁକୁ ନେଇ ଲଣ୍ଡନ ୟୁନିଭର୍ସିଟି ପକ୍ଷରୁ ଏକ ସର୍ଭେ କରାଯାଇଥିଲା । ଏହାର ପରିସରଭୁକ୍ତ ବ୍ୟକ୍ତିମାନଙ୍କ ମଧ୍ୟରୁ ଯେଉଁମାନେ ଏକ ସନ୍ତୁଳିତ ଜୀବନଶୈଳୀ ଅନୁସରଣ କରୁଥିଲେ ସେମାନଙ୍କ ମଧ୍ୟରୁ ଅଧିକାଂଶ ବ୍ୟକ୍ତିଙ୍କର କାର୍ଯ୍ୟଦକ୍ଷତା ଅନ୍ୟମାନଙ୍କ ଅପେକ୍ଷା ସକ୍ରିୟ ଥିବାର ଜଣାପଡ଼ିଥିଲା ବୋଲି ସର୍ଭେ ରିପୋର୍ଟରେ ଉଲ୍ଲେଖ କରାଯାଇଛି । ହେଲେ ସନ୍ତୁଳିତ ଜୀବନଶୈଳୀ ସହ ନିଜର ମାନସିକତା ସକାରାତ୍ମକ ରହିବା ଆବଶ୍ୟକ ବୋଲି ଉକ୍ତ ସର୍ଭେ କରିଥିବା ବିଶେଷଜ୍ଞମାନେ ପରାମର୍ଶ ଦେଇଛନ୍ତି ।

## ସ୍ୱା ସ୍ଥ୍ୟ ସୂ ଚ ନା

- ସନ୍ତୁଳିତ ଖାଦ୍ୟ ଖାଇବା ସହ ଶରୀରରେ ଜଳୀୟ ଅଂଶକୁ ସନ୍ତୁଳିତ ରଖନ୍ତୁ । ପ୍ରତିଦିନ ଆବଶ୍ୟକ ମୁତାବକ ପାଣି ପିଇଲେ ଶରୀରରୁ କ୍ୟାଲୋରି ଦୂର ହୋଇଥାଏ ।
- ରାତ୍ରଭୋଜନ କରିବା ପରେ ସାଙ୍ଗେ ସାଙ୍ଗେ ଶୋଇବା ଠିକ୍ ନୁହେଁ । ଏହାପରେ କିଛି ସମୟ ଚଲାବୁଲା କରନ୍ତୁ । ଏହାଦ୍ୱାରା ଖାଇଥିବା ଖାଦ୍ୟ ସହଜରେ ହଜମ ହୋଇଥାଏ ।
- ଦିନ ତମାମ ଖାଉଥିବା ଖାଦ୍ୟ ଭିତରେ ଅଧିକ ବ୍ୟବଧାନ ରହିବା ଠିକ୍ ନୁହେଁ । ଏକାଥରେ ଆବଶ୍ୟକତାଠାରୁ ଅଧିକ ଖାଦ୍ୟ ଖାଆନ୍ତୁ ନାହିଁ । ନିର୍ଦ୍ଦିଷ୍ଟ ସମୟ ବ୍ୟବଧାନରେ ଅଳ୍ପ ଖାଦ୍ୟ ଖାଇପାରନ୍ତି ।





- ଯେତେ ସମ୍ଭବ କମ୍ ମସଲାଯୁକ୍ତ ଖାଦ୍ୟ ଖାଆନ୍ତୁ । କାରଣ ଏପରି ଖାଦ୍ୟର ପରିମାଣ ଅଧିକ ହେଲେ ତାହା ପାଚନକ୍ରିୟା ଉପରେ ପ୍ରଭାବ ପକାଇଥାଏ ।
- ସବୁବେଳେ ପ୍ରୋଟିନ୍‌ଯୁକ୍ତ ଖାଦ୍ୟ ଖାଆନ୍ତୁ ।
- ଏପରି ଖାଦ୍ୟ ଖାଆନ୍ତୁ ଯାହାଦ୍ୱାରା ଓଜନ ସନ୍ତୁଳିତ ରହିବ ଏବଂ ମନକୁ ପ୍ରଫୁଲ୍ଲ ରଖିବ ।
- ବୟସ ବଢ଼ିବା ସହ ନିଜ ସ୍ୱାସ୍ଥ୍ୟ ପ୍ରତି ଅଧିକ ସଚେତନ ରହନ୍ତୁ । ବିଶେଷଭାବରେ ଜୀବନଶୈଳୀ, ଖାଦ୍ୟପେୟ ପ୍ରତି ଅଧିକ ଧ୍ୟାନ ଦିଅନ୍ତୁ । ନିୟମିତ ସମୟ ଅନ୍ତରାଳରେ ସ୍ୱାସ୍ଥ୍ୟ ପରୀକ୍ଷା କରାଇ ନିଅନ୍ତୁ ।
- ରାତ୍ରଭୋଜନ କରିବା ପରେ ନିଶାଦ୍ରବ୍ୟ ସେବନ କରନ୍ତୁ ନାହିଁ । ଏହାର ଖରାପ ପ୍ରଭାବ ଶରୀର ଉପରେ ପଡ଼ିଥାଏ ।

## କୃତ୍ରିମ ସ୍ପାଇଡର ସିଲ୍କ

ବୁଣିଆଣୀ ସୂତାକୁ ଏଣିକି ଲାବରେଟୋରୀରେ ପ୍ରସ୍ତୁତ କରିହେବ । ଏ କ୍ଷେତ୍ରରେ ସଫଳତା ହାସଲ କରିଛନ୍ତି କାଲିଫର୍ନିଆ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ । ଦୀର୍ଘ ପାଞ୍ଚ ବର୍ଷ ଏ ସମ୍ପର୍କିତ ଗବେଷଣାରେ ସେମାନେ ଶେଷରେ ସଫଳତା ହାସଲ କରିଛନ୍ତି । ଏପରି ଗବେଷଣା ସମୟରେ ସେମାନେ ନିଜ ଦ୍ୱାରା ପ୍ରସ୍ତୁତ ଏକ ବ୍ୟାକ୍ଟେରିଆ ଏହାର ପରିସରଭୁକ୍ତ କରିଥିଲେ । ସାଧାରଣତଃ ବୁଢ଼ିଆଣୀଠାରୁ ନିର୍ଗତ ଏକ ପ୍ରକାର ପ୍ରୋଟିନ୍‌ରୁ ବୁଢ଼ିଆଣୀ ସୂତା ପ୍ରସ୍ତୁତ ହୋଇଥାଏ । ଉକ୍ତ ବିଶ୍ୱବିଦ୍ୟାଳୟ ବିଶେଷଜ୍ଞମାନେ ଏହି ବ୍ୟାକ୍ଟେରିଆରୁ ସିନ୍ଥେଟିକ୍ ଫାଇବର ପ୍ରୋଟିନ୍ ବାହାର କରିବାରେ ସକ୍ଷମ ହୋଇଥିଲେ । ଏହାକୁ ଆଧାର କରି କୃତ୍ରିମ ବୁଣିଆଣୀ ସୂତା ତିଆରି କରାଯାଇଥିଲା ବୋଲି ଗବେଷଣା ରିପୋର୍ଟରେ ଉଲ୍ଲେଖ କରାଯାଇଛି ।



ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୨ Press Regd. No. R.N. 21326/74 Postal Regd. No. BN/42/18-20. ସୋମବାର, ଅଗଷ୍ଟ ୨୪/୨୦୨୦ Monday, August 24/2020

# ପାକିସ୍ତାନ ଫଲୋଅନ

ସାଉଥାମ୍ପଟନ, ୨୩।୮

ଅଧିନାୟକ ଆଝାର ଅଲୀଙ୍କ ଶତକ ସତ୍ତ୍ୱେ ଏଠାରେ ଚାଲିଥିବା ଇଂଲଣ୍ଡ ବିପକ୍ଷ ତୃତୀୟ କ୍ରିକେଟ ଟେଷ୍ଟରେ ପାକିସ୍ତାନ ପ୍ରଥମ ଇନିଂସରେ ୨୭୩ ରନରେ ଅଲଆଉଟ ହୋଇଛି। ଫଳରେ ପାକିସ୍ତାନ ଫଲୋଅନ ହୋଇଛି। ଆଝାର ୧୪୧ (୨୭୨ ବଲ, ୨୧ ଚୌକା) ରନରେ ଅପରାଜିତ ରହିଥିଲେ। ୩ ମ୍ୟାଚ ବିଶିଷ୍ଟ ସିରିଜର ପ୍ରଥମ ଟେଷ୍ଟ ଜିତି ଇଂଲଣ୍ଡ ୧-୦ରେ ଅଗ୍ରଣୀଲାଭ କରିଛି। ବର୍ଷା ବାଧାପ୍ରାପ୍ତ ଦ୍ୱିତୀୟ ଟେଷ୍ଟ ଡ୍ର ରହିଥିଲା।

ଶନିବାର ଦ୍ୱିତୀୟ ଦିବସରେ ଇଂଲଣ୍ଡ ଏହାର ପ୍ରଥମ ଇନିଂସକୁ ୫୮୩/୮ରେ ଘୋଷଣା କରିଥିଲା। ପରେ ଷ୍ଟମ୍ପ ପ୍ରତ୍ୟାହୃତ ହେବା ବେଳକୁ ପାକିସ୍ତାନ ୨୪ ରନରେ ୩ଟି ଉଇକେଟ ହରାଇ ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ଦୁଇ ଓପନର ସାନ୍ ମାସୁଦ ୪ ଓ ଆବିଦ ଅଲୀ ୧ ରନ କରି ଆଉଟ ହୋଇଥିବାବେଳେ ନିର୍ଭରଯୋଗ୍ୟ ବାବର ଆଜମ ମାତ୍ର ୧୧ ରନ କରିବାକୁ ସକ୍ଷମ ହୋଇଥିଲେ। ଇଂଲଣ୍ଡ ଫାଷ୍ଟ ବୋଲର ଜେମ୍ସ ଆଣ୍ଡରସନ ୩ଟି ଯାକ ଉଇକେଟ ନେଇ ପାକ୍ ଶିବିରରେ ନୈରାଶ୍ୟ ଖେଳାଇ ଦେଇଥିଲେ। ରବିବାର ପୂର୍ବାହ୍ନରେ ଅସଦ ସଫିକ୍(୫)ଙ୍କୁ ଆଉଟ କରି କ୍ୟାରିୟରରେ ୬ ଉଇକେଟର ନିକଟତର ହୋଇଥିଲେ ଆଣ୍ଡରସନ। ଏହାକୁ ମିଶାଇ ତାଙ୍କ ଉଇକେଟ ସଂଖ୍ୟା ୫୯୭ରେ ପହଞ୍ଚିଥିଲା। ମଧ୍ୟାହ୍ନ ଭୋଜନ ବିରତି ପୂର୍ବରୁ ବର୍ଷା ପାଇଁ କିଛି ସମୟ ଖେଳ ବନ୍ଦ ରହିଥିଲା। ବିପଦରୁ ଉଦ୍ଧାର ପାଇଁ ପାକିସ୍ତାନକୁ ଏକ ବଡ଼ ପାର୍ଟନରଶିପ୍‌ର ଆବଶ୍ୟକ ହେଉଥିଲା। ୧୧ ବର୍ଷ ପରେ ଟେଷ୍ଟ କ୍ରିକେଟକୁ ଫେରିଥିବା ଫୱାଦ ଆଲମ ଏଠାରେ କିଛିଟା ଧୈର୍ଯ୍ୟ ଦେଖାଇଥିଲେ। ତେବେ ୪ର୍ଥ ଉଇକେଟ ଯୋଡ଼ିରେ ୪୫ ରନ ଯୋଗ ହେବାପରେ ଆଲମ ବ୍ୟକ୍ତିଗତ ୨୧(୭୪ ବଲ, ୧ ଚୌକା) ରନ କରି ସ୍ପିନର ଡମ୍ ବେସ୍‌ଙ୍କ ଶିକାର ହୋଇଥିଲେ। ତାଙ୍କ ଆଉଟ ସହ ପାକିସ୍ତାନ ସ୍କୋର ୭୫/୫ ହୋଇ ଯାଇଥିଲା। ଅଧିନାୟକ ଆଝାରଙ୍କ ସହ ଉଇକେଟ କିପର ରିଜୱାନ କ୍ରିଜରେ ଯୋଗଦେବାରେ ପାକିସ୍ତାନ ସ୍ଥିତିରେ ସୁଧାର ଆସିଥିଲା। ଦୁଇ ବ୍ୟାଟ୍ସମ୍ୟାନ ଚା’ ବିରତି ପର୍ଯ୍ୟନ୍ତ ଆଉ କୌଣସି କ୍ଷତି ହେବାକୁ ନ ଦେଇ ପାକିସ୍ତାନ ସ୍କୋରକୁ ୧୫୮ ରନରେ ପହଞ୍ଚାଇ ଦେଇଥିଲେ। ଇତିଅବସରରେ ଅର୍ଦ୍ଧଶତକ ହାସଲ ସହ ଆଝାର ଟେଷ୍ଟ କ୍ୟାରିୟରରେ ୬୦୦୦ ରନ ପୂରଣ କରିଥିଲେ। ବିରତି ପରେ ରିଜୱାନ ଅର୍ଦ୍ଧଶତକ ଓ ଆଝାର ଶତକ ପୂରଣ କରିଥିଲେ। ରିଜୱାନ ୧୧୩ ବଲ୍‌ରୁ ୫୩(୫ ଚୌକା, ୧ ଛକା) ରନ କରିଥିବାବେଳେ ଜେସ୍ ବଟଲରଙ୍କ ହାତରେ କ୍ୟାଚ କରାଇ ଇଂଲଣ୍ଡକୁ ପ୍ରତୀକ୍ଷିତ ବ୍ରେକ୍ ଥ୍ରୁ ଦେଇଥିଲେ କ୍ରିସ୍ ୱୋକ୍ସ। ଆଝାର ଓ ରିଜୱାନଙ୍କ ମଧ୍ୟରେ ୬ଷ୍ଠ ଉଇକେଟରେ ୧୩୮ ରନର ଭାଗୀଦାରି ହୋଇଥିଲା। ଆଣ୍ଡରସନ ୫ଟି, ଷ୍ଟୁଆର୍ଟ ବ୍ରଡ୍ ୨ଟି ଏବଂ ୱୋକ୍ସ ଓ ବେସ୍ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।




**For a test drive, Call on 1800 315 4444. Select variants available in CSD. Special offers for Defence Personnel, Government, PSU and Corporate Employees.**
**KWID and TRIBER available through CSD. For bulk enquiries, contact corpsales@renault.com**

Terms and conditions apply. #Prices mentioned above are for base variant for ex-showroom Bhubaneswar for each model and are exclusive of local taxes. *The benefits up to ₹ 35 000 for KWID include Cash benefit of ₹ 10 000, Exchange benefit of ₹ 15 000 & Loyalty Benefit of ₹ 10 000 (which includes Exchange benefit on Renault model or Cash discount on buying additional Renault model) on select versions. ^The benefits up to ₹ 70 000 for DUSTER include Cash benefit of up to ₹ 25 000, Exchange benefit of ₹ 25 000 & Loyalty benefit up to ₹ 20 000 (which includes exchange benefit on Renault model or Cash discount on buying additional Renault model) on select versions. ^^The benefits up to ₹ 30 000 for TRIBER include Exchange benefit of ₹ 20 000 & Loyalty benefit of ₹ 10 000 (which includes Exchange benefit on Renault model or Cash discount on buying additional Renault model) on select versions. Corporate/PSU/Defence Personnel/Government Employee benefits applicable for each model are basis eligibility of the customer and based on submission of required proof by the customer. **6.99% Rate of Interest is calculated on a loan amount of ₹ 2.32 Lakh for KWID, ₹ 3.82 Lakh for TRIBER, ₹ 6.53 Lakh for DUSTER for a tenure of 24 months. Rate of interest may vary based on loan amount and tenure. ##Under 4 months EMI Holiday program maximum Loan amount is fixed at ₹ 2.32 Lakh for KWID, ₹ 3.82 Lakh for TRIBER, ₹ 6.53 Lakh for DUSTER for a tenure of 24 months. Not valid for any added loan amount and tenure. Finance at the sole discretion of Renault Finance. Offers may vary across variants and cities. The above mentioned offers & benefits are valid till 31st August 2020 and are through Renault dealership. For detailed offers, visit www.renault.co.in/offers. Renault India Pvt. Ltd. reserves the right to change or modify the mentioned schemes and conditions without prior notice. Renault India Pvt. Ltd. shall not be liable for any loss or damage arising from your failure to comply or understand the offer details. In the event of any dispute, all matters shall be governed by all applicable laws of India and Court at Gurugram shall have the exclusive jurisdiction. For detailed terms and conditions, please visit www.renault.co.in

**SHOWROOMS: ODISHA: BHUBANESWAR:** RENAULT Bhubaneswar Mob: +91 8860076082, RENAULT Bhubaneswar North Mob: +91 9643800532. **BALANGIR:** RENAULT Balangir Mob: +91 9643800378. **KEONJHAR:** RENAULT Keonjhar Mob: +91 7428439130. **ROURKELA:** RENAULT Rourkela Mob: + 91 8860875802. **SAMBALPUR:** RENAULT Sambalpur Mob: +91 8860048351.

L&K | SAATCHI & SAATCHI




REVOLUTIONARY i3S TECHNOLOGY
ଶୀଘ୍ର ପିକ୍-ଅପ୍ – ଥ୍ରଟଲ ପୋଜିସନ୍ ସେନସର ଦ୍ୱାରା
ଚଢ଼ାଇ ରେ ସହଜ – ମାନିଫୋଲ୍ଡ ଆବସୋଲ୍ୟୁଟ୍ ପ୍ରେସର ସେନସର ଦ୍ୱାରା
ଇନ୍ଧନର ସଠିକ୍ ଉପଯୋଗ – ଅକ୍ସିଜେନ୍ ସେନସର ଏବଂ କ୍ରାଂକ ପୋଜିସନ୍ ସେନସର ଦ୍ୱାରା
ପଡ଼ିଯିବାରେ ଇଞ୍ଜିନ୍ ବନ୍ଦ ହୋଇଯାଏ – ବ୍ୟାଙ୍କ ଆଙ୍ଗଲ୍ ସେନସର ଦ୍ୱାରା
ଅଲଗା ଅଲଗା ଓଜନ, ବୋହିବାରେ ଉତ୍ତମ – ଭେଇକିଲ୍ ସ୍ପିଡ ସେନସର ଦ୍ୱାରା
ଟେମ୍ପ୍ରେଚର ରେ ଅଧିକ କଣ୍ଟ୍ରୋଲ – ଇଞ୍ଜିନ୍ ଅଏଲ ଟେମ୍ପ୍ରେଚର ସେନସର ଦ୍ୱାରା
ଉଚ୍ଚା ରାସ୍ତାରେ ରାଇଡିଂଗ – ଇନଟେକ୍ ଏୟାର ଟେମ୍ପ୍ରେଚର ସେନସର ଦ୍ୱାରା
ପ୍ରତ୍ୟେକ ମୌସୁମରେ ସହଜରେ ଷ୍ଟାର୍ଟ ହୁଏ – ଇନଟେକ୍ ଏୟାର ଟେମ୍ପ୍ରେଚର ସେନସର ଦ୍ୱାରା

Regd. Office: Hero MotoCorp Limited, The Grand Plaza, Plot No.2, Nelson Mandela Road, Vasant Kunj - Phase -II, New Delhi - 110070, India. CIN: L35911DL1984PLC017354. For further information, please contact your nearest Hero MotoCorp's dealership or contact on our Toll Free No.: 1800-266-0018 or visit our website www.heromotocorp.com. Accessories and features shown may not be a part of standard fitment. Always wear a helmet while riding a two-wheeler. *Available in Self variant I #Compared to the BS4 version I ^As per cumulative dispatch numbers till 15th September, 2019 I **Largest two-wheeler selling company in the world for any particular country for the year 2019.

HeroMotoCorpIndia @HeroMotoCorp HeroMotoCorpLimited TheHeroMotoCorp HeroMotoCorp.com

Hero WORLD'S NO. 1 ONE** | 9 CRORE+ HEROES^ | INDIA'S FIRST 5 YEAR WARRANTY *Conditions apply.

**Authorized Dealers: Bhubaneswar:** Rohan Hero - 7799766422; Bharat Hero - 7799766378; DD Hero - 7799766329; **Balasore:** Neelam Hero - 7799766393; **Baripada:** Aditya Hero - 7799766370; **Bhadrak:** Sanjib Hero - 7799766380; **Chandikhol:** S. K. Hero - 7799766362; **Cuttack:** JMG Hero - 7799766366, Sunny Hero - 7799766401, Essen Hero - 7799766425; **Jagatsinghpur:** Trishul Hero - 7799766383; **Jajpur Road:** Soumik Hero - 7799766410; **Jaleswar:** Sai Hero - 7799766407; **Jatni:** Vishal Hero - 7799766398; **Keonjhar:** Supreme Hero - 7799766360; **Nayagarh:** Bhagabati Hero - 7799766417; **Puri:** Sanjib Hero- 8448389695; **Behrampur:** Lakshmi Hero - 7799766350; **Jeypore:** Supreme Hero - 7799766340; **Phulbani:** Narayani Hero - 7799766373; **Raygada** Ajit Hero - 7799766358; **Bargarh:** Aakash Hero - 7799766396; **Bhawanipatna:** Arundhati Hero - 7799766385; **Bolangir:** Arundhati Hero - 7799766327; **Jharsuguda:** Vijaylaxmi Hero - 7799766368; **Rourkela:** Dua Hero -7799766391; **Sambalpur:** Sri Shyam Hero - 7799766356; **Sonepur:** Jai Jawan Hero - 7799766419; **Sundergarh:** Robotech Hero: 8448183659; **Angul:** Parbati Hero - 7799766342; **Dhenkanal:** Som Hero - 7799766347; **Talcher:** Tarini Hero - 7799766374

WT.5506.2020ODI



3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ